RNI No.ODIODI/2010/33031

୧୭ ବର୍ଷ | Volume- 17

ISSUE -146 | ସଂଖ୍ୟା–୧୪୬

ଭୁବନେଶ୍ୱର, ଗୁରୁବାର ୨୦ ଅଗଷ୍ଟ ୨୦୨୬

Bhubaneswar, Thursday 20 August, 2026

୦୮ ପୃଷ୍ଠା | Pages-08

ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00

www.odishamanthan.com

MANTHAN

ମନ୍ଥନ

www.odishamanthan.com | RNI No. ORIORI/2010/33031

ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




# ହୋମିଭାବା କ୍ୟାନସର୍ ହସ୍ପିଟାଲ ଓ ଗବେଷଣା କେନ୍ଦ୍ର ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ବଡ ନିଷ୍ପତ୍ତି

ଭୁବନେଶ୍ୱର,୧୯।୮(ନି.ପ୍ର.):ଜଟଣୀ ଠାରେ ପ୍ରତିଷ୍ଠା ହେବାକୁ ଯାଉଥିବା ହୋମିଭାବା କ୍ୟାନସର୍ ହସ୍ପିଟାଲ ଓ ଗବେଷଣା କେନ୍ଦ୍ର ପାଇଁ ଆବଶ୍ୟକ ଅତିରିକ୍ତ ଅର୍ଥ ରାଜ୍ୟ ସରକାର ନିଜସ୍ୱ ବଜେଟରୁ ଯୋଗାଇ ଦେବେ । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ନୀତିଗତ ନିଷ୍ପତ୍ତି ନିଆଯାଇଛି ।

ସୂଚନାଯୋଗ୍ୟ ଯେ, ଏହି ହସ୍ପିଟାଲଟି ପ୍ରସିଦ୍ଧ କ୍ୟାନସର୍ ଚିକିତ୍ସାଳୟ ଟାଟା ମେମୋରିଆଲ ସେଣ୍ଟର ଭଳି ଭାରତ ସରକାରଙ୍କ ଆଣବିକ ଶକ୍ତି ବିଭାଗ ଅଧୀନରେ ପ୍ରତିଷ୍ଠା କରାଯାଉଛି । ଏହି ହସ୍ପିଟାଲରେ ପୂର୍ବରୁ ଶଯ୍ୟା ସଂଖ୍ୟା



୨୦୦ ରଖାଯାଇଥିଲା, ତେବେ ପରବର୍ତ୍ତୀ ସମୟରେ ଏହାକୁ ୩୮୫କୁ ବୃଦ୍ଧି କରାଯାଇଛି । ଏହି ନିର୍ମାଣ ପାଇଁ ଖର୍ଚ୍ଚ ଆକଳନ ବୃଦ୍ଧି ପାଇଛି ।

ଏଥିପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ମଧ ଅର୍ଥ ଯୋଗାଇ ଦିଆଯାଉଛି। ତେବେ, ଯେଉଁ ଅତିରିକ୍ତ ଅର୍ଥରାଶି ଆବଶ୍ୟକ ହେବ, ଓଡିଶା ସରକାର ତାକୁ ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ନୀତିଗତ ନିଷ୍ପତ୍ତି ନେଇଛନ୍ତି । ହସ୍ପିଟାଲର ଶଯ୍ୟା କ୍ଷମତା ବୃଦ୍ଧି ଓ ଅନ୍ୟାନ୍ୟ ଭିତ୍ତିଭୂମି ଉପକରଣ ପାଇଁ ଏହି ଅର୍ଥ ବିନିଯୋଗ ହେବ ।

ସୂଚନାଯୋଗ୍ୟ ଯେ, ମୁମ୍ବାଇ ସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସିତ ହେବା ପାଇଁ ବହୁ ସଂଖ୍ୟକ ଓଡିଆ ରୋଗୀ ପ୍ରତିଦିନ ଯାଇଥାନ୍ତି । ଜଟଣୀରେ ଏହି ହସ୍ପିଟାଲ ପ୍ରତିଷ୍ଠା ପରେ ଏହାଦ୍ୱାରା କେବଳ ଓଡିଶାର ରୋଗୀମାନେ ନୁହେଁ ବରଂ ପୂର୍ବ ଭାରତର ସମସ୍ତ କର୍କଟ ରୋଗୀ ଉପକୃତ ହେବେ । ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି ।

# ରଣକ୍ଷେତ୍ର ପାଲଟିଲା ମାଷ୍ଟରକ୍ୟାଣ୍ଟିନ୍ ଛକ

ଭୁବନେଶ୍ୱର,୧୯।୮(ନି.ପ୍ର.): ଅନଲାଇନ୍ ଟ୍ୟାକ୍ସି ଡ୍ରାଇଭରଙ୍କ ଆନ୍ଦୋଳନରୁ ରାଜଧାନୀରେ ଲଙ୍କାକାଣ୍ଡ। ପ୍ରାୟ ୨ ଘଣ୍ଟା ଧରି ରଣକ୍ଷେତ୍ର ପାଲଟିଲା ବ୍ୟସ୍ତବହୁଳ ମାଷ୍ଟର କ୍ୟାଣ୍ଟିନ୍ ଛକ। ଡ୍ରାଇଭରଙ୍କ ଢେଲା ପଥର ମାଡ ସହ ହିଂସାକାଣ୍ଡରେ ସ୍ଥିତି ଅଣାୟତ ହେବା ପରେ ବାଧ ହୋଇ ପୋଲିସ୍ ପାଣି ମାଡ ସହ ଲାଠି ମାଡ କରି ସେମାନଙ୍କୁ ଘଉଡାଇଥିଲା। ଏହି ଘଟଣାରେ ୧୪ଟି ଆମ ବସ୍ ଓ କିଛି ପୋଲିସ୍ ଭ୍ୟାନ୍ ଭଂଗାରୁଜା ହୋଇଥିବା ବେଳେ ଆହତ ହୋଇଛନ୍ତି ୧୩ ପୋଲିସ୍ କର୍ମଚାରୀ। ସେପଟେ ପୋଲିସ୍ ୮୦ରୁ ଅଧିକ ଆନ୍ଦୋଳନକାରୀଙ୍କୁ ଗିରଫ କରିବା ସହ ଶତାଧିକ ଟ୍ୟାକ୍ସି ଓ ଅଟୋ ଜବତ କରିଛି। ଯାତ୍ରୀଭଡା ବୃଦ୍ଧି ସହିତ ଅନ୍ୟ କେତେକ ଦାବିରେ ଓଡିଶା ଅନଲାଇନ୍ ଚାଳକ ମିଳିତ ମଂଚ ପକ୍ଷରୁ ଆନ୍ଦୋଳନ ବେଳେ ଏଭଳି ଅଭାବନୀୟ ଘଟଣା ଘଟିଛି।





ଦିନ ପାଖାପାଖି ୧୦ଟା। ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନ୍ ଛକରେ ଚାହୁଁ ଚାହୁଁ ଶହ ଶହ ସଂଖ୍ୟାରେ ଅନଲାଇନ୍ ଅଟୋ, ଟ୍ୟାକ୍ସି ଓ ବାଇକ୍ ଚାଳକ ନିଜ ନିଜର ଗାଡି ଧରି ପହଞ୍ଚି ଯାଇଥିଲେ ଆନ୍ଦୋଳନ ପାଇଁ। ହେଲେ ସମୟ ଗଡିବା ସହ ଡ୍ରାଇଭରମାନେ ରାଜରାସ୍ତାରେ ଆରମ୍ଭ କରିଦେଇଥିଲେ ଉତ୍ପାତ। ରୋଡ୍ ଉପରେ ନିଜ ନିଜର ଗାଡି ରଖି ଜନପଥରେ ଯାତାୟତକୁ କରିଦେଇଥିଲେ ଠପ୍। କେଇ ମିନିଟ୍ ମଧ୍ୟରେ ଉଭୟ ପାର୍ଶ୍ୱରେ ଲାଇନ୍ ହୋଇ ଅଟକି ଯାଇଥିଲେ ଆମ ବସ୍ ଆଉ ସେହି ରାସ୍ତା ଦେଇ ଯାଉଥିବା ଅନ୍ୟାନ୍ୟ ଗାଡି। ଏହାରି ଭିତରେ ମାଷ୍ଟର କ୍ୟାଣ୍ଟିନ୍ ଛକକୁ ଏକ ପ୍ରକାର ନିଜ ଅକ୍ତିଆରକୁ ନେଇ ସାରିଥିଲେ ଅନଲାଇନ୍ ଡ୍ରାଇଭରମାନେ।

କଥା ଏତିକିରେ ଅଟକି ନଥିଲା। ଛିଡା ହୋଇଥିବା ଏକ କାର୍ ଚାଳକଙ୍କୁ ମାଡ ମାରିବା ସହ ଗାଡି ଭଙ୍ଗାରୁଜା କରିଥିଲେ। ଫଳରେ ଉପୁଜିଥିଲା ଆଇନଶୃଙ୍ଖଳା ପରିସ୍ଥିତି। ଏହାପରେ ପୋଲିସ୍, ଆନ୍ଦୋଳନକାରୀ ଡ୍ରାଇଭରଙ୍କୁ ବୁଝାସୁଝା କରିଥିଲା। କିନ୍ତୁ ସେ ଭିତରେ କିଛି ଆନ୍ଦୋଳନକାରୀ ପୋଲିସ୍ ଉପରକୁ ଢେଲାପଥର ମାଡ ସହ ସରକାରୀ ସଂପତ୍ତି ନଷ୍ଟ କରିବାରେ ଲାଗିପଡିଥିଲେ। ଚାହୁଁ ଚାହୁଁ ପୂରା ମାଷ୍ଟର କ୍ୟାଣ୍ଟିନ୍ ଛକ ପାଲଟି ଯାଇଥିଲା ରଣକ୍ଷେତ୍ର। ଆନ୍ଦୋଳନକାରୀଙ୍କୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ ବେଳେ ପୋଲିସ୍ ସହ ଧସ୍ତାଧସ୍ତି ପରିସ୍ଥିତି ମଧ ସୃଷ୍ଟି ହୋଇଥିଲା। ଏହା ଭିତରେ କିନ୍ତୁ ବଳି ପଡିଯାଇଥିଲେ ସାଧାରଣ ଯାତ୍ରୀ।

ପରିସ୍ଥିତି ଅଣାୟତ ହେବାରୁ ଭୁବନେଶ୍ୱର ଡିସିପି ନିଜେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଉତ୍ୟକ୍ତ ଡ୍ରାଇଭରମାନଙ୍କୁ ଘଉଡାଇବା ଲାଗି ପ୍ରଥମେ ପାଣିମାଡ, ତା ପରେ ଲାଠିମାଡ କରିଥିଲା ପୋଲିସ୍। ଗୋଡ ?ଇ ଗୋଡ ?ଇ ପୋଲିସ୍ ହିସାଂକାରୀମାନଙ୍କୁ ଘଉଡାଇବା ସହ ସେମାନଙ୍କୁ ଦୋକାନ ବଜାରରେ ଖୋଜି ଖୋଜି ଗିରଫ କରିଥିଲା। ୮୦ରୁ ଅଧିକ ଆନ୍ଦୋଳନକାରୀଙ୍କୁ ପୋଲିସ୍ ଗିରଫ କରିଥିବା ଜଣାପଡିଛି। ଡ୍ରାଇଭରଙ୍କ ଆକ୍ରମଣରେ ୧୩ ଜଣ ପୋଲିସ୍ ଆହତ ହୋଇଛନ୍ତି। ଆନ୍ଦୋଳନକାରୀମାନେ ୧୪ଟି ଆମ ବସ୍ ଓ କେତେକ ପୋଲିସ୍ ଭ୍ୟାନ୍ ଭଂଗାରୁଜା କରିଛନ୍ତି। ରାସ୍ତାରେ ବେଆଇନ ଭାବେ ଛିଡା କରିଥିବା ଟ୍ୟାକ୍ସି, ଅଟୋକୁ ପୋଲିସ ଜବତ କରିବା ସହ ଟୋ ଗାଡି ଲଗାଇ ଭିଡି ନେଇଥିଲା। ପାଖାପାଖି ୧ ଘଣ୍ଟା କାଳ ପୋଲିସର ଆକ୍ସନ ପରେ ଜନପଥରେ ଗାଡି ଚଳାଚଳ ସ୍ୱଭାବିକ ହୋଇଥିଲା।

ଆଜକୁ ୩ଦିନ ଧରି ଓଲା, ଉବର, ରାପିଡୋ ଭଳି କଂପାନୀର ଡ୍ରାଇଭରମାନେ ଆନ୍ଦୋଳନ କରିବା ସହ ସେମାନଙ୍କ ଦାବି ପୂରଣ କରିବା ପାଇଁ ଅଡି ବସିଛନ୍ତି। ସେମାନଙ୍କର ପ୍ରମୁଖ ଦାବିଗୁଡିକ ହେଉଛି- ଯାତ୍ରୀ ଭଡା ବୃଦ୍ଧି। ହେଲେ ସରକାର ଏହା ଉପରେ କୌଣସି ଆଲୋଚନା କରିନାହାନ୍ତି।

ପରିବହନ ମନ୍ତ୍ରୀ କହିଛନ୍ତି, ଆନ୍ଦୋଳନ ପଛରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ରହିଛି। କେହି ତାଙ୍କୁ ଉସୁକାଇ ଏପରି କାଣ୍ଡ ଘଟାଇଛି। କ୍ୟାବ୍ ଡ୍ରାଇଭରଙ୍କ ମନମାନି ଭାଙ୍ଗିବାକୁ ସରକାର ନୂଆ ଗାଇଡ୍ ଲାଇନ୍ ଆଣିବାକୁ ଯାଉଛନ୍ତି ବୋଲି ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ।

ହିଂସାକାଣ୍ଡ ପରେ ଶହ ଶହ ଟ୍ୟାକ୍ସି ଓ ଅଟୋ ଜବତ କରାଯାଇଥିବା ବେଳେ ହିଂସା ଘଟାଇଥିବା ଆନ୍ଦୋଳନକାରୀଙ୍କୁ ଖୋଜୁଛି ପୋଲିସ। ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଓ ସୋସିଆଲ ମିଡିଆରେ ଭାଇରାଲ୍ ହେଉଥିବା ଭିଡିଓ ଆଧାରରେ ହିଂସାକାରୀଙ୍କୁ ଚିହ୍ନଟ କରାଯାଉଛି।

# ୩ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପକୁ କ୍ୟାବିନେଟ୍ ମଞ୍ଜୁରି

ଭୁବନେଶ୍ୱର,୧୯।୮(ନି.ପ୍ର.): ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେଳ ମନ୍ତ୍ରଣାଳୟର ପ୍ରାୟ ୯,୪୫୦ କୋଟି ଟଙ୍କା ମୂଲ୍ୟର ୪ଟି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ଓଡିଶା, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦଶେ ଓ ତାମିଲନାଡୁ ରାଜ୍ୟରେ କାର୍ଯ୍ୟାନ୍ୱୟନ ହେବ। ପ୍ରସ୍ତାବିତ ପ୍ରକଳ୍ପଗୁଡିକ ହେଲା; ଖଡଗପୁର - ଭଦ୍ରକ (ରାଣୀତାଲ) ଚତୁର୍ଥ ଲାଇନ - ୧୭୩ କିଲୋମିଟର (ପଶ୍ଚିମବଙ୍ଗ ଏବଂ ଓଡିଶା), ଭଦ୍ରକ - ହରିଦାସପୁର ଚତୁର୍ଥ ଲାଇନ - ୭୫ କିଲୋମିଟର (ଓଡିଶା), କଟକ - ପାରାଦୀପ (ବଡବନ୍ଧ) ତୃତୀୟ ଏବଂ ଚତୁର୍ଥ ଲାଇନ୍ - ୭୨ କିଲୋମିଟର (ଓଡିଶା) , ଗୁମ୍ମିଡିପୁଣ୍ଡି - ଗୁଡୁର ତୃତୀୟ ଏବଂ ଚତୁର୍ଥ ଲାଇନ୍ - ୯୦ କିଲୋମିଟର (ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁ)।

ଚାରି ରାଜ୍ୟର ଆଠଟି ଜିଲ୍ଲା ଏସବୁ ପ୍ରକଳ୍ପ ଦ୍ୱାରା ଲାଭାନ୍ୱିତ ହେବେ। ଏହି ପ୍ରକଳ୍ପଗୁଡିକ ନିର୍ମାଣ ହେଲେ ଭାରତୀୟ ରେଳବାଇର ବର୍ତ୍ତମାନର ନେଟୱାର୍କ ପ୍ରାୟ ୪୧୦ କିଲୋମିଟର ଅଧିକ ବିସ୍ତାର କରିବ। ପ୍ରସ୍ତାବିତ ସମ୍ପ୍ରସାରଣ ପ୍ରକଳ୍ପଗୁଡ଼ିକ ପ୍ରାୟ ୬୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ପ୍ରାୟ ୬,୪୪୮ ଗ୍ରାମକୁ ଯୋଗାଯୋଗରେ ସୁଧାର ଆଣିବ ବୋଲି ରେଳମନ୍ତ୍ରଣାଳୟ ପକ୍ଷରୁ ଆଶାପୋଷଣ କରାଯାଇଛି।

ଏହି ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ଓଡିଶାର କୁଳଡିହା ବନ୍ୟପ୍ରାଣୀ ଅଭୟାରଣ୍ୟ, ଭିତରକନିକା ଜାତୀୟ ଉଦ୍ୟାନ, ମା' ଭଦ୍ରକାଳୀ ମନ୍ଦିର, ମା' ଧାମରାଇ ମନ୍ଦିର, ପଞ୍ଚଲିଙ୍ଗେଶ୍ୱର ମନ୍ଦିର, ତାଳସରୀ-ଉଦୟପୁର ଏବଂ



ଉପକୃତ ହେବେ ଓଡିଶା, ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶର ଆଠଟି ଜିଲ୍ଲା

ପ୍ରସ୍ତାବିତ ପ୍ରକଳ୍ପ ପାଇଁ ମୋଟ୍ ୯,୪୫୦ କୋଟି ଟଙ୍କା ବ୍ୟୟବରାଦ

୨୦୩୦-୩୧ ସୁଦ୍ଧା ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହେବ

ଓଡିଶାର ଭଦ୍ରକ-ହରିଦାସପୁର ୪ର୍ଥ ଲାଇନ୍ ସମେତ ୩ଟି ପ୍ରକଳ୍ପ ରହିଛି

ଚାନ୍ଦିପୁର ବେଳାଭୂମି, ଗଡ କୁଜଙ୍ଗ ଜଗନ୍ନାଥ ମନ୍ଦିର, ସାରଳା ମନ୍ଦିର, ଧବଳେଶ୍ୱର ମନ୍ଦିର, ଲଳିତ ଗିରି ବୌଦ୍ଧ ଐତିହ୍ୟ ସ୍ଥଳୀ ସମେତ ଆନ୍ଧ୍ର ପ୍ରଦେଶ ଓ ତାମିଲନାଡରୁ ପୁଲିକେଟ୍ ହ୍ରଦ, ନେଲାପଟ୍ଟୁ ପକ୍ଷୀ ଅଭୟାରଣ୍ୟ, ବୀରରାଘବ ପେରୁମଲ ମନ୍ଦିର ଆଦି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀକୁ ରେଳ ଯୋଗାଯୋଗରେ ସୁଧାର ଆସିବ ।

ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ କୋଇଲା, ଲୁହାପଥର, ସିମେଣ୍ଟ, ଲୁହା ଏବଂ ଇସ୍ପାତ, କଣ୍ଟେନର୍, ଅଟୋମୋବାଇଲ, ଶସ୍ୟ ଇତ୍ୟାଦି ସାମଗ୍ରୀ ପରିବହନ ପାଇଁ ଅତ୍ୟାବଶ୍ୟକ ମାର୍ଗ ହୋଇଥିବା କାରଣରୁ ଏହାର ନିର୍ମାଣ ଦ୍ୱାରା ବାର୍ଷିକ ୭୬ ନିୟୁତ ଟନ୍ ଅତିରିକ୍ତ ମାଲ ପରିବହନ କ୍ଷମତା ବୃଦ୍ଧି ପାଇବ । ଦେଶର ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ ହେବା ସହ ତୈଳ ଆମଦାନୀ ପ୍ରାୟ ୧୩୦ ନିୟୁତ ଲିଟର ଏବଂ ଅଙ୍ଗାରକାମ୍ଳ ନିର୍ଗମନ ପ୍ରାୟ ୬୫୦ ନିୟୁତ କିଲୋଗ୍ରାମ ହ୍ରାସ ପାଇବ । ଏହା ୨ କୋଟି ୬୦ ଲକ୍ଷ ଗଛ ଲଗାଇବା ସହିତ ସମାନ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ପ୍ରେସ୍‌ବିବୃତିରେ ଉଲ୍ଲେଖ କରାଯାଇଛି।

## ଆଶୁତୋଷ ପରିଡ଼ା ପାଇବେ ଶାରଳା ପୁରସ୍କାର

ଭୁବନେଶ୍ୱର,୧୯।୮(ନି.ପ୍ର.): ଓଡ଼ିଶା ସାହିତ୍ୟ ଜଗତ ପାଇଁ ଏକ ବଡ଼ ତଥା ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସିଛି। ପ୍ରସିଦ୍ଧ କବି ତଥା ସୁସାହିତ୍ୟିକ ଆଶୁତୋଷ ପରିଡ଼ା ସର୍ବୋଚ୍ଚ ସାହିତ୍ୟ ସମ୍ମାନ ଶାରଳା ପୁରସ୍କାର ପାଇବେ। ତାଙ୍କର ପ୍ରତିଷ୍ଠିତ କବିତା ସଂକଳନ 'ଅପ୍ରସ୍ତୁତ ମୃତ୍ୟୁ' ପାଇଁ ସେ ଏହି ପୁରସ୍କାର ପାଇବେ। ସେ ପୂର୍ବରୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମଧ ପାଇସାରିଛନ୍ତି।ସୂଚନା ଥାଉକି, ଆଶୁତୋଷ ପରିଡ଼ା ୧୯୪୬ରେ କେନ୍ଦ୍ରାପଡ଼ା ଜିଲାରେ ଜନ୍ମଗ୍ରହଣ କରିଥିଲେ। ସେ ଜଣେ କେବଳ ସାହିତ୍ୟିକ ନୁହନ୍ତି ବରଂ ଜଣେ ବିଜ୍ଞାନୀ ଭାବେ ମଧ ଭୁବନେଶ୍ୱରସ୍ଥିତ ଖଣିଜ ଏବଂ ପଦାର୍ଥ ପ୍ରରୌଦ୍ଧ ?ଗିକୀ ସଂସ୍ଥା (ଓଗଗଞ୍ଜ)ରେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ପ୍ରମୁଖ କବିତା ସଂକଳନତାଙ୍କର ଅନେକ ଉଚ୍ଚକୋଟୀର କବିତା ପୁସ୍ତକ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି। ସେଗୁଡ଼ିକ ମଧ୍ୟରେ 'ଇପସିତ କ୍ରୋଧ', 'ଅପ୍ରସ୍ତୁତ ମୃତ୍ୟୁ, 'ଅଙ୍ଗାର ଗାର', 'ଆକ୍ରାନ୍ତ ଅକ୍ଷର', 'ଅନ୍ତରାଳ', ଏବଂ 'ଚଣ୍ଡାଳ' ଆଦି ଅନ୍ତର୍ଭୁକ୍ତ।ସେ ପୂର୍ବରୁ ୧୯୯୦ରେ 'ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର' ଏବଂ ପ୍ରତିଷ୍ଠିତ' କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର' ସମେତ ଅନେକ ସମ୍ମାନଜନକ ପୁରସ୍କାର ଲାଭ କରିସାରିଛନ୍ତି। ଶାରଳା ପୁରସ୍କାରର ଗୁରୁତ୍ୱ ଓଡ଼ିଆ ସାହିତ୍ୟର ଆଦିକବି ଶାରଳା ଦାସଙ୍କ ସ୍ମୃତିରେ ଇମ୍ପାକ୍ଟ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପ୍ରତିବର୍ଷ ଏହି ସର୍ବୋଚ୍ଚ ସାହିତ୍ୟ ପୁରସ୍କାର ପ୍ରଦାନ କରାଯାଏ।

## ହକି ବିଶ୍ୱକପ : ପାକିସ୍ତାନକୁ ହରାଇଲା ଭାରତ

ନୂଆଦିଲ୍ଲୀ,୨୨।୮: ଭାରତୀୟ ହକି ଦଳ ବୁଧବାର ନେଦରଲାଣ୍ଡସ୍‌ର ଆମ୍ସଟଲଭେନ୍ ଷ୍ଟାଡିୟମରେ ବିଶ୍ୱକପ୍ ୨୦୨୬ର ପୁଲ-ଡି ମୁକାବିଲାରେ ପାକିସ୍ତାନକୁ ୫-୩ ଗୋଲରେ ପରାସ୍ତ କରିଛି। ଭାରତ ଏବଂ ପାକିସ୍ତାନ ଟିମ୍ ମଧ୍ୟରେ ୧୬ ବର୍ଷର ଅପେକ୍ଷା ପରେ ବିଶ୍ୱକପ୍ ମ୍ୟାଚ୍ ଖେଳାଯାଇଛି। ଉଭୟଙ୍କ ମଧ୍ୟରେ ୨୦୧୦ରେ ବିଶ୍ୱକପ୍‌ରେ ମୁକାବିଲା ହୋଇଥିଲା। ସେହି ମ୍ୟାଚ୍‌ରେ ଭାରତ ୪-୧ଗୋଲ୍‌ରେ ପାକିସ୍ତାନକୁ ପରାସ୍ତ କରିଥିଲ। ଏବେ ପୁଣି ପାକିସ୍ତାନକୁ ଭାରତ ପରାସ୍ତ କରି କୋଟିକୋଟି ଭାରତୀୟ ହକିପ୍ରେମୀଙ୍କ ହୃଦୟ ଜିତିଛନ୍ତି ଆମ ଖେଳାଳି। ଏହି ବିଜୟ ସହିତ ଭାରତ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିବା ବେଳେ ପାକିସ୍ତାନର ବିଦାୟ ହୋଇଛି।

ମ୍ୟାଚ୍‌ର ଆରମ୍ଭରୁ ଭାରତର ପ୍ରଭାବ ଦେଖିବାକୁ ମିଳିଥିଲା। ପ୍ରଥମ କ୍ୱାର୍ଟରରେ ଟିମ୍ ଇଣ୍ଡିଆର ଅଧିନାୟକ ହରମନପ୍ରୀତ ସିଂହ (୫ମିନିଟ୍) ଏବଂ ଅଭିଷେକ (୧୧ମିନିଟ୍)ରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ଏହା ପରେ ଦ୍ୱିତୀୟ କ୍ୱାର୍ଟରରେ କଡାମୁକାବିଲା ହୋଇଥିଲା। ପାକିସ୍ତାନୀ ଦଳ ଭାରତ ଉପରେ ୨ଟି ଗୋଲ୍ ଦେଇଥିଲା। ଭାରତ ମଧ ପାକିସ୍ତାନ ଉପରେ ୨ଟି ଗୋଲ୍ ଦେଇଥିଲା। ୨୧ମିନିଟ୍‌ରେ ହରମନପ୍ରୀତ ଏବଂ ୨୪ମିନିଟ୍‌ରେ ଅଭିଷେକ ଗୋଲ୍ ମାରିଥିଲେ। ପାକିସ୍ତାନ ପାଇଁ ହନ୍ନାନ ଶାହିଦ (୨୨ମିନିଟ୍) ଏବଂ ସୁଫିୟାନ ଖାନ (୨୫ମିନିଟ୍) ଗୋଲ୍ ଦେଇଥିଲେ। ପାକିସ୍ତାନ ପାଇଁ ହନ୍ନାନ ଖାତା ଖୋଲିଥିଲେ। ମ୍ୟାଚ୍‌ରେ ମୋଟ ୪ଗ୍ରିନ କାର୍ଡ ଦିଆଯାଇଥିଲା। ଏଥିରେ ୨ଟି ଭାରତ ପାଇଁ ଥିଲା। ବାକି ୨ଟି ପାକିସ୍ତାନ ପାଇଁ ଥିଲା। ଗୋଟିଏ ହଳଦିଆ କାର୍ଡ ଭାରତର ଆଦିତ୍ୟ ଅର୍ଜୁନଙ୍କୁ ମିଳିଥିଲା। ଦୁଇଟି କ୍ୱାର୍ଟର ମ୍ୟାଚ୍ ଶେଷ ହେଲା ପରେ ଭାରତ ୪-୨ରେ ଅଗ୍ରଣୀଲାଭ କରିଥିଲା। ଏହି ସମୟରେ ପାକିସ୍ତାନକୁ ଭଲ ପ୍ରଦର୍ଶନ କରି ଗୋଲ୍ ମାରିବାର ଥିଲା। କିନ୍ତୁ ତୃତୀୟ କ୍ୱାର୍ଟରରେ ଦଳର ପ୍ରଭାବ ନିଷ୍କ୍ରିୟ ହୋଇଯାଇଥିଲା। ପାକିସ୍ତାନର ଖେଳାଳି କେଣସି ଗୋଲ୍ ଦେଇପାରି ନଥିଲେ। କିନ୍ତୁ ଭାରତ ଏକ ଗୋଲ୍ ଦେଇ ହାର୍ଦ୍ଦିକ ସିଂହ ୩୫ମିନିଟରେ ପେନାଲ୍ଟି କର୍ଣ୍ଣରରେ ଗୋଲ୍ ମାରିଥିଲେ। ତୃତୀୟ କ୍ୱାର୍ଟର ଶେଷ ବେଳକୁ ଭାରତ ୫-୩ ଗୋଲ୍‌ରେ ଅଗ୍ରଣୀ ଲାଭ କରିଥିଲା। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରରେ ପାକିସ୍ତାନ ଗୋଟିଏ ଗୋଲ ଦେଇଥିଲା।

# କଟକ ବଡ ମେଡିକାଲ ଓ ରାଉରକେଲା ହନୁମାନ ବାଟିକା ପ୍ରକଳ୍ପ ପୁନଃବିକାଶ କାର୍ଯ୍ୟ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯।୮(ନି.ପ୍ର.): ଏସସିବି ମେଡିକାଲ ପରିସରରେ ୪ଟି ନୂତନ କ୍ଲିନିକାଲ୍ ଏବଂ ଗୋଟିଏ ଆବାସିକ ବ୍ଲକର ନିର୍ମାଣ କାର୍ଯ୍ୟ ଖୁବ ଶୀଘ୍ର ଶେଷ ହେବ। ଏପରିକି ଆବାସିକ ବ୍ଲକର ନିର୍ମାଣ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଥିବାବେଳେ କ୍ଲିନିକାଲ୍ ବ୍ଲକ ଗୁଡିକ ଆସନ୍ତା ବର୍ଷ ଜୁନ୍ ସୁଦ୍ଧା ଶେଷ ହେବ ବୋଲି ଜଣାପଡିଛି। ଏହା ସହିତ ଆଉ ଏକ ମେଡିସିନ୍ ବ୍ଲକ ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଖୁବ୍ ଶୀଘ୍ର ସ୍ଥାନ ନିରୂପଣ କରି ପ୍ରସ୍ତାବ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

କଟକସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲର ଉନ୍ନତିକରଣ ଓ ଭିତ୍ତିଭୂମି ବିକାଶ ସହିତ ଏହାକୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ରୂପାନ୍ତରିତ କରିବା ପାଇଁ ଚାଲିଥିବା ମେଗା ପୁନଃବିକାଶ ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନଠାରେ ସମୀକ୍ଷା କରିଛନ୍ତି।

ପ୍ରଥମ ପର୍ଯ୍ୟାୟରେ ନିର୍ମାଣାଧୀନ ବହୁତଳ କାର ପାର୍କିଂ ଏବଂ ହସ୍ପିଟାଲର ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ କାର୍ଯ୍ୟର ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା କରାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏସସିବିକୁ ଆସୁଥିବା ହଜାର ହଜାର ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଆଧୁନିକ ଚିକିତ୍ସା ସେବା ଯୋଗାଇଦେବା ପାଇଁ କ୍ଲିନିକାଲ ବ୍ଲକଗୁଡ଼ିକର ନୂତନ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ହସ୍ପିଟାଲ ସଂଲଗ୍ନ ତାଳଦଣ୍ଡା କେନାଲର ଦୁଇ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ସୁସଜ୍ଜିତ କରିବା, ଚଉଡ଼ା ରାସ୍ତା ନିର୍ମାଣ କରିବା ଏବଂ ସୌନ୍ଦର୍ଯ୍ୟକରଣ କରି ମନୋରମ ପରିବେଶ ସୃଷ୍ଟି କରାଯିବା ଆବଶ୍ୟକ। ପ୍ରଥମ ପର୍ଯ୍ୟାୟରେ ନିର୍ମାଣାଧୀନ ବହୁତଳ କାର ପାର୍କିଂ ଏବଂ ତାଳଦଣ୍ଡା କେନାଲ ସଂଯୋଜିତ ଟ୍ରାଫିକ କରିଡର କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ



ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପାର୍କିଂ ବ୍ୟବସ୍ଥା ଦ୍ୱାରା ଏସସିବି ଏବଂ ନିକଟସ୍ଥ ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନକୁ ଆସୁଥିବା ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ ଟ୍ରାଫିକ ସମସ୍ୟା ଦୂର ହୋଇପାରିବ। ଏଥିସହିତ ମେଡିକାଲ ସଂଲଗ୍ନ ବୋଷ ଇଞ୍ଜିନିୟରିଂ ସ୍କୁଲ, ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟ ଏବଂ ଓଡ଼ିଶା ରାଜ୍ୟ ସାମୁଦ୍ରିକ ସଂଗ୍ରହାଳୟ ଅଞ୍ଚଳଗୁଡ଼ିକର ସମନ୍ୱିତ ପାର୍ଶ୍ୱବର୍ତ୍ତୀ ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ମଧ ଏଥିସହିତ ସଂଯୋଜିତ କରାଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୁଣବତ୍ତା ବଜାୟ ରଖି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।ଏଥିସହିତ ରାଉରକେଲାର ପ୍ରସିଦ୍ଧ ଧାର୍ମିକ ପର୍ଯ୍ୟଟନ ସ୍ଥଳୀ ହନୁମାନ ବାଟିକାର ବିକାଶ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ରୂପାନ୍ତରଣକୁ ନେଇ ଏହି ବୈଠକରେ ଆଲୋଚନା କରାଯାଇଛି। ଓଡ଼ିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକ୍ସନ କର୍ପୋରେସନ ଲିମିଟେଡ ଦ୍ୱାରା ହାତକୁ ନିଆଯାଉଥିବା ନୂତନ ନିର୍ମାଣ କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ ଆଧାତ୍ମିକ ଶୈଳୀ ଓ ଭାବନାକୁ ଆଧାର କରି ଗଢ଼ିତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ପ୍ରସ୍ତାବିତ କଲ୍ୟାଣ ମଣ୍ଡପ ସମେତ ଅନ୍ୟାନ୍ୟ ଆଧାତ୍ମିକ ସଂରଚନାର ନିର୍ମାଣ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବାଟିକା ବାହାରେ ଥିବା ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସୌନ୍ଦର୍ଯ୍ୟକରଣ, ପ୍ରଶସ୍ତ ଗମନାଗମନ ପଥ ଏବଂ ଆଲୋକୀକରଣ କାର୍ଯ୍ୟ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।

ଏହି ବୈଠକରେ ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ., ଓବିସିସିର ପରିଚାଳନା ନିର୍ଦ୍ଦେଶକ ଅନୁପମ ଶାହା, କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏବଂ କଟକ ମହାନଗର ନିଗମ କମିଶନର କିରନ୍ଦୀପ କୌର ସାହୋଟା ପ୍ରମୁଖ ଉପସ୍ଥିତ ଥିଲେ।

## ଛେଣ୍ଡିପଦାରେ ପ୍ରସ୍ତାବିତ ଅଳକା ନନ୍ଦା କୋଇଲା ଖଣି ପ୍ରକଳ୍ପ ପ୍ରତିଷ୍ଠା

# ପରିବେଶ ସମ୍ବନ୍ଧୀୟ ଜନ ଶୁଣାଣୀ କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳା ସହ ସଫଳ

ଅନୁଗୋଳ /ଛେଣ୍ଡିପଦା, ୧୯।୮(ନି.ପ୍ର.): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ତହସିଲ ଅନ୍ତର୍ଗତ କଙ୍କୁର ପାଳ ଗ୍ରାମ ଠାରେ ପ୍ରସ୍ତାବିତ ଅଳକା ନନ୍ଦା କୋଇଲା ଖଣି ପ୍ରକଳ୍ପ ପ୍ରତିଷ୍ଠା ସକାଶେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ , ଅନୁଗୋଳ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ପରିବେଶ ସମ୍ବନ୍ଧୀୟ ଜନ ଶୁଣାଣୀ



କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳା ସହ ଅନୁଷ୍ଠିତ ହୋଇଯାଇଛି । ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଗୋଳ ଆଞ୍ଚଳିକ ଅଧିକାରୀ ଇଞ୍ଜିନିୟର ରମେଶ କୁମାର ଏକ୍କା ଜନ ଶୁଣାଣୀ ଶିବିର ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜନ ପ୍ରତିନିଧି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା , ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଦିଲ୍ଲୀପ କୁମାର ବେହେରା, ଜିଲ୍ଲା ପରିଷଦ ସଭ୍ୟ ଯଶୋବନ୍ତ ପ୍ରସାଦ ବେହେରା, ସୁରେଶ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଗୋପବନ୍ଧୁ ଗଡ଼ନାୟକ, ଧନେଶ୍ୱର ବେହେରା, ଶ୍ରୀରାମ ନାଏକ, ଲମ୍ବୋଦର ବେହେରା, ଶୁଭେନ୍ଦୁ ବେହେରା, ବରିଷ୍ଠ ନେତା ଚୌଧୁରୀ ପ୍ରଧାନଙ୍କ ସମେତ କ୍ଷତିଗ୍ରସ୍ତ ପ୍ରଜା ଓ ଜମିହରା ପ୍ରଜା ମାନେ ପରିବେଶ ମଞ୍ଜୁରୀ ଏବଂ କୋଇଲା ଖଣି ପ୍ରତିଷ୍ଠା ସପକ୍ଷରେ ମତାମତ ପ୍ରଦାନ କରିଥିଲେ । ବିଶେଷ କରି କୋଇଲା ଖଣି ପ୍ରତିଷ୍ଠା ହେଲେ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ବହୁଳ ପରିମାଣରେ କମ୍ପାନୀ ପ୍ରଶାସନ ଓ ଜଙ୍ଗଲ ବିଭାଗ ପକ୍ଷରୁ ବୃକ୍ଷ ରୋପଣ କରିବା ପାଇଁ ଅଧିକାଂଶ ପ୍ରସ୍ତାବ ଦେଇଥିଲେ ।ତେବେ କମ୍ପାନୀ ପକ୍ଷରୁ ଉପରୋକ୍ତ ପ୍ରସ୍ତାବ, ଦାବି ଆପତ୍ତି ଉପରେ ବିଚାର ତର୍ଜମା କରାଯାଇ ଆଶୁ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । ସୂଚନା ଯୋଗ୍ୟ ଯେ , ଅଳକା ନନ୍ଦା କୋଇଲା ଖଣି ପ୍ରକଳ୍ପ ଖଣି ଖନନ, ଉତ୍ତୋଳନ, ଉତ୍ପାଦନ ପରିବହନ,ପରିଚାଳନା କାର୍ଯ୍ୟ ସକାଶେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରସ୍ତାବିତ ଘରୋଇ କମ୍ପାନୀ ମେସର୍ସ ରୁଙ୍ଗଟା ସନ୍ସ ପ୍ରାଇଭେଟ୍ ଲିମିଟେଡ କମ୍ପାନୀ କୁ ଲିଜ୍ ଅନୁମତି ପ୍ରଦାନ କରାଯାଇଛି । ଏହି ପ୍ରକଳ୍ପ ଦ୍ୱାରା ମୋଟ ୧୧୦୨ ହେକ୍ଟର ଜମି ଅଧିଗ୍ରହଣ ହେବ ଏବଂ ବାର୍ଷିକ ୧୦ ମିଲିୟନ ଟନ କୋଇଲା ଉତ୍ପାଦନ ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ପ୍ରକଳ୍ପ ଯୋଗୁଁ କାଙ୍କୁର ପାଳ, କଙ୍କୁର ପାଳ ସଂରକ୍ଷିତ ଜଙ୍ଗଲ, ଶାଳଖମଣ, ଗୋଲାଗାଡିଆ ଜଙ୍ଗଲ, ଡାହିବର, ବଡବେରେଣା ଗ୍ରାମରେ ଥିବା ସରକାରୀ, ବେସରକାରୀ, ବ୍ୟକ୍ତିଗତ ରେକର୍ଡ ଭୁକ୍ତ ଜମି ଏବଂ ଜଙ୍ଗଲ କିସମ ଜମି ଅଧିଗ୍ରହଣ ସକାଶେ ପ୍ରାରମ୍ଭିକ ସର୍ଭେ ସାଙ୍ଗକୁ ଆକଳନ କରାଯାଇଛି । ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ କମ୍ପାନୀ ମୁଖ୍ୟ ମହା ପ୍ରବନ୍ଧକ (ମାନବ ସମ୍ବଳ ଓ କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗ ) ଲଳିତ ନାରାୟଣ ରାଉତ ଯୋଗ ଦେଇ ପ୍ରକଳ୍ପ ସମ୍ପର୍କିତ ସବିଶେଷ ତଥ୍ୟ ଓ ପରିବେଶ ସୁରକ୍ଷା ନିମନ୍ତେ ଗ୍ରହଣ କରାଯାଇଥିବା ପଦକ୍ଷେପ ଗୁଡିକ ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ଉପରୋକ୍ତ କାର୍ଯ୍ୟକ୍ରମରେ ଛେଣ୍ଡିପଦା ତହସିଲଦାର ମାନସ ରାୟ , ଥାନା ଅଧିକାରୀ ଦିଗ ବିଜୟ ବିଶ୍ୱାଳ, ଜଙ୍ଗଲ ବିଭାଗୀୟ ଅଧିକାରୀ, କମ୍ପାନୀ ପଦାଧିକାରୀ ,କର୍ମଚାରୀ , ପୋଲିସ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ। ଅନୁଗୋଳ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ଆବଶ୍ୟକୀୟ ପୋଲିସ ଫୋର୍ସ ମୁତୟନ କରିବା ସହ ପରିସ୍ଥିତି ପ୍ରତି ନଜର ରଖାଯାଇଥିଲା ।



# ସୁନା ଅଳଙ୍କାର ସମେତ ନଗଦ ଟଙ୍କା ଚୋରି ଅଭିଯୋଗ

ଡେଲାଙ୍ଗ,୧୯।୮ :(ମନ୍ଥନ)ଡେଲାଙ୍ଗ ଥାନା ସୁଜନପୁର ପଂଚାୟତ ଅରନ୍ତଗତ ସାତିକ୍?ପୁର ଗ୍ରାମରେ ଚିତରଞ୍ଜନ ରଥଙ୍କ ଘରୁ ବଡ ଧରଣ ଚୋରୀ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତିକରି ଡେଲାଙ୍ଗ ପୋଲିସ ୨୪୬/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ତେବେ ମିଳିଥିବା ସୁଚନା ମୁତାବକ ଚିତରଞ୍ଜନଙ୍କ ଘରେ କେହି ନଥିଲେ । ଦୁର୍ବୃର୍ତ୍ତ ମାନେ ମଙ୍ଗଳବାର ରାତିରେ ତାଙ୍କର ଘରର ଦାଣ୍ଡ ଓ ବାରିପଟ କବାଟ ତାଲା ଭାଙ୍ଗି ଘରେ ପଶି ଥିଲେ । ସେ ଶୋଇବା ରୁମ ଗଡରେଜ ଭିତରେ ଥିବା ନଗଦ ଟଙ୍କା ୧ଲକ୍ଷ ୬୩ହଜାର ସମେତ ୨୦ଭରି ସୁନା ଅଳଙ୍କାର କୁ ଚୋରୀ କରି ନେଇ ଯାଇଥିବା ଚିତରଞ୍ଜନ ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଘଟଣାସ୍ଥଳରେ ଡେଲାଙ୍ଗ ଥାନା ଅଧିକାରୀ ପୁର୍ଣ୍ଣଚନ୍ଦ୍ର ସେଠୀ ପହଂଚି ତଦନ୍ତ ଚଳାଇଥିବା ସହ ଅଧିକ ତଦନ୍ତ ପାଇଁ ପୁରୀରୁ ସାଇଟିଫିକ ଟିମ ଏବଂ ସନ୍ଧାନୀ କୁକୁର କୁ ନିୟୋଜିତ୍ କରିଥିବା ଥାନା ଅଧିକାରୀ ଶ୍ରୀସେଠୀ ସୂଚନା ଦେଇଛନ୍ତି ।

# ଜିଲ୍ଲାରେ ସଡ଼କ ସୁରକ୍ଷା ଓ ନାଗରିକ ନିରାପତ୍ତା କୁ ଦୃଷ୍ଟିରେ ରଖି ଭାରୀଯାନ ଚଳାଚଳ ଓ ପାର୍କିଙ୍ଗ କଟକଣା

ଜଗତସିଂହପୁର,୧୯।୮ :(ମନ୍ଥନ)ଜିଲ୍ଲାରେ ସଡ଼କ ସୁରକ୍ଷା ଓ ନାଗରିକ ନିରାପତ୍ତା କୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଜେ ସୋନାଲ ମୋଟର ଯାନ ଆକ୍ଟ ୧୯୮୮ ର ଧାରା ୧୧୫ ଓ ୧୧୬ ଅନ୍ତର୍ଗତ ଭାରୀ ଯାନ ଚଳାଚଳ ଏବଂ ଗାଡ଼ି ପାର୍କିଂ ଉପରେ କେତେକ କଟକଣା ଲାଗୁ କରିଛନ୍ତି । ଜଗତସିଂହପୁର ପୌର ପରିଷଦ ଅଧୀନରେ ଭାରୀ ଯାନ ଚଳାଚଳ ଯୋଗୁଁ ଉପୁଜୁଥିବା ଟ୍ରାଫିକ ସମସ୍ୟା ଓ ସାଧାରଣ ଜନତା ଙ୍କ ଯାତାୟତ ଅସୁବିଧା କୁ ଦୃଷ୍ଟି ରେ ରଖି ସକାଳ ୮ ଘଟିକା ରୁ ସକାଳ ୧୧ ଘଟିକା ଏବଂ ଅପରାହ୍ନ ୩ ଘଟିକା ରୁ ସଂଧ୍ୟା ୭ ଘଟିକା ପର୍ଯ୍ୟନ୍ତ ପୌରାଂଚଳ ରେ ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି । ସେହିପରି ଆଳିପିଙ୍ଗଳରୁ ଜଗତସିଂହପୁର ପର୍ଯ୍ୟନ୍ତ ବାଲି, ଲୁହା ପଥର, କ୍ରୋମିୟମ, କୋଇଲା ପରିବହନ କରୁଥିବା ୬ ରୁ ଉର୍ଦ୍ଧ୍ୱ ଚକା ଥିବା ଟ୍ରକ୍/ଟିପ୍ପର ଗୁଡ଼ିକ ବାରମ୍ବାର ଦୁର୍ଘଟଣା ର କାରଣ ପାଲଟିଛି । ସେଥିପାଇଁ ଏହି ସବୁ ଯାନ ଉପରେ ସକାଳ ୫ ଘଟିକା ରୁ ରାତ୍ର ୧୧ ଘଟିକା ପର୍ଯ୍ୟନ୍ତ ଆଳିପିଙ୍ଗଳରୁ ଜଗତସିଂହପୁର ରାସ୍ତାରେ କଟକଣା ଲାଗୁ କରାଯାଇଛି । ରାଜ୍ୟ ରାଜପଥ-୧୨ ଅନ୍ତର୍ଗତ କଟକ ରୁ ପାରାଦ୍ୱୀପ ପର୍ଯ୍ୟନ୍ତ ଲୁହା ପଥର, କ୍ରୋମିୟମ, କୋଇଲା, ଗ୍ୟାସ୍, ତେଲ ଓ ଭାରୀ ଯନ୍ତ୍ରାଂଶ ପରିବହନ କରୁଥିବା ୧୦ ରୁ ଉର୍ଦ୍ଧ୍ୱ ଚକା ଥିବା ଟ୍ରକ୍, ଟ୍ରେଲର ଓ ଟ୍ୟାଙ୍କର ଗୁଡ଼ିକ ଉପରେ ଜିଲ୍ଲା ର ରାଜ୍ୟ ରାଜପଥ-୧୨ ରେ କଟକଣା ଲାଗୁ କରାଯାଇଛି । ସେହିପରି ଜଗତସିଂହପୁର-ଜୟପୁର ରାସ୍ତା ଅଧିନସ୍ଥ ପୋଲିସ ଷ୍ଟେସନ ଛକ ଠାରୁ ଖୁଣ୍ଟିଆ ଡ୍ରେସ୍ ସୋ ରୁମ ପର୍ଯ୍ୟନ୍ତ ଏବଂ ପୋଲିସ ଷ୍ଟେସନ ଛକର ବାମ ପାର୍ଶ୍ୱ ରୁ ଟାଉନ୍ ହଲ୍ ଛକ ପର୍ଯ୍ୟନ୍ତ ନୋ ପାର୍କିଂ ଜୋନ୍ ଘୋଷଣା କରାଯାଇଛି । ବସ୍ ଷ୍ଟାଣ୍ଡ ରୁ ମେଡିକାଲ ଏବଂ ପୋଲିସ୍ ଷ୍ଟେସନ୍ ଛକ ରୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାର୍କିଙ୍ଗ କଟକଣା ଜାରି କରିଛନ୍ତି । ସେହିପରି ଆଳିପିଙ୍ଗଳ ଠାରେ ଦେବୀ ନଦୀ ର ହାଇଲେବଲ ବ୍ରିଜ୍ ଉପରେ ବାଲି, ଲୁହା ପଥର, କ୍ରୋମିୟମ, କୋଇଲା ପରିବହନ କରୁଥିବା ଭାରୀ ଯାନ ଗୁଡ଼ିକ ଉପରେ କଟକଣା ଜାରି କରିଛନ୍ତି । ଅନ୍ୟପକ୍ଷେ ପାରାଦ୍ୱୀପ ର ଜିରୋ ପଏଣ୍ଟ ଠାରୁ ଅଠରବାଙ୍କୀ ପର୍ଯ୍ୟନ୍ତ ରାସ୍ତାରେ ଭାରୀ ଯାନ ପାର୍କିଂ ଯୋଗୁଁ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟା କୁ ଦୃଷ୍ଟି ରେ ରଖି ଏହାକୁ ' ନୋ ପାର୍କିଂ 'ଜୋନ୍ ଘୋଷଣା କରାଯାଇଛି ।

# ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ସଙ୍କୁଳ ସ୍ତରୀୟ ଜ୍ଞାନବିଜ୍ଞାନ ମେଳା

ମୋରଡ଼ା,୧୯।୮ :(ମନ୍ଥନ)ଶିକ୍ଷ୍ୟା ବିକାଶ ସମିତି ଆନୁକୂଲ୍ୟରେ ସରସ୍ୱତୀଶିଶୁ ବିଦ୍ୟାମନ୍ଦିର କୋଷ୍ଠା ଠାରେ ବାରିପଦା ସଙ୍କୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଉତ୍ତର ସମ୍ବାଗର ସଭାପତି ରଣଜିତ କୁମାର ଧଳ ମୂଖ୍ୟ ଅତିଥି ଭାବେ ଯୋଗଦେଇ ଦୀପପ୍ରଜଳନ କରି ଉଦଘାଟିତ କରିଥିଲେ। ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ ରଂଜନ କୁମାର ଦାସ ଅତିଥି ପରିଚୟ କରିଥିବାବେଳେ ସଂକୁଳ ସଂଯୋଜକ ସୁଧୀର କୁମାର ମହାନ୍ତ ବିଜ୍ଞାନ ମେଳାର ଆଭିମୂଖ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ର ସଭାପତି ହରିହର ଧଳ ଧନ୍ୟବାଦ ଅର୍ପଣ କରିଥିଲେ।ଏଥିରେ ୧୧ଟି ବିଦ୍ୟାଳୟରୁ ମୋଟ ୨୩୭ ଜଣ ଶିଶୁ ବିଜ୍ଞାନ, ଗଣିତ ,ସଂସ୍କୃତି ଜ୍ଞାନ ବିଭାଗରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଉକ୍ତ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା କୃତି ଛାତ୍ରଛାତ୍ରୀ ମାନେ ସଂଭାଗ ସ୍ତରୀୟ ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିବେ। ଉକ୍ତ କାର୍ଯ୍ୟକ୍ରମକୁ କୋଷ୍ଠା ସରସ୍ୱତୀଶିଶୁବିଦ୍ୟାମନ୍ଦିରର ଗୁରୁଜୀ ଗୁରୁମା ଓ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରଧାନ ଆଚାର୍ଯ୍ୟ ସୁପରିଚାଳନା କରିଥିଲେ ।



# ରାୟଗଡା ପୁଲିସ କୁ ମିଳିଛି ବଡ ଧରଣର ସଫଳତା ୧୨ଜଣ ଲୁଟେରା ଗିରଫ

**ରୟଗଡା,୧୯।୮** :(ମନ୍ଥନ)ରାୟଗଡା ପୁଲିସ କୁ ମିଳିଛି ବଡ ଧରଣର ସଫଳତା ।ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପୁଲିସ ୧୨ଜଣ ଲୁଟେରାକୁ ଗିରଫ କରିଛି। ସେମାନଙ୍କ ଠାରୁ ପୁଲିସ ୩ଟି ଦାମି କାର ସହ ୨୩୦ ଗ୍ରାମ ସୁନା ଅଳଙ୍କାର ଓ ୫୮୧ ଗ୍ରାମ ରୂପା ଜବତ,୧୨ଟି ମୋବାଇଲ ଫୋନ,ବୁଲେଟ, ମଟସାଇକୋଲ ସହ ଘରୋଇ ସାମଗ୍ରୀ ଜବତ କରାଯାଇଛି। ଏନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ରାୟଗଡାର ଏସପି ରାଜ୍ ପ୍ରସାଦ। ଗିରଫ୍ ହୋଇଥିବା ସମସ୍ତ ଅଭିଯୁକ୍ତ କାଶୀପୁର, କଲ୍ୟାଣସିଂହପୁର, କୋଲନରା ଓ ରାୟଗଡା ଥାନା ଅଞ୍ଚଳର ବୋଲି ଜଣାପଡିଥିବା ବେଳେ ପୂର୍ବରୁ ଏମାନଙ୍କ ନାମରେ ବିଭିନ୍ନ ଥାନାରେ ୧୫ଟି ମାମଲା ରହିଛି ବୋଲି ଏସପି ସୂଚନା ଦେଇଛନ୍ତି। ଘର ଖାଲିଥିବାର ସୁଯୋଗ ନେଇ ଏହି ଅଭିଯୁକ୍ତ ମାନେ ପ୍ରଥମେ ସିସିଟିଭି କୁ ଅଚଳ କରିବା ସହ ଲୁଟପାଟ୍ କରୁଥିଲେ। ଏଥିପାଇଁ ଏକ ଟିମ୍ ଗଠନ କରିବା ସହ ସାଇବର ଏକ୍ସପାର୍ଟଙ୍କ ସହାୟତା ନେଇ ପୁଲିସ ଗିରଫ୍ କରିଥିବା ସୂଚନା ଦେଇଛି। ଚୋରି ହୋଇଥିଲା ବା ସୁନା ଅଳଙ୍କାର କୁ ତରଲେଇ ଅଭିଯୁକ୍ତ ମାନେ ବିଭିନ୍ନ ଗୋଲ୍ଡ ଲୋନ କମ୍ପାନୀ ରୁ ଲୋନ୍ ନେଇଥିଲେ। ତେବେ ଆଗାମୀ ଦିନରେ ଅନ୍ୟ ଲୁଟେରା ମାନଙ୍କୁ ଖୁବଶୀଘ୍ର ଗିରଫ୍ କରାଯିବ ବୋଲି ଏସପି ରାଜ୍ ପ୍ରସାଦ ସୂଚନା ଦେଇଛନ୍ତି।



# ଆଇରନ ଚୋରି ମାମଲାରେ ୩ ହାଇଓ୍ୱା, ୨ ବୋଲେରୋ ଏବଂ ୧ ସ୍କର୍ପିଓ ସହ ୬ ଗିରଫ

ଯୋଡ଼ା,୧୯।୮ :(ମନ୍ଥନ)କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଅନ୍ତର୍ଗତ ପିଡ଼ପୋଖରୀ ଅଞ୍ଚଳରେ ଖଣିଜ ଚୋରା କାରବାର ହେଉଥିବା ଖବର ପାଇ ବାମେବାରୀ ପୋଲିସ ଗତ କାଲି ବିଳମ୍ବିତ ରାତିରେ ଚଢ଼ାଉ କରି ଖଣିଜ ବୋଝେଇ ତିନୋଟି ହାଇଓ୍ୱା ଟ୍ରକ ସହ ଚୋରା କାରବାରରେ ବ୍ୟବହୃତ ଦୁଇଟି ବୋଲେରୋ ଓ ଗୋଟିଏ ସ୍କର୍ପିଓ ଜବତ କରିଛି। ଏହି ଘଟଣାରେ ୬ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।ପୋଲିସ ସୂଚନା ଅନୁଯାୟୀ, ଜବତ ହୋଇଥିବା ହାଇଓ୍ୱାଗୁଡ଼ିକର ନମ୍ବର ଓ ଡି ୧୪ଏ କେ ୩୭୬୯, ଓ ଡି୧୪ଏକେ-୩୨୨୭ ଓ ଓଡି ୦୯ଭି-୬୯୨୧ସହ ଦୁଇଟି ବୋଲେରୋ ଯଥା ଓଡି ୦୯ପି କିଉ-୨୯୯୪ ଓ ଓଡି ୧୪ଏକେ-୪୭୦୩ ଏବଂ ସ୍କର୍ପିଓର ନମ୍ବର ଓଡି ୦୯କେ-୨୭୮୭ ବୋଲି ଜଣାପଡ଼ିଛି। ତେବେ ଅଭିଯୁକ୍ତ ମାନେ ହେଲେ ଯୋଡ଼ା ଅଞ୍ଚଳର ୧. ଅବଦୁଲ ତନବୀର (୪୫), ବାଟୁ ହଟିଂ ସତ୍ୟକୀ ପ୍ରିୟଦର୍ଶନ ବେହେରା,(୪୪) ଶାସ୍ତ୍ରୀ ନଗର(), ସୁଶୀଲ କାନ୍ତ ଦଳେଇ (୪୩), ଶାସ୍ତ୍ରୀ ନଗର ଏବଂ ସୁନ୍ଦରଗଡ଼ , କୋଇଡା ଅଞ୍ଚଳର ବଂଶୀ ପାତ୍ର (୧୯), .ସୁଧୀର କୁମାର ବାରିକ (୨୮) ଲହୁଣୀ ପଡା, ଭୁଟୁଦା, ବିକାଶ ବାରିକ (୨୧) ରେଙ୍ଗାଲି, ମହୁଲ ଡିହା , ସୁନ୍ଦରଗଡ।ଜବତ ଖଣିଜର ପରିମାଣ ପ୍ରାୟ ୧୧୫.୫ ମେଟ୍ରିକ ଟନ୍ ବୋଲି ଆକଳନ କରାଯାଇଛି। ଏହି ଘଟଣାରେ ବାମେବାରୀ ପୋଲିସ (ବି ଏ ନ ଏ ସ) ଧାରା ୩୦୩(୨) ଓ ୩(୫) ଅନୁଯାୟୀ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।ଖଣି ଅଞ୍ଚଳରେ ଖଣିଜ ଚୋରା କାରବାର ଉପରେ ପୋଲିସ ଏହି ଜବତ ଖଣିଜ କେଉଁଠାରୁ ଉତ୍ତୋଳନ ହୋଇଥିଲା, ଏହାର ପରିବହନ ଓ ଚୋରା କାରବାର ପଛରେ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି, ସେ ନେଇ ପୋଲିସ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।



# ଥର ଗାଡି ଧକ୍କାରେ ଜଣେ ମୃତ

ପିପିଲି,୧୯।୮ :(ମନ୍ଥନ) ପିପିଲି ଥାନା ଅର୍ନ୍ତଗତ ପୁରୀ ଭୁବନେଶ୍ୱର ଜାତୀୟ ରାଜପଥର ପମସରା ଛକ ନିକଟରେ ଏକ ଥର ଗାଡି ଦ୍ରୁତ ଗତିରେ ଆସି ବାଇକ୍ ସହ ଆରୋହୀ କୁ ପଛପଟୁ ଦେଇଥିଲା । ବାଇକ ଆରୋହି ଜଣକ ଗୁରୁତର ଅବସ୍ଥାରେ ତଳେ ପଡିଥିଲେ । ଖବର ପାଇ ଘଟଣାସ୍ଥଳରେ ପିପିଲି ପହଂଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତରଙ୍କୁ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ । ଡାକ୍ତର ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଘୋଷଣା କରିଥିଲେ । ମୃତକ ହେଲେ ଅଶୋକ ଦାଶ (୫୫) ପିପିଲି ହାଇଟେକ୍ ହେଭେନ୍ସ ଆପାର୍ଟମେଂଟ ବାସିନ୍ଦା ଅଟନ୍ତି । ସକାଳୁ ବାଇକ୍ ଯୋଗେ ଫୁଲ ତୋଳିବାକୁ ଆସୁଥିବା ବେଳେ ଦୃର୍ଘଟଣାର ଶିକାର ହୋଇଥିଲେ । ଏନେଇ ମୃତକଙ୍କ ପୁଅ ଅରୁଣ କୁମାର ଦାଶଙ୍କ ଲିଖିତ ଅଭିଯୋଗକ୍ରମେ ପିପିଲି ଥାନାରେ ୫୧୮/୨୬ରେ ଏକ ମାମଲା ରୁଜୁ କରାଯାଇଛି । ପିପିଲି ପୋଲିସ ମୃତ ଶରୀରକୁ ଜବତ କରି ବ୍ୟବଛେଦ ପାଇଁ ପୁରୀ ପଠାଇଛି । ଦୃର୍ଘଟଣା ଘଟାଇଥିବା ଥର ଓ ବାଇକି ଗାଡିକୁ ଜବତ କରି ଘଟଣାର ତଦନ୍ତ ଚଳାଇଥିବା ନେଇ ଥାନା ଅଧିକାରୀ ସୌମ୍ୟେନ୍ଦୁ ଶେଖର ତ୍ରିପାଠୀ ସୁଚନା ଦେଇଛନ୍ତି ।

# ଚାଇଲ୍ଡ ହେଲ୍ପ ଲାଇନ୍ ତରଫରୁ ଶିଶୁ ସୁରକ୍ଷା ଓ ସଚେତନତା କାର୍ଯକ୍ରମ

ବଲାଙ୍ଗୀର,୧୯।୮ :(ମନ୍ଥନ)ବଲାଙ୍ଗୀର ଜିଲ୍ଲା ର ପିଏମ୍ ଶ୍ରୀ ପତିତପାବନ ଉଚ୍ଚ ବିଦ୍ୟାଳୟ ବଲାଙ୍ଗୀର ଠାର ଚାଇଲ୍ଡ ହେଲ୍ପ ଲାଇନ୍ ତରଫରୁ ଶିଶୁ ସୁରକ୍ଷା ଓ ସଚେତନତା କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯକ୍ରମରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଦ୍ୟୁତି ରଞ୍ଜନ ମହାଲିଙ୍ଗ ଙ୍କ ଅଧ୍ୟକ୍ଷତାରେ ସଭା କାର୍ଯକ୍ରମ ଆରମ୍ଭ କରାଗଲା।କାର୍ଯକ୍ରମରେ ସମସ୍ତ ଅତିଥିଙ୍କ ପରିଚୟ ପ୍ରଦାନ କରି ସ୍ୱାଗତ କରିଥିଲେ।କାର୍ଯକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସାମାଜିକ କର୍ମୀ ଅରୁଣ ଖୁଆସ ମିଶନ ବସଲ୍ୟ ଯୋଜନା ଉପରେ ଆନୁଷ୍ଠାନିକ ଯନ୍ତ୍ର ଓ ଅଣ ଆନୁଷ୍ଠାନିକ ଯନ୍ତ୍ର ଉପରେ ଶିଶୁ ସୁରକ୍ଷା ଉପରେ ବିଭିନ୍ନ ଯୋଜନା ସମ୍ପର୍କରେ ଜଣାଇଥିଲେ। ଏହି ସଚେତନତା ସଭାରେ ଚାଇଲ୍ଡ ହେଲ୍ପ ଲାଇନ୍ ର ସୁବୋଧ କୁମାର ପଧାନ କହିଲେ ଅସୁରକ୍ଷିତ ଘେରରେ ଥିବା ଶିଶୁ ମାନଙ୍କୁ ସୁରକ୍ଷା,ସାହାଯ୍ୟ କରିବାକୁ ଶିଶୁ ମାନଙ୍କ ନିମନ୍ତେ ଜରୁରୀ କାଳୀନ ଭିତ୍ତିରେ ୧୦୯୮ ଚାଇଲ୍ଡ ହେଲ୍ପ ଲାଇନ ସର୍ଭିସେସ କୁ ଫୋନ୍ କରିବାକୁ ଜଣାଇଥିଲେ।ବାଲ୍ୟ ବିବାହ,ଶିଶୁ ଶ୍ରମିକ ରୋକିବାକୁ ମଧ ଜଣାଇଥିଲେ।କାର୍ଯ୍ୟକ୍ରମରେ ଶୁଭମ୍ ଜେନା,ଚନ୍ଦ୍ରିକା ନନ୍ଦ, ଡୋଳି ସାହୁ ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ଅଂଶ ଗ୍ରହଣ କରିଥିଲେ।ପରିଶେଷରେ ସିକ୍ଷିୟିତ୍ରି ଅଂଶୁପା ଭୋଇ ସମସ୍ତଙ୍କୁ ଧନ୍ୟବାଦ୍ ଦେଇ ସଭା ଶେଷ କରିଥିଲେ।

# ଜିଲ୍ଲା ବ୍ରାହ୍ମଣ ମହାସଭାର ସ୍ୱାଧିନତା ଦିବସ ପାଳିତ

ବଲାଙ୍ଗିର,୧୯।୮ :(ମନ୍ଥନ)ଶ୍ରୀ ଶ୍ରୀ ନୃସିଂହ ମନ୍ଦିର ପରିସରରେ ବଲାଙ୍ଗିର ରେ ଜିଲ୍ଲା ବ୍ରାହ୍ମଣ ମହାସଭା ବଲାଙ୍ଗିର ଦ୍ୱାରା ଭାରତ ର ୮୦ତମ ସ୍ୱାଧିନତା ଦିବସ ହର୍ଷୋଲ୍ଲାସରେ ପାଳିତ ହୋଇଯାଇଛି । ବରିଷ୍ଠ ଉପଦେଷ୍ଟା ଅଧ୍ୟାପକ ସତ୍ୟବନ୍ତ ବେଦବାକ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ମହାସଭାର ସଭାପତି ଧନଞ୍ଜନ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଅନ୍ୟ ବକ୍ତା ମଧ୍ୟରେ ଉପଦେଷ୍ଟା ଗୋପବନ୍ଧୁ ପୁରୋହିତ, ଅଶୋକ କୁମାର ମିଶ୍ର ଭାରତ ବର୍ଷର ଗୌରବମୟ ଗାଥା କିପରି ବଂଚି ରହିବ ସେଥିପାଇଁ ସମସ୍ତେ ସଜାଗ ରହିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଶେଷରେ ମହାସଭା ସଂପାଦକ ଶ୍ୟାମ ସୁନ୍ଦର ଦାଶ ବର୍ତ୍ତମାନ ଭାରତ ବର୍ଷରେ ବ୍ରାହ୍ମଣମାନଙ୍କ ଅବସ୍ଥା, ସଂଘଟି, ସମାଜ ପ୍ରତି ସେମାନଙ୍କ ଅବଦାନ ଦାୟିତ୍ୱ ଏବଂ କର୍ତ୍ତବ୍ୟ ଉପରେ ଆଲୋକପାତ କରି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଉତ୍ସବରେ କୋଷାଧକ୍ଷ ପଂଚାନନ ବେଦବାକ, ଜଗନ୍ନାଥ ଷଡଙ୍ଗୀ, କବିରାଜ ହୋତା, ଜୟ ବିହାରୀ ବେଦବାକ, ପ୍ରଭୁଦତ୍ତ ଶତପଥୀ, ଗୋପବନ୍ଧୁ ଶତପଥୀ, ରବିନ୍ଦ୍ର ମିଶ୍ର, ସଂକର୍ଷଣ ପାଣିଗ୍ରାହୀ, ଡ. ଗୋଦାବରିଶ ରଥ, ଡ. ସନ୍ଧ୍ୟାରାଣୀ ପଣ୍ଡା, ପୁରୁଷୋତ୍ତମ ପଣ୍ଡା, ଗୋବର୍ଦ୍ଧନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବନ୍ଧପଡା ପ୍ରାଥମିକ ଚିକିତ୍ସାକେନ୍ଦ୍ର ପରିଦର୍ଶନ କଲେ ନରସିଂହ

ବଲାଙ୍ଗିର,୧୯।୮ :(ମନ୍ଥନ)ଦେଓଗାଁ ବ୍ଲକ ଅନ୍ତର୍ଗତ ବନ୍ଧପଡା ଠାରେ ଥିବା ବନ୍ଧପଡା ପ୍ରାଥମିକ ଚିକିତ୍ସା କେନ୍ଦ୍ର ରେ ଚିକିତ୍ସା ତଥା ଅନ୍ୟାନ୍ୟ ଆନୁସଙ୍ଗିକ କେମିତି ଚାଲିଛି ସେ ସବୁ ବୁଝିବା ପାଇଁ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଆଜି ପୂର୍ବାହ୍ନରେ ପ୍ରାଥମିକ ଚିକିତ୍ସା କେନ୍ଦ୍ର ପରିଦର୍ଶନ କରିଥିଲେ । ପରିଦର୍ଶନ ବେଳେ ବିଶେଷ କରି ଭିତ୍ତିଭୂମି, ଔଷଧ ବିତରଣ ତଥା ଚିକିତ୍ସା ଠିକ୍ ଠାକ ଚାଲିଥିବା ଆଲୋଚନା ରୁ ଜଣାପଡିଥିଲା କିନ୍ତୁ ଏହି ପ୍ରାଥମିକ ଚିକିତ୍ସା କେନ୍ଦ୍ର ଭୌଗଳିକ ଦୃଷ୍ଟି ରୁ ଏପରି ସ୍ଥାନରେ ଅଛି ଯାହାକି ଦେଓଗାଁ ବ୍ଲକ ସମେତ ବଲାଙ୍ଗିର ବ୍ଲକ, ଏପରି କି ସଇଁନ୍ତଲା ବ୍ଲକ ର ଲୋକେ ମଧ ଏଠାରେ ଚିକିତ୍ସା ହେବା ପାଇଁ ଗମନାଗମନ ଦୃଷ୍ଟିରୁ ସହଜ ହୋଇଥାଏ। ଦେଓଗାଁ ବ୍ଲକର ଧଣ୍ଡାମାଲ, ବାମନିଯୋର, ସିଂହାମୁଣ୍ଡା, ଲଣ୍ଡାପଥର, ବଲାଙ୍ଗିର ବ୍ଲକର ସିକାଛିଡା, କୁଡାସିଂହା, ଭୁଡିଆରବାହାଲ, ସାରସମାଲ, ଶିବତଲା ଏବଂ ସଇଁନ୍ତଲା ବ୍ଲକର ଡେଙ୍ଗ, ଝିଙ୍କିଡୁଙ୍ଗୁରି, ଟିକ୍ରାପଡା, କରମତଲା ସମେତ ଆହୁରି ଅନେକ ପଂଚାୟତରୁ ରୋଗୀମାନେ ଆସି ଏଠାରେ ଚିକିତ୍ସିତ ହୁଅନ୍ତି । ରୋଗୀ ସଂଖ୍ୟା ଓ ଲୋକଙ୍କ ସୁବିଧା ଦୃଷ୍ଟିରୁ ଏହି ପ୍ରାଥମିକ ଚିକିତ୍ସା କେନ୍ଦ୍ର ରେ ପ୍ରାୟତଃ ଭିଡ ଲାଗି ରହିଥାଏ କିନ୍ତୁ ପ୍ରାଥମିକ ଚିକିତ୍ସା କେନ୍ଦ୍ର କୁ ଆଜି ପର୍ଯ୍ୟନ୍ତ କେବଳ ଏକ ଡେ-କେୟାର ଚିକିତ୍ସା କେନ୍ଦ୍ର ଭାବରେ ସୀମିତ କରିଦିଆଯାଇଛି । ଭିତ୍ତିଭୂମି, ରୋଗୀ ସଂଖ୍ୟା ତଥା ଅନ୍ୟାନ୍ୟ ସୁବିଧା କୁ ଦେଖିଲେ ଏହି ଚିକିତ୍ସା କେନ୍ଦ୍ରକୁ ୨୪ ଘ ୭ ଚିକିତ୍ସା କେନ୍ଦ୍ର ଭାବରେ ଉନ୍ନିତ କରିବା କଥା ବୋଲି ଲୋକେ ପୂର୍ବତନ ଆଇନମନ୍ତ୍ରୀ ଶ୍ରୀ ମିଶ୍ରଙ୍କ ଆଗରେ ଦାବି ଜଣାଇଥିଲେ । ଶ୍ରୀ ମିଶ୍ର ମଧ ଏହି ଚିକିତ୍ସା କେନ୍ଦ୍ର ଉପରେ ଯେହେତୁ ଅନେକ ଅଂଚଳର ରୋଗୀମାନେ ନିର୍ଭରଶୀଳ ଅଛନ୍ତି ତେଣୁ ଏହି କେନ୍ଦ୍ରକୁ ଯେତେ ଶିଘ୍ର ୨୪ ଘ ୭ ଚିକିତ୍ସା କେନ୍ଦ୍ର ଭାବରେ ଘୋଷଣା କରିବା ପାଇଁ ବିଭାଗୀୟ ଅଧିକାରୀ ଓ ସରକାରଙ୍କ ସହିତ ଆଲୋଚନା କରିବେ । ଏହା ହେଲେ ବର୍ତ୍ତମାନ ଯାହା କେବଳ ଦିନବେଳା ଚିକିତ୍ସା ହେଉଛି ତାହା ଦିନ ରାତି ୨୪ ଘଣ୍ଟା ଲୋକେ ଚିକିତ୍ସା ସୁବିଧା ପାଇବେ ବୋଲି ଶ୍ରୀ ମିଶ୍ର କହିଛନ୍ତି । ଏ ଦିଗରେ ସେ ନିଶ୍ଚିତ ଭାବେ କାର୍ଯ୍ୟକ୍ରମ ଗ୍ରହଣ କରିବେ ବୋଲି କହିଥିଲେ । ତା ସହ ସେ ଆହୁରି ମଧ କହିଥିଲେ ଯେ ସ୍ୱାସ୍ଥ୍ୟ ବିଭାଗରେ ବିଭିନ୍ନ ପଦବୀ ପୁରଣ ପାଇଁ ସରକାର ଅନେକ ଦିନରୁ ଆଉଟସୋର୍ସିଂ ବ୍ୟବସ୍ଥା ଲାଗୁ କରିଛନ୍ତି ଯାହାକୁ ସେ ବିଧାୟକ ଥିବା ବେଳେ ବିଧାନସଭା ଗୃହରେ ମଧ ବିରୋଧ କରିଥିଲେ । ତେଣୁ ବର୍ତ୍ତମାନ ମଧ ଏହି ଚିକିତ୍ସା କେନ୍ଦ୍ର ସମେତ ଅନ୍ୟାନ୍ୟ ଚିକିତ୍ସା କେନ୍ଦ୍ର ରେ କାର୍ଯ୍ୟରତ ଚିକିତ୍ସା ଓ ଅଣଚିକିତ୍ସା କର୍ମଚାରୀ ବିଶେଷ କରି ଚତୁର୍ଥ ଶ୍ରେଣୀ କର୍ମଚାରୀ ଆଉଟସୋର୍ସିଂ ବ୍ୟବସ୍ଥା ଦ୍ୱାରା ଆର୍ଥିକ ଶୋଷଣର ଶୀକାର ହେଉଛନ୍ତି । ଏହା ଶିଘ୍ର ବନ୍ଦ ହେବା ଉଚିତ ଏବଂ ସମସ୍ତ କର୍ମଚାରୀଙ୍କୁ ସରକାର ନିୟମିତ କର୍ମଚାରୀ ଘୋଷଣା କରନ୍ତୁ ବୋଲି ସେ ଦାବି କରିଛନ୍ତି ତା ସହ ଏଠାରେ ଖାଲିଥିବା ସିକ୍ୟୁରିଟି ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ଙ୍କ ପଦବୀ ଶିଘ୍ର ପୁରଣ କରନ୍ତୁ ବୋଲି କହିଥିଲେ । ଆଲୋଚନା ବେଳେ ଡେ-କେୟାରରେ ଚିକିତ୍ସା, ବରହି ଚିକିତ୍ସା ବିଭାଗ ରେ ଚିକିତ୍ସା ଠିକ୍ ଠାକ୍ ଚାଲିଛି କି ନାହିଁ ସ୍ଥାନୀୟ ଲୋକଙ୍କୁ ଠାରୁ ପଚାରି ବୁଝିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ପ୍ରାଥମିକ ଚିକିତ୍ସା କେନ୍ଦ୍ର ର ଡାକ୍ତର ସୁସ୍ମୃତ ସାମନ୍ତ, ଡା. ସୁମିତ୍ରା ଦାଶ, ଫାର୍ମାସି ଅଫିସର ରାଜେଶ ମେହେର ଶ୍ରୀ ମିଶ୍ରଙ୍କୁ ଚିକିତ୍ସା କେନ୍ଦ୍ର କାର୍ଯ୍ୟକ୍ରମ ଉପରେ ଅବଗତ କରିଥିଲେ । ପରିଦର୍ଶନ ସମୟରେ ଶ୍ରୀମିଶ୍ରଙ୍କ ସହ କଂଗ୍ରେସ ନେତା ରାମଜୀ ଚୌଧୁରି, କାନ୍ତେଶ୍ୱର ପ୍ରଧାନ, ଅସୀତ ମିଶ୍ର, ଭକ୍ତ ଧରୁଆ, ଜୁଗୁନୁ ପ୍ରଧାନ, ଶୁଶିଲ ନାଗ, ଲିଟନ ହୋତା, ଗୁଗୁନ ମିଶ୍ର, ନରେନ୍ଦ୍ର ବାଗ, ଜଳିନ୍ଦ୍ର କଲେତ, ଟିକେଲାଲ ଭାଟି, ଜହନ ଛତ୍ରିଆ, ପ୍ରହଲ୍ଲାଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।



# ସୁତନ - ମାଲିଆତୁଠ ଖମା ପାଇଁ ଶହ ଶହ ହେକ୍ଟର ଚାଷ ଜମି ପ୍ରଭାବିତ: ପ୍ରଶାସନର ଦୃଷ୍ଟି ପଡ଼ିବ କେବେ ?

ଗୋପ,୧୯।୮ :(ମନ୍ଥନ)ଗୋପ ବ୍ଲକ ଅନ୍ତର୍ଗତ ସୁତନ ପଞ୍ଚାୟତର ସୁତନ ଠାରୁ ମାଲିଆତୁଠ ଦେଇ କୁଶଭଦ୍ରା ନଦୀରେ ପଡ଼ିଥିବା ପାଣି ନିଷ୍କାସନ ଖମା ପାଇଁ ଶହ ଶହ ହେକ୍ଟର ଚାଷ ଜମି ପାଣିରେ ବୁଡି ରହିଛି ।ବାଲୁଖଣ୍ଡ ଅଭୟାରଣ୍ୟର ପାଣି ଓ କୋଣାର୍କ ବିଜ୍ଞାପିତ ଅଂଚଳର କିଛି ପାଣି ଅଚ୍ୟୁତପୁର ସହ ବଡତରା ପଂଚାୟତ,ମଲ୍ଲଗ୍ରାମ ତଥା ନାଗପୁର ପଂଚାୟତ ଆଦିର ବହୁ ମାତ୍ରାରେ ପାଣି ନିଷ୍କାସନର ଗୋଟିଏ ମାତ୍ର ବାଟ ଏହି ଖମା । ଯେଉଁ ମାତ୍ରାରେ ପାଣି ନିଷ୍କାସନ ହେବା କଥା ତାହା ହୋଇ ପାରୁ ନାହିଁ ।ଏହାର ମୂଳ କାରଣ ହେଲା ଖମା ପ୍ରବଳ ଅନାବନା ଏଣୁ ତେଣୁ ଗଛ ଲତରେ ପରିପୂର୍ଣ୍ଣ ଓ ଦ୍ୱିତୀୟ ମୁଖ୍ୟ କାରଣ ହେଲା ଖମା ଖୋଲିବା ସମୟରେ ଅହେତୁକ ପ୍ରୀୟା ପ୍ରୀତି ମନୋଭାବ । ନିଜ ଜଣା ଶୁଣା ଲୋକଙ୍କ ଜମି ପାଖେ ଗୋଟେ ପ୍ରକାର କାମ ଯିଏ ନିରୀହ ତା ଜମି ପାଖେ ଅଲଗା ପ୍ରକାର କାମ ବୋଲି ସାଧାରଣରେ ଆଲୋଚନା ।ଅବଶ୍ୟ ପ୍ରତି ବର୍ଷ ବର୍ଷା ଋତୁ ପରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ସଫେଇ କରାଯାଏ ସେତେବେଳକୁ ବହୁ ଜମି ପଡ଼ିଆ ହୋଇଯାଏ ।ପ୍ରତି ବର୍ଷ ଏହା ଘଟେ ।ବର୍ଷା କମ୍ ଅଥବା ଅଧିକ ଫରକ ପଡେ ନାହିଁ ।ଯେ ପର୍ଯ୍ୟନ୍ତ ଖମାର ସୀମା ନିର୍ଦ୍ଧାରଣ ନହୋଇ ସ୍ଥାୟୀ ପ୍ରତିକାର ଭାବେ କଂକ୍ରିଟି ଢ଼ଲେଇ ନହୋଇଛି ଏବଂ ଏହାର ଏକ ସଫେଇ କାଡ଼ା ନାଳ ଯାହା ଏବେ ଅବରୋଧ ହୋଇ ବନ୍ଦ ହୋଇ ଯାଇଛି ତାହା ଏବେ ମଧ ଶେଷ ଅସ୍ତିତ୍ୱ ଧରି ରଖିଚି ତାହା ପୁନର୍ବାର କାର୍ଯ୍ୟକ୍ଷମ ହେଲେ ସମସ୍ୟା ଏତେ ମାତ୍ରାରେ ପ୍ରଭାବିତ କରିବ ନାହିଁ ।ଏତେ ବର୍ଷ ବିତିଗଲା ପରେ ପ୍ରଶାସନ କେବଳ ଜେସିବି ଲଗାଇ ଅନେକ ଥର ସରକାରୀ ଅର୍ଥ ଅପବ୍ୟୟ ହେବା ସାର ହୁଏ ।ଯାହାକୁ ସେଇଆ ହୋଇଥାଏ ।ବର୍ତ୍ତମାନ ରାଜ୍ୟରେ ଲୋକଙ୍କ ସରକାର ଖାସ କରି ଚାଷୀ ସମର୍ପିତ ସରକାର ଥିବାରୁ ତଥା ଲୋକ ପ୍ରିୟ ନେତ୍ରୀ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ସ୍ଥାନୀୟ ଅଞ୍ଚଳର ଚାଷୀ ମାନେ ଆଶା ଓ ଦାବି ରଖିଛନ୍ତି।



# ଜିଲ୍ଲା ଯୋଜନା କମିଟି ବୈଠକ ଅନୁଷ୍ଠିତ

ବଲାଙ୍ଗୀର,୧୯।୮ :(ମନ୍ଥନ) ବଲାଙ୍ଗୀର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଏବଂ ପ୍ରଶାସନିକ କାର୍ଯ୍ୟକ୍ରମକୁ ଅଧିକ ଗତିଶୀଳ କରିବା ପାଇଁ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ 'ଜିଲ୍ଲା ଯୋଜନା କମିଟି' ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ, ଭିତ୍ତିଭୂମି ନିର୍ମାଣ ଏବଂ ଜନକଲ୍ୟାଣକାରୀ ଯୋଜନାର ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ବୈଠକରେ କଣ୍ଟାବାଞ୍ଜି ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧକ୍ଷ ଶ୍ରୀଯୁକ୍ତ ଲକ୍ଷ୍ମଣ ବାଗ ଅଧକ୍ଷତା କରିଥିଲେ। ଏହି ବୈଠକରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା କୃଷି, କୃଷକ ସଶକ୍ତିକରଣ ଓ ଶକ୍ତି ମନ୍ତ୍ରୀ ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହଦେଓ, ମାନ୍ୟବର ବଲାଙ୍ଗୀର ବିଧାୟକ ଶ୍ରୀଯୁକ୍ତ କଳିକେଶ ନାରାୟଣ ସିଂହଦେଓ, ମାନ୍ୟବର ଟିଟିଲାଗଡ଼ ବିଧାୟକ ଶ୍ରୀଯୁକ୍ତ ନବୀନ କୁମାର ଜୈନ, ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ଦେବକୀ ସାହୁ, ଜିଲ୍ଲା ପରିଷଦ ଉପାଧକ୍ଷା ଶ୍ରୀମତୀ ମିଥିଳା ମାଝୀ, ଜିଲ୍ଲାପାଳ ଶ୍ରୀଯୁକ୍ତ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ତରଣୀ ସୁନାଙ୍କ ସମେତ କମିଟିର ସମସ୍ତ ସଦସ୍ୟ-ସଦସ୍ୟା ଓ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ବୈଠକର ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରିବା ସହ ଆଲୋଚନାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ତତ୍ପରେ ଜିଲ୍ଲା ପରିଷଦ, ବଲାଙ୍ଗୀରର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ତରଣୀ ସୁନା, କେବିକେ ବିକାଶ ଯୋଜନା ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରି ୨୦୨୪-୨୫ ଆର୍ଥିକ ବର୍ଷର ଚିଠା ପ୍ରସ୍ତାବ ଉପରେ ଆଲୋକପାତ କରିଥିଲେ। ଏହା ସହିତ ଜିଲ୍ଲାର ସମନ୍ୱିତ ବିକାଶ ଯୋଜନାର ଚିଠା ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ସରକାରଙ୍କ ଅନୁମୋଦନ ପାଇଁ ପଠାଯିବାକୁ ନିଷ୍ପତ୍ତି ନିଆଗଲା। ଗ୍ରାମାଞ୍ଚଳ ଓ ସହରାଞ୍ଚଳର ମୌଳିକ ସମସ୍ୟା, ପାନୀୟ ଜଳ ଯୋଗାଣ, ସଡ଼କ ନିର୍ମାଣ ଏବଂ ସ୍ୱାସ୍ଥ୍ୟସେବା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ସରକାରଙ୍କ ଜନହିତକର ଯୋଜନା ଗୁଡ଼ିକ ଯେପରି ସ୍ୱଚ୍ଛତା ଓ ପାରଦର୍ଶିତା ସହିତ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିବ, ସେନେଇ କମିଟି କଡ଼ା ନିର୍ଦ୍ଦେଶ ଦେଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ପ୍ରକଳ୍ପ ଶେଷ କରିବା ସହ ଆବଣ୍ଟିତ ପାଣ୍ଠିର ସଠିକ୍? ବିନିଯୋଗ ପାଇଁ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନଙ୍କୁ କୁହାଯାଇଛି। ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟରେ ଜଳସେଚନର ସୁବିଧା ପାଇଁ ବ୍ୟାରେଜ ନିର୍ମାଣ, ପର୍ଯ୍ୟଟନ ସ୍ଥଳୀର ବିକାଶ, କ୍ରୀଡ଼ା ଭିତ୍ତିଭୂମିର ଉନ୍ନତି ଏବଂ ହସ୍ପିଟାଲଗୁଡ଼ିକରେ ଖାଲିଥିବା ଡାକ୍ତର ପଦବୀ ପୂରଣ ନିମନ୍ତେ ସରକାରଙ୍କୁ ପ୍ରସ୍ତାବ ଦେବାକୁ ନିଷ୍ପତ୍ତି ହୋଇଛି। ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ଶ୍ରୀ ଅଙ୍କିତ କୁମାର ମହାକୁର ବୈଠକର ଆଲୋଚ୍ୟ ବିଷୟବସ୍ତୁ ଉପସ୍ଥାପନ କରିଥିଲେ। ଏହି ଅବସରରେ ୨୦୨୪-୨୫ ଆର୍ଥିକ ବର୍ଷର କେବିକେ ବିକାଶ ଯୋଜନା ଉପରେ ବିସ୍ତୃତ ଆଲୋଚନା କରାଯାଇ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ସେହିପରି ୨୦୨୪-୨୫, ୨୦୨୫-୨୬ ଓ ୨୦୨୬-୨୭ ଆର୍ଥିକ ବର୍ଷରେ ଜିଲ୍ଲା ବାର୍ଷିକ କାର୍ଯ୍ୟ ଖସଡ଼ା ଉପରେ ମଧ ଆଲୋଚନା କରାଯିବା ସହ ଏହାକୁ ଅନୁମୋଦନ ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ପ୍ରେରଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ସମସ୍ତଙ୍କ ସମନ୍ୱୟ ଓ ମିଳିତ ପ୍ରୟାସ ଦ୍ୱାରା ବଲାଙ୍ଗୀରକୁ ଏକ ବିକଶିତ ଜିଲ୍ଲାରେ ପରିଣତ କରିବା ପାଇଁ ବୈଠକରେ ସଂକଳ୍ପ ନିଆଯାଇଥିଲା। ଶେଷରେ ସହାୟକ ନିର୍ଦ୍ଦେଶକ (ଯୋଜନା) ସୋନାଲୀ ସୁଚିସ୍ମିତା ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।





# ମହିଳା କଲେଜରେ ନିର୍ବାଚନୀ ସାକ୍ଷରତା କାର୍ଯ୍ୟକ୍ରମ

ଖଣ୍ଡପଡା, ୧୯।୮ :(ମନ୍ଥନ)ଖଣ୍ଡପଡା ସହରାଞ୍ଚଳ ଅଧୀନ ଯୁକ୍ତ ଦୁଇ ମହିଳା ମହାବିଦ୍ୟାଳୟ ସଭାଗୃହରେ ଏକ ନିର୍ବାଚନୀ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ଅପରାହ୍ନରେ ଯୁକ୍ତଦୁଇ ଅଧକ୍ଷା ସ୍ମିତା ଶେଫାଳି ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱବିଶ୍ରୁତ



ତ୍ରିପାଠୀ, ଜିପିଇଓ ଅନିତ ବଡସେଟ, ଅଧାପିକାକୃଷ୍ଣପ୍ରିୟା ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଏ ଅବସରରେ ଆଗାମୀ ଦିନରେ ଯେଉଁ ଛାତ୍ରଛାତ୍ରୀନାଗରିକର ମାନ୍ୟତା ପାଇବେ ସେମାନେ କିଭଳି ନିର୍ବାଚନରେ ସକ୍ରିୟ ଅଂଶଗ୍ରହଣ କରି ସମୃଦ୍ଧଗଣତନ୍ତ୍ର ଜରିଆରେ ଦେଶ ନିର୍ମାଣ କରିବେ ସେ ଦିଗରେ ମତପ୍ରକାଶ ପାଇଥିଲା।

# ବ୍ଲକ ପ୍ରଶାସନ ପକ୍ଷରୁ ମନରେଗା ଜନଶୁଣାଣି ଶିବିର

ଖଣ୍ଡପଡା, ୧୯।୮ :(ମନ୍ଥନ)ଖଣ୍ଡପଡା ବ୍ଲକ ସଭାଗୃହରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତକର୍ମ ନିଯୁକ୍ତି ଯୋଜନା ଓ ସମଗ୍ର ଶିକ୍ଷାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜିପୂର୍ବାହ୍ନରେ ବିଡିଓ ଅଙ୍କୁର ଅଭିଳାଷଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ସହକାରୀ ଯନ୍ତ୍ରୀ ସୁନିତା ଜେନା, ଏପିଓ ଜୟନ୍ତୀମିଶ୍ର, ବ୍ଲକ ସାମାଜିକ ସମୀକ୍ଷକ ଅମନଜିତ ସାହୁ ପ୍ରମୁଖ ମଞ୍ଚାସିନ ରହିଥିଲେ। ବ୍ଲକ ପ୍ରଶାସନରସୂଚନା ଅନୁଯାୟୀ ମନରେଗା ଯୋଜନାରେ ୬୭୯ ଗୋଟି କାମର ସମୀକ୍ଷା ହୋଇଥିବା ବେଳେ ସମସ୍ୟାଉପରେ ବିଭିନ୍ନ ପଞ୍ଚାୟତର ଗ୍ରାମସଭାରେ ଆଲୋଚନା ହୋଇଥିଲା।ସମାନଭାବେ ସମଗ୍ର ଶିକ୍ଷା ଅଧୀନରେ ୩୨ଟି ବିଦ୍ୟାଳୟର ସମୀକ୍ଷା କରାଯାଇଥିବା ବେଳେ ୯୭ଟି ସମସ୍ୟା ବାବଦରେ ଆଲୋଚନା ହୋଇଥିବା ବେଳେ ଏଗୁଡିକରସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତ ପ୍ରତିନିଧି, ପିଇଓ, ଏଡିଇଓ, କନିଷ୍ଠ ଯନ୍ତ୍ରୀ, ଜବକାର୍ଡ ଧାରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିବାବେଳେ ଏସିପି ଦୁଷ୍ମନ୍ତ କୁମାର ସାହୁ, ଡିଇଓ କୁଳମଣି ପ୍ରଧାନ, ମନରେଗା ସହାୟକ ଶ୍ରବଣ କୁମାର ଜେନା, ପ୍ରଦୀପ କୁମାର ସିଂ ପ୍ରମୁଖକାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ।

# ଖଣି ମନ୍ତ୍ରୀଙ୍କ ମହୁରୀଗଡ଼ ଅଷ୍ଟଶମ୍ଭୁ ପରିଦର୍ଶନ

କୁକୁଡାଖଣ୍ଡି, ୧୯।୮ :(ମନ୍ଥନ)ପବିତ୍ର ଶ୍ରାବଣ ମାସର ତୃତୀୟ ସୋମବାର ଅବସରରେ ଗଞ୍ଜାମ ଜିଲ୍ଲାର ଐତିହାସିକ ମହୁରୀଗଡ଼ ଅଷ୍ଟଶମ୍ଭୁ ପୀଠଗୁଡ଼ିକରେ ପବିତ୍ର ରୁଦ୍ରାଭିଷେକ ଓ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଏହି ଦିବ୍ୟ ଉତ୍ସବରେ ଓଡ଼ିଶା ସରକାରଙ୍କ ମାନ୍ୟବର ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ଆଠଟିଯାକ ପ୍ରସିଦ୍ଧ ଶୈବପୀଠ (ଅଷ୍ଟଶମ୍ଭୁ) ପରିଦର୍ଶନ କରିବା ସହ ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ଦେବ ଦେବ ମହାଦେବଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି । ମନ୍ତ୍ରୀଙ୍କ ଗସ୍ତ ସୂଚୀ ଅନୁଯାୟୀ, ସକାଳେ ଗୋଳନ୍ଥରାର ଶ୍ରୀ ଈଶାଣେଶ୍ୱର ମନ୍ଦିରରୁ ରୁଦ୍ରାଭିଷେକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଏହାପରେ କୋଳଥିଗାଁର ଶ୍ରୀ ଖୋଲେଶ୍ୱର ମନ୍ଦିର, ରାଳବର ଶ୍ରୀ ଷଣ୍ଢେଶ୍ୱର ମନ୍ଦିର, ଗୌଞ୍ଜୁର ଶ୍ରୀ ସୋମେଶ୍ୱର ମନ୍ଦିର, ସୁନ୍ଦରପୁରର ଶ୍ରୀ ସୁନ୍ଦରେଶ୍ୱର ମନ୍ଦିର, ଭାବିନିପୁରର ଶ୍ରୀ ଶଙ୍କଳେଶ୍ୱର ମନ୍ଦିର, ସୁକୁଣ୍ଡାର ଶ୍ରୀ ଗୋକର୍ଣ୍ଣେଶ୍ୱର ମନ୍ଦିର ଏବଂ ଶେଷରେ ଲାଠି ସ୍ଥିତ ଶ୍ରୀ ବଦ୍ଧେଶ୍ୱର ମନ୍ଦିରରେ ମାନ୍ୟବର ମନ୍ତ୍ରୀ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ । ପ୍ରତ୍ୟେକ ପୀଠରେ ସ୍ଥାନୀୟ ଶ୍ରଦ୍ଧାଳୁ ଓ ନେତୃବୃନ୍ଦ ମନ୍ତ୍ରୀଙ୍କୁ ସାଦର ସମ୍ବର୍ଦ୍ଧନା ଜଣାଇଥିଲେ ।ଏହି ଅବସରରେ ମାନ୍ୟବର ମନ୍ତ୍ରୀ ମହୁରୀ ସାମ୍ରାଜ୍ୟର ଏହି ଐତିହାସିକ ଅଷ୍ଟଶମ୍ଭୁ ପୀଠଗୁଡ଼ିକର ଆଧ୍ୟାତ୍ମିକ, ସାଂସ୍କୃତିକ ଓ ପୌରାଣିକ ଗୁରୁତ୍ୱ



ଉପରେ ଆଲୋକପାତ କରିଥିଲେ । ରାଜ୍ୟର ସଂସ୍କୃତି, ଐତିହ୍ୟର ସୁରକ୍ଷା ଏବଂ ଆଞ୍ଚଳିକ ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ ପ୍ରକାଶ କରିବା ସହ ସମସ୍ତ ରାଜ୍ୟବାସୀଙ୍କ ସୁଖ, ସମୃଦ୍ଧି ଓ କଲ୍ୟାଣ ନିମନ୍ତେ ମହାଦେବଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ପ୍ରାର୍ଥନା କରିଥିଲେ । ମାନ୍ୟବର ମନ୍ତ୍ରୀ ଶ୍ରୀ ଜେନା ଆଜି ଭାବିନିପୁରଠାରେ ନବନିର୍ମିତ ମାର୍କେଟ୍ କମ୍ପ୍ଲେକ୍ସର ଶୁଭ ଉଦ୍‌ଘାଟନ କରିଥିଲେ । ଏହି ବାଣିଜ୍ୟିକ ପ୍ରକଳ୍ପ ଆଞ୍ଚଳିକ ଅର୍ଥନୀତିକୁ ସୁଦୃଢ଼ କରିବା ସହ ସ୍ଥାନୀୟ ବ୍ୟବସାୟୀଙ୍କ ଆବଶ୍ୟକତା ପୂରଣ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଅଞ୍ଚଳର ସମାବେଶୀ ବିକାଶ ଓ ବ୍ୟବସାୟୀଙ୍କ ଜୀବିକାର ପ୍ରଗତି ପାଇଁ ଆମର ଏହି ପ୍ରୟାସ ନିରନ୍ତର ଜାରି ରହିବ ବୋଲି ମନ୍ତ୍ରୀ ଶ୍ରୀ ଜେନା ପ୍ରକାଶ କରିଛନ୍ତି ।ଏହି କାର୍ଯ୍ୟକ୍ରମରେ ଭାରତୀୟ ଜନତା ପାର୍ଟିର ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଲୋଚାପଡା ସରପଞ୍ଚ ଏଲ୍ ମୋହନ ଦାସ, ମନ୍ତ୍ରୀଙ୍କ କୁକୁଡାଖଣ୍ଡି ପ୍ରତିନିଧି ସୂର୍ଯ୍ୟମଣି ପାତ୍ର, ସମିତି ସଭ୍ୟ ଚଣ୍ଡୀ ଚରଣ ସାହୁ,ଭାବିନିପୁର ସରପଞ୍ଚ ରଞ୍ଜିତ ସାହୁ ପ୍ରଦୀପ ପଟ୍ଟନାୟକ,ସୁନିଲ ପାତ୍ର,ରାମା ରାଓ,ମହନ୍ତ ଚିନ୍ମୟାନନ୍ଦ ଦାସ,ଶ୍ରୀକାନ୍ତ ସାହୁ,ସାଗର କୁମାର ପାତ୍ର, ନାଏବ ସରପଞ୍ଚ ଶିବାନୀ ପାତ୍ର,ସୁମନ ସାବତଙ୍କ ସମେତ ଗୋପାଳପୁର ବିଧାନସଭା ଅନ୍ତର୍ଗତ ସମସ୍ତ ମଣ୍ଡଳ ସଭାପତି ଦଳୀୟ କାର୍ଯ୍ୟକର୍ତ୍ତା ଏବଂ ବହୁ ସଂଖ୍ୟକ ଜନସାଧାରଣ ଉପସ୍ଥିତ ରହିଥିଲେ ।

# ଦଶରଥପୁର ବ୍ଲକର ବନ୍ୟାଂଚଳରେ ସ୍ଥିତି ଅନୁଧ୍ୟାନ ପାଇଁ ପହଁଚିଲେ ବିଜେଡି ପ୍ରତିନିଧି ଦଳ

ଯାଜପୁର,୧୯।୮ :(ମନ୍ଥନ)ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର ବନ୍ୟାଂଚଳରେ ସ୍ଥିତି ଅନୁଧ୍ୟାନ ପାଇଁ ପହଁଚିଲେ ବିଜେଡି ପ୍ରତିନିଧି ଦଳ। ପୂର୍ବତନ ବାଚସ୍ପତି ପ୍ରଦୀପ ଅମାତଙ୍କ ନେତୃତ୍ୱରେ ଯାଜପୁର ବିଧାୟିକା ସୁଜାତା ସାହୁ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ବିଜେଡି ଜିଲ୍ଲା ସଭାପତି ସରୋଜ ମହାପାତ୍ର ପ୍ରମୁଖ ଏହି ଟିମରେ ସାମିଲ ହୋଇଛନ୍ତି। ପ୍ରତିନିଧି ଦଳ ଦଶରଥପୁର ବ୍ଲକର ସର୍ବାଧିକ କ୍ଷତିଗ୍ରସ୍ତ ତରପଦା ପଂଚାୟତର ଡୋଭାବିଲ ପାଟଣା ଘାଇ ପରିଦର୍ଶନ କରିବା ସହିତ ମଲ୍ଲିକାପୁର ଆଦି ପ୍ରଭାବିତ ପଂଚାୟତ ଗୁଡିକ ବୁଲି ଦେଖିଥିଲେ। ଏହାପରେ ସେମାନେ ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ରହି ଦଶରଥପୁର ବିଡିଓଙ୍କ ସହ ବିପନ୍ନଙ୍କ ସମସ୍ୟାକୁ ନେଇ ଆଲୋଚନା କଲେ। ପ୍ରତିନିଧି ମାନେ ଡୋଭାବିଲ ପାଟଣାରେ ସୃଷ୍ଟି ହୋଇଥିବା ଘାଇ ଓ ବିଭିନ୍ନ ବନ୍ୟାଂଚଳ ବୁଲି ଦେଖିବା ସହ ସ୍ଥିତି ଅନୁଧ୍ୟାନ କରିଥିଲେ। ପୂର୍ବତନ ବାଚସ୍ପତି ଶ୍ରୀ ଅମାତ ପ୍ରଭାବିତ ଅଂଚଳ ଗସ୍ତ କରି ସ୍ଥିତି ସମ୍ପର୍କରେ ଅବଗତ ହୋଇଥିଲେ। ସେ କହିଲେ 'ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ପ୍ରତିନିଧି ଦଳ ଗତକାଲି ଠାରୁ ଦୁଇଦିନ ଧରି ବନ୍ୟାଂଚଳ ବୁଲୁଛନ୍ତି। ତେବେ ବନ୍ୟା ନିୟନ୍ତ୍ରଣ ଓ ମୁକାବିଲା କରିବାରେ ଏ ସରକାର ବିଫଳ ହୋଇଛନ୍ତି। ଏକାଧିକ ଥର ବନ୍ୟା ଆସିବା ଫଳରେ ବିପତିଙ୍କ ଦୁର୍ଦ୍ଦଶା ବହୁମାତ୍ରାରେ ବଢ଼ିଯାଇଛି। ବନ୍ୟା ପୂର୍ବରୁ ଆଗୁଆ କୌଣସି ପ୍ରତିକାର କରାଯାଇନି, ବରଂ ଖାଲି ମିଛ ବାହାସ୍ଫୋଟ ମରାଯାଇଛି। ଏବେ ବି ହଜାର ହଜାର ଲୋକ ପାଣି ଘେରରେ ଅଛନ୍ତି। ଖାଦ୍ୟ, ଗୋଖାଦ୍ୟ କି ଔଷଧ କିଛି ବି ଲୋକଙ୍କ ପାଖରେ ପହଂଚି ପାରିନି। ଚଳିତ ବନ୍ୟାରେ ଚାଷୀ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ଲୋକମାନେ ପାଣି ଘେର ଭିତରେ ଅତି ଦୟନୀୟ ଅବସ୍ଥାରେ ଦିନ ବିତାଉଛନ୍ତି। ସରକାର ସ୍ଥିତି ସୁଧାରିବାରେ ବିଫଳ ହୋଇଛନ୍ତି । ବିଭିନ୍ନ ସ୍ଥାନରେ ମନୁଷ୍ୟକୃତ ଘାଇ ସୃଷ୍ଟି କରାଯାଇ ଅବସ୍ଥାକୁ ଅଧିକ ଜଟିଳ କରାଯାଇଥିବା ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠି କହିଛନ୍ତି। ଲୋକଙ୍କ ସମସ୍ୟା ପ୍ରତି ଦୃଷ୍ଟି ନଦେଇ ଏ ସରକାର ଓ ତାଙ୍କ ନେତା ମାନେ ବେଶୀ ରାଜନୀତି କରୁଛନ୍ତି। ଏପଟେ ସ୍ଥାନୀୟ ବିଧାୟିକା ସୁଜାତା ସାହୁ କହିଲେ ସରକାରଙ୍କ ଅପାରଗତା ଯୋଗୁଁ ସାଧାରଣ ଲୋକେ ହଇରାଣ ହରକତ ହେଉଛନ୍ତି। ଗୋରୁଙ୍କ ପାଇଁ ଖାଦ୍ୟ ନାହିଁ। ଲୋକଙ୍କ ପାଖରେ ରିଲିଫ ପହଂଚି ପାରୁନି। ସ୍ୱାସ୍ଥ୍ୟ ସେବା ଠିକ ଭାବରେ ଲୋକଙ୍କ ପାଖରେ ପହଂଚି ପାରୁନି। ନଳକୂପ ପାଣିରେ ବୁଡିଛି। ପାନୀୟ ଜଳର ବ୍ୟବସ୍ଥା ନାହିଁ। ବର୍ତ୍ତମାନ ସମୟରେ ମିଛ କାନ୍ଦଣା ନକରି ସରକାର ଏବଂ ପ୍ରଶାସନ ଉଭୟ ଯଥେଷ୍ଟ ଯତ୍ନବାନ ହେବାର ଆବଶ୍ୟକତା ରହିଛି ବୋଲି ବିଧାୟିକା କହିଛନ୍ତି।

# ରାଜନୀତି ବିଜ୍ଞାନ ବିଭାଗର ଅଭିଭାବକ-ଶିକ୍ଷକ ସଂଘ ବୈଠକ

ବୁଗୁଡ଼ା,୧୯।୮ :(ମନ୍ଥନ) ସ୍ଥାନୀୟ ପିପୁଲ୍ସକଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ସ୍ୱପରିସରରେ ଅଭିଭାବକ-ଶିକ୍ଷକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ଭଗବାନ ଶତପଥୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ଉପାଧକ୍ଷ ହରିକୃଷ୍ଣ ନାୟକ ଓ ଏକାଡେମିକ୍ ବରସର୍ ଅଧାପକ ମନୋଜ କୁମାର ଦାସ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିବା ସହ ମହାବିଦ୍ୟାଳୟର ନୀତିନିୟମ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ଏହି ବୈଠକରେ ଛାତ୍ରଛାତ୍ରୀଙ୍କ ସମେତ ସେମାନଙ୍କ ଅଭିଭାବକମାନେ ମଧ ଉପସ୍ଥିତ ରହିଥିଲେ। ଏହି ବୈଠକ ଅବସରରେ ବିଭାଗୀୟ ମୁଖ୍ୟ ଅଧାପକ ଅକ୍ଷୟ କୁମାର ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ, ଅଧାପକ



ଲୋକନାଥ ବେହେରା ନୂତନ ଶିକ୍ଷାନୀତିର ପର୍ଯ୍ୟାଲୋଚନା ଏବଂ ଅଧ୍ୟାପକ ପବିତ୍ର ଖଣ୍ଡୁଆଳ ବିଭାଗୀୟ ଅନୁଶାସନ ପାଳନ ପ୍ରତି ଯତ୍ନବାନ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେବା ସହ ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ କୃତିତ୍ୱ ସମ୍ପର୍କେ ଏକ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଉକ୍ତ ବୈଠକ କାଳରେ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଓ ବୌଦ୍ଧିକ ବିକାଶରେ ଅଭିଭାବକ ଏବଂ ଶିକ୍ଷକଙ୍କ ଆବଶ୍ୟକୀୟ ଭୂମିକା ସମ୍ପର୍କେ ବ୍ୟାପକ ଆଲୋଚନା କରାଯାଇଥିଲା । ଏଥି ସହ ଶ୍ରେଣୀରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ୭୫% ଜରୁରୀ ହେତୁ ଅହେତୁକ ଅନୁପସ୍ଥିତି ପ୍ରତି କଡା ଆଭିମୁଖ୍ୟ ଗ୍ରହଣ ନିମନ୍ତେ ସର୍ବସମ୍ମତି ପ୍ରକାଶ ପାଇଥିଲା । ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଛାତ୍ରୀ ଶ୍ରଦ୍ଧାଞ୍ଜଳି ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଶେଷରେ ଛାତ୍ର ସୋମିତ୍ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରେ ବନ୍ୟା ଜଳ ବିପଦ ସଙ୍କେତ ତଳେ ପ୍ରବାହିତ

ଯାଜପୁର,୧୯।୮ :(ମନ୍ଥନ) ବୈତରଣୀରେ ବନ୍ୟାଜଳବୃଦ୍ଧି ପାଇଥିବା ବେଳେ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରେ ବନ୍ୟା ଜଳ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି ବନ୍ୟାଜଳ। ବୈତରଣୀ ନଦୀର ଆଖୁଆପଦା ଠାରେ ବିପଦ ସଙ୍କେତ ୧୮. ୩୩ମିଟର ଥିବା ବେଳେ ସକାଳ ୬ଟା ସୁଦ୍ଧା ଏହା ୧୮. ୬୫ମିଟର ଉପରେ ପ୍ରବାହିତ ହେଉଛି। ସେହିପରି ବ୍ରାହ୍ମଣୀ ନଦୀର ଜେନାପୁର ଠାରେ ବିପଦ ସଙ୍କେତ ୬୭ଫୁଟ ଥିବା ବେଳେ ଏହା ଏବେ ସେହି ୬୬. ୪୦ଫୁଟ ଉପରେ ପ୍ରବାହିତ ହେଉଛି। ମାତ୍ର ଉଭୟ ନଦୀ ଏବଂ ସେମାନଙ୍କ ଶାଖା ନଦୀର ପ୍ରଭାବରେ ବରୀ, ଯାଜପୁର ଏବଂ ଦଶରଥପୁର ବ୍ଲକର ବ୍ୟାପକ ଅଂଚଳ ଜଳମଗ୍ନ ହୋଇରହିଛି। ବ୍ରାହ୍ମଣୀ ଏବଂ ଖରସ୍ରୋତା ପ୍ରଭାବରେ ବରୀ ଓ ବିଂଝାରପୁର ବ୍ଲକର ୨୦ରୁ ଉର୍ଦ୍ଧ୍ୱ ପଂଚାୟତ ପ୍ରଭାବିତ ହୋଇଥିବା ବେଳେ ଶତାଧିକ ଗାଁରେ ବନ୍ୟାର ପ୍ରକୋପ ଦେଖିବାକୁ ମିଳିଛି। ସେହିପରି ଦଶରଥପୁର ବ୍ଲକରେ ୧୯ଟି ପଂଚାୟତର ୭୦ରୁ ଉର୍ଦ୍ଧ୍ୱ ଗାଁ ପାଣିଘେରରେ ଅଛନ୍ତି। ଘାଇ ମୁହଁ ଦେଇ ପାଣିର ପ୍ରଖର ସ୍ରୋତ ଗାଁ ଗଣ୍ଡାରେ ପ୍ରବେଶ କରିଛି। ବ୍ୟାପକ ଚାଷଜମି ଜଳମଗ୍ନ ହୋଇରହିଛି। ଫଳରେ ଧାନ ଓ ପନିପରିବା ଫସଲ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି। ତଳିଆ ଅଂଚଳରେ ସ୍ଥିତି ଗମ୍ଭୀର ହୋଇଛି। ଅନେକ ଗୁଡିଏ ଗାଁ ଜଳବନ୍ଦୀ ହୋଇରହିଛି। ପ୍ରଶାସନ ପକ୍ଷରୁ ଉଦ୍ଧାର ଓ ଥଇଥାନ ସହିତ ରିଲିଫ କାର୍ଯ୍ୟ ମଧ ଜାରି ରହିଛି। ଉଭୟ ବ୍ଲକରେ ଜଳସମ୍ପଦ ବିଭାଗ ସହିତ ନୋଡାଲ ଟିମ, ଉଦ୍ଧାରକାରୀ ଦଳ ଓ ସ୍ୱାସ୍ଥ୍ୟ ଟିମ ପକ୍ଷରୁ ବ୍ୟାପକ ତତ୍ପରତା ପ୍ରକାଶ ପାଇଛି। ସ୍ୱତନ୍ତ୍ର ରିଲିଫ୍ କମିଶନର ଙ୍କ ସୂଚନା ଅନୁଯାୟୀ, ଜିଲ୍ଲାର ୧୦ଟି ବ୍ଲକ୍ର ୧୧୭ଟି ଗ୍ରାମ ପଂଚାୟତ/ସହରାଂଚଳ ଏବଂ ୩୪୫ଟି ଗାଁର ପ୍ରାୟ ୩ ଲକ୍ଷ ୯୮ ହଜାରରୁ ଉର୍ଦ୍ଧ୍ୱ ଲୋକ ବନ୍ୟା ପ୍ରଭାବିତ ହୋଇଛନ୍ତି।

# ଅଜଣା ବ୍ୟକ୍ତିଙ୍କ ଶବ ଉଦ୍ଧାର

କୁକୁଡାଖଣ୍ଡି,୧୯।୮ :(ମନ୍ଥନ)ନିମଖଣ୍ଡି ଥାନା ଅନ୍ତର୍ଗତ ଲୋଚାପଡା ମୁଖ୍ୟ ରାସ୍ତା ପଂଚାୟତ କାର୍ଯ୍ୟାଳୟ ନିକଟ ଏକ ଘର ପାର୍ଶ୍ୱରେ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି । ପୁଲିସର ସୂଚନା ପ୍ରକାରେ ମୃତକ ଜଣକ ବୟସ ୪୦ରୁ ୪୫ ବର୍ଷ ହୋଇଥିବା ଜଣାପଡିଛି । ବ୍ୟକ୍ତି ଜଣଙ୍କ ରବିବାର ସନ୍ଧ୍ୟାରେ ଉକ୍ତ ସ୍ଥାନରେ ବୁଲୁଥିବା ସ୍ଥାନୀୟ ବାସିନ୍ଦାଙ୍କ ସୂତ୍ରରୁ ଜଣାପଡିଛି । ମୃତ ବ୍ୟକ୍ତିଙ୍କ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ନିମଖଣ୍ଡି ଥାନାରେ ସୂଚନା ଦେଇଥିଲେ । ନିମଖଣ୍ଡି ଥାନା ପୁଲିସ ଘଟଣା ସ୍ଥଳରେ ପହଂଚି ଶବ ଜବତ କରି ବ୍ରହ୍ମପୁର ବଡମେଡିକାଲକୁ ପଠାଇବା ସହ ଏନେଇ ଥାନାରେ ୨୦/୨୦୨୬ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଥାନା ଅଧିକାରୀ କୃଷ୍ଣ ଶାହା ସୂଚନା ଦେଇଛନ୍ତି । ମୃତ ବ୍ୟକ୍ତି ଜଣକ ପରିଚୟ ମିଳିନଥିବାରୁ ଶବକୁ ବ୍ୟବଚ୍ଛେଦ ଗୃହରେ ସଂରକ୍ଷିତ ରଖାଯାଇଥିବା ଜଣାପଡିଛି ।

# କୋଦଳା ଠାରେ ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀ ତରଫରୁ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ

କୋଦଳା,୧୯।୮ :(ମନ୍ଥନ) କୋଦଳା ଶ୍ରୀ ଦଣ୍ଡିଶ୍ୱର ମନ୍ଦିର ପରିସର ଠାରେ କୋଦଳା 'ସ୍ୱାଭିମାନ ସୁରକ୍ଷା ମଞ୍ଚ' ଆନୁକୂଲ୍ୟରେ 'ଦକ୍ଷିଣ ଓଡିଶା ସାହିତ୍ୟ ସମିଳନୀ' କୋଦଳା ତରଫରୁ 'ପ୍ରତିଭା ସମ୍ବର୍ଦ୍ଧନା ସମାରୋହ' ଉଛବ ଅନୁଷ୍ଠିତ ହୋଇଯାଇଛି । କୋଦଳା ସ୍ୱାଭିମାନ ମଞ୍ଚ ଆବାହକ ତଥା ସାହିତ୍ୟ ସମିଳନୀ ଅଭ୍ୟର୍ଥନା କମିଟି ଅଧକ୍ଷ ସନ୍ତୋଷ କୁମାର ନାୟକଙ୍କ ସଭାପତିତ୍ୱ ଏବଂ ଦକ୍ଷିଣ ଓଡିଶା ସାହିତ୍ୟ ସମିଳନୀ ମହାସଚିବ ଦଣ୍ଡପାଣି ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଓଡିଶା ଉଚ୍ଚ ନ୍ୟାୟାଳୟ ପୂର୍ବତନ ନ୍ୟାୟମୂର୍ତ୍ତି ବିଶ୍ୱନାଥ ମହାପାତ୍ର ଯୋଗଦେଇ ମହାପ୍ରଭୁ ଜଗନ୍ନାଥଙ୍କ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । 'ସାହିତ୍ୟ ହେଉଛି ସମାଜର ଦର୍ପଣ ଏବଂ ସଂସ୍କୃତି ଓ ସମୃଦ୍ଧିର ପ୍ରତୀକ ।ସାହିତ୍ୟକ ହେଉଛି ଏକାଧାରାରେ ସମାଜର ସ୍ରଷ୍ଟା, ପାଳକ ଏବଂ ବିଧ୍ୱଂସକ । ସାହିତ୍ୟକର କଲମର ମୂଲ୍ୟ ଯେକୌଣସି ମାରଣାସ୍ତ୍ରଠୁ ବି ଅଧିକ ଶକ୍ତିଶାଳୀ ବୋଲି ନ୍ୟାୟମୂର୍ତ୍ତି ଶ୍ରୀ ମହାପାତ୍ର ତାଙ୍କ ବକ୍ତବ୍ୟରେ ମତ ପୋଷଣ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡକ୍ଟର ଗୀତାଞ୍ଜଳି ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ



ଅଷ୍ଟଦୁର୍ଗ ମାଟିର ଜ୍ଞାନ ତପସ୍ୱି -ସଂସ୍କୃତ ସାହିତ୍ୟର ପ୍ରବୀଣ ପ୍ରତିଭା ପୁଣ୍ୟଶ୍ଳୋକ ପଣ୍ଡିତ ବାସୁଦେବ ମିଶ୍ରଙ୍କ ସ୍ମୃତି ଉଜାଗର କରିଥିଲେ । ପୂର୍ବତନ ଓଡିଶା ସାହିତ୍ୟ ଏକାଡେମୀର ସଚିବ ତଥା ଅଧିକ୍ଷିକା ଏବଂ ଓଡିଶା ସରକାରଙ୍କ ରାଜ୍ୟ ସଂଗ୍ରହାଳୟ ଓ ସଂସ୍କୃତି ବିଭାଗ ସଚିବ ଜୟନ୍ତୀ ରଥ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଜାତିର ଇତିହାସରେ ସାହିତ୍ୟର ବିଶିଷ୍ଟ ପ୍ରତିଭା ସତ୍ୟନାରାୟଣ ରାଜଗୁରୁଙ୍କ ଅମୁଲ୍ୟ ଯୋଗଦାନ ଏବଂ ତାଙ୍କର ପ୍ରଗାଢ଼ ପାଣ୍ଡିତ୍ୱ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀର ସଭାପତି ତଥା ବିପ୍ଳବୀ କବି ପ୍ରଶାନ୍ତ ମିଶ୍ର, ବଲାଙ୍ଗୀରର କେନ୍ଦ୍ରୀୟ ନବୋଦୟ ବିଦ୍ୟାଳୟ ଅଧ୍ୟାପକ ବନବିହାରୀ ଦାଶ ଯୋଗଦେଇ ସମାଜରେ ସାହିତ୍ୟର ଭୂମିକା ଅତ୍ୟନ୍ତ ଭାବେ ଗୁରୁତ୍ୱ ବହନ କରେ ଏବଂ ସାହିତ୍ୟକୁ ଭଲ ନପାଇଲେ ଆମର ପୁରାତନ ସଭ୍ୟତା, ସଂସ୍କୃତି, ପରମ୍ପରା ଆଦି ନଷ୍ଟ ହୋଇଯିବ ବୋଲି ମତପ୍ରକାଶ କରିଥିଲେ । ଏହି ଅବସରରେ ଡକ୍ଟର ବିଭୂପ୍ରଭା ରଥଙ୍କ ପୌରାଣିକ ଉପନ୍ୟାସ 'ମେଘାମ୍ବରୀ' ଏବଂ ଜୟସେନ ପ୍ରଧାନଙ୍କ 'ସ୍ମୃତିର ଅକ୍ଷର' ଓ 'ଗଳ୍ପ ମଞ୍ଜରୀ' ପୁସ୍ତକ ଲୋକାର୍ପିତ ହୋଇଥିଲା । ଉକ୍ତ ସମାରୋହ ବହୁସଂଖ୍ୟାରେ ସାହିତ୍ୟ ପ୍ରେମୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିବାବେଳେ ସାହିତ୍ୟ ସମାଜର ବିଭିନ୍ନ କ୍ଷେତ୍ରରେ କୃତିଲାଭ କରିଥିବା ପ୍ରତିଭା ମାନଙ୍କୁ ଉପଢୌକନ ସହ ପ୍ରମାଣପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।

# ଖରିଫ୍ ଋତୁ ୨୦୨୬ ନିମନ୍ତେ ଜିଲ୍ଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ

ଜଗତସିଂହପୁର,୧୯।୮ :(ମନ୍ଥନ) ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଜିଲ୍ଲା କୃଷି ବିଭାଗ ଆନୁକୂଲ୍ୟରେ ଖରିଫ୍ ଋତୁ ୨୦୨୬ ନିମନ୍ତେ ଜିଲ୍ଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧକ୍ଷତା କରି ଜିଲ୍ଲାପାଳ ଶ୍ରୀ ଜେ ସୋନାଲ କହିଲେ ଜଗତସିଂହପୁର ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା।ଚାଷୀ ମାନଙ୍କ ନିମନ୍ତେ ସରକାର ବହୁତ୍ ଯୋଜନା କରିଛନ୍ତି। କୃଷକ ମାନେ ଯେପରି ପ୍ରତ୍ୟେକ ଯୋଜନାର ସୁଫଳ ପାଇପାରିବେ ସେଥିପ୍ରତି କୃଷି ବିଭାଗ ଅଧିକାରୀ ମାନେ ଯତ୍ନବାନ ହେବା ଆବଶ୍ୟକ। ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ କୃଷି ବିଭାଗ ଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ସି ଏମ୍ କିଷାନ ଯୋଜନା,ପି ଏମ୍ କେ ୱାଇ ଯୋଜନା ରେ ଜିଲ୍ଲାର ଅଧିକରୁ ଅଧିକ ଚାଷୀ ଯେପରି ନିଜ ନିଜର ନାମ ପଞ୍ଜିକରଣ କରିବେ ସେଥିପ୍ରତି ବ୍ଲକ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ,ଏବଂ ସମବାୟ ବିଭାଗ ଅଧିକାରୀ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାର ଚାଷୀ ମାନଙ୍କୁ ଠିକ୍ ସମୟରେ ବିହନ ସାର ଯୋଗାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ଯୋଜନା ଓ ସବସିଡି



ବାବଦରେ କୃଷି ଅଧିକାରୀ ମାନେ ପଞ୍ଚାୟତ ସ୍ତରରେ ବ୍ୟାପକ ପ୍ରଚାର ପ୍ରସାର ସହିତ ଚାଷୀମାନଙ୍କୁ ସଚେତନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ (CDAO) ଶ୍ରୀ ବିଭୁଦତ୍ତ ସାହୁ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ। ବୈଠକରେ ପୂର୍ବ ବୈଠକ ର ବିବରଣୀକୁ ଦୃଢ଼ୀକରଣ କରାଯାଇଥିଲା। ୨୦୨୫-୨୬ରବି ଋତୁରେ ୭୩୮୩୫ ହେକ୍ଟର ଜମିରେ ହାଇବ୍ରିଡ ଧାନ, ମକା,ମୁଗ,ବିରି,କୋଳଥ , ମଟର,ବାଦାମ,ରାଶି ଆଦି ଚାଷ କରାଯାଇଥିଲା। ମୋଟ୍ ୬୮୨୯୭ ହେକ୍ଟର ଜମିରେ ଡାଲିଯାତୀୟ ଫସଲ କରାଯାଇଥିଲା। ଏତଦ୍ ବ୍ୟତୀତ ସୂର୍ଯ୍ୟମୁଖୀ,ଆଳୁ , ପିଆଜ, ଅନ୍ୟାନ୍ୟ ପନିପରିବା, ଲଙ୍କା, ରସୁଣ,ଧନିଆ, ଆଖୁଚାଷ ହୋଇଥିଲା। ଚଳିତ ଖରିଫ ଋତୁରେ ସମସ୍ତ ଫସଲ କୁ ମିଶାଇ ମୋଟ ୮୧୮୧୦ ହେକ୍ଟର ଜମିରେ କୃଷିକାର୍ଯ୍ୟ ନିର୍ଦ୍ଧାରଣ କରାଯାଇଛି ।ସେଥିମଧ୍ୟରୁ ୮୦୨୫୦ ହେକ୍ଟର ରେ ଧାନ , ମାଣ୍ଡିଆ, ଜୱାର ଆଦି ଖାଦ୍ୟଶସ୍ୟ,୧୭୦ ହେକ୍ଟର ରେ ଡାଲି ଜାତୀୟ ଫସଲ ,୭୦ ହେକ୍ଟର ରେ ଝୋଟ,୧୧୨୦ ହେକ୍ଟର ରେ ମସଲା ଜାତୀୟ ଫସଲ, ୨୦ ହେକ୍ଟର ସବୁଜ ଗୋଖାଦ୍ୟ , ୧୮୦ ହେକ୍ଟର ରେ ଆଖୁ ଚାଷ ନିମନ୍ତେ ଲକ୍ଷ ଧାର୍ଯ୍ୟ ରହିଛି। ତାଳଦଣ୍ଡା,ମାଛଗାଁ, ମହାନଦୀ ବ୍ୟାରେଜ୍ ଡିଭିଜନ, ଉଠା ଜଳସେଚନ ପଏଣ୍ଟ, ନଳକୂପ ମାଧ୍ୟମରେ ୭୭୩୫୬ ହେକ୍ଟର ଜମିରେ ଜଳସେଚନର ସୁବିଧା ରହିଛି। ୩୩୭୦ କ୍ୱିଣ୍ଟାଲ ଧାନ ବିହନ,୩୧୨ କ୍ୱିଣ୍ଟାଲ ଧଣୀଚା ମଞ୍ଜି, ମଞ୍ଜି ପାଇଁ ଇଣ୍ଡେଣ୍ଟ ଦିଆଯାଇଛି। ଜିଲ୍ଲାର ଚାଷୀ ମାନଙ୍କୁ ସମବାୟ ଓ ବିଭିନ୍ନ ବ୍ୟାଙ୍କ୍ ଜରିଆରେ ୨୭୪୨୭୮.୬୭ ଲକ୍ଷ ଋଣ ଟଙ୍କା ପ୍ରଦାନ କରାଯିବାର ଧାର୍ଯ୍ୟ ଲକ୍ଷ ରହିଛି। ଖସଡ଼ା ଧାନ ଚାଷ , ଇଣ୍ଟିଗ୍ରେଟେଡ୍ ମାଇକ୍ରୋନିଉଟ୍ରିଏଣ୍ଟ ପରିଚାଳନା, ସିଡ ଭିଲେଜ ପ୍ରୋଗ୍ରାମ,ଇ - ପେଷ୍ଟ , ସରଭେଲାନ୍ସ ମାଧ୍ୟମରେ କୀଟ ଦମନ ,ଜୈବସାର, ଭର୍ମିକମ୍ପୋଷ୍ଟ,ମିଲେଟ ମିଶନ,ଟ୍ରାକ୍ଟର ସାହାଯ୍ୟରେ ମଞ୍ଜି ବୁଣା ବ୍ୟବହାର ଉପରେ ପ୍ରାଧାନ୍ୟ ଦିଆଯାଇଛି। ବୈଠକରେ ବିହନ ଯୋଗାଣ, ରାସାୟନିକ ସାର,ଫସଲ ସୁରକ୍ଷା, ମୃର୍ତିକା ପରୀକ୍ଷଣ, ସୌର ଜଳବିଧି, ଜାତୀୟ ଖାଦ୍ୟ ମିଶନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ଉପରେ ଆଲୋଚନା ହୋଇଥିଲା।ଏହା ବ୍ୟତୀତ ନଡ଼ିଆ,ଆମ୍ବ,କାଜୁ,ଲେମ୍ବୁ,ଅମୃତଭଣ୍ଡା, ପଣସ, କଦଳୀ, ପାନ ଚାଷ ଆଦି ଉଦ୍ୟାନ କୃଷି ,ମୃତ୍ତିକା ସଂରକ୍ଷଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଉପ-ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ଅଗ୍ରଣୀ ଜିଲ୍ଲା ବ୍ୟାଙ୍କ ପ୍ରବନ୍ଧକ (LDM), ନାବାର୍ଡର ଡିଡିଏମ୍ (DDM NABARD), ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ (ADH), ସମସ୍ତ ବ୍ଲକ କୃଷି ଅଧିକାରୀ (BAO), ସହକାରୀ କୃଷି ଅଧିକାରୀ (AAO) ଏବଂ ସଂପୃକ୍ତ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜାତୀୟ ସ୍ତରୀୟ କବୟତ୍ରି ପାରମିତା ଷଡ଼ଙ୍ଗୀ କଳିଙ୍ଗ ରତ୍ନ ସମ୍ମାନ ୨୦୨୬ ସମ୍ମାନିତ ହେଲେ

ଗୋପ/ଅସ୍ତରଙ୍ଗ, ୧୯।୮ :(ମନ୍ଥନ) ପୁରୀ ଜିଲ୍ଲା ଅସ୍ତରଂଗ ପ୍ରେସ୍ କ୍ଲବର ରାଜ୍ୟ ସ୍ତରୀୟ ୧୦ ମ ବାର୍ଷିକ ଉତ୍ସବ ଓ କଳିଙ୍ଗ ରତ୍ନ ସମ୍ମାନ ୨୦୨୬ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଅସ୍ତରଂଗ ବଜାରରେ ବର୍ଣ୍ଣାଢ୍ୟ ଆୟୋଜିତ ସମାବେଶରେ କ୍ଲବ ର ସଭାପତି ଶରତ କୁମାର ପରିଡ଼ା ଅଧକ୍ଷତା କରିଥିଲେ। ପୁରୀ ଜିଲ୍ଲା ଦଶମ ବୋର୍ଡ ପରୀକ୍ଷା ରେ ଟପର ସୁଶ୍ରୀ ପ୍ରିୟଙ୍କା ମହାପାତ୍ର ଯୋଗ ଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ନମ୍ରତା ଚଢା ଯୋଗ ଦେଇ ସ୍ୱାଧୀନ ଭାରତ ବନାମ ଗଣମାଧ୍ୟମ : ଭାରତ ବାଣ୍ଟୁଛି ଶାନ୍ତିର ବାର୍ତ୍ତା ସମ୍ପର୍କରେ ନିଜର ଅଭିଭାଷଣ ରଖିଥିଲେ। ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ସୁଜ୍ଞାନ ଚୌଧୁରୀ ଯୋଗ ଦେଇ ନିଜ ବକ୍ତବ୍ୟରେ ଆଜିର ପରିସ୍ଥିତିରେ ଗଣମାଧ୍ୟମ କିପରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରେସ କ୍ଲବର ଶୃଙ୍ଖଳା କମିଟି ଅଧକ୍ଷ ଜଗନ୍ନାଥ ବେହୁରା ଯୋଗ ଦେଇ ନିଜର ଅଭିଭାଷଣ ରଖିଥିବା ବେଳେ ସଭାପତି ଶ୍ରୀ ଶରତ କୁମାର ପରିଡ଼ା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଭବ୍ୟ ସମାବେଶରେ ଯୋଗଦେଇଥିବା ମୟୂରଭଞ୍ଜ, ଅନୁଗୁଳ, ଯାଜପୁର, ପୁରୀ, ସମ୍ବଲପୁର, ଭୁବନେଶ୍ୱର, ବଲାଙ୍ଗୀରି, କୋରାପୁଟ ଭଳି ବିଭିନ୍ନ ଅଞ୍ଚଳର ଆଦର୍ଶ ଶିକ୍ଷକ ଶିକ୍ଷୟତ୍ରୀ, ଲେଖକ ଲେଖିକା,



ସମାଜସେବୀ, କଳାକାର ଓ ସାମ୍ବାଦିକମାନଙ୍କୁ କଳିଙ୍ଗ ରତ୍ନ ସମ୍ମାନ ୨୦୨୬ ରେ ସମ୍ବର୍ଦ୍ଧିତ କରାଯାଇଥିଲା। ' ସମାଜ ' ର ଉତ୍ତର ଭୁବନେଶ୍ୱର ପ୍ରତିନିଧି କ୍ଷୀରୋଦ କୁମାର ବେହେରାଙ୍କୁ ସାମ୍ବାଦିକତାକୁ ପେଶା ଭାବେ ନନେଇ ସମାଜ ପ୍ରତି ନିଜର ଏକ ଦାୟିତ୍ୱ ଓ ନିଷ୍ଠାର ସହିତ ଆଦର୍ଶକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଆସିଥିବା ନିଜ ବ୍ୟକ୍ତିଗତ ଓ ପାରିବାରିକ ଜୀବନର ସୁଖ , ସୁବିଧା ଓ ସମୟକୁ ଦୃଷ୍ଟି ନ ଦେଇ ଜନସାଧାରଣଙ୍କ ସ୍ୱାର୍ଥରେ ଅବିରତ କାର୍ଯ୍ୟ କରିଆସୁଥିବା ଏବଂ ସାଧାରଣ ଲୋକଙ୍କ ସମସ୍ୟା , ସାମାଜିକ ଅସଙ୍ଗତି , ଉନ୍ନତି ମୂଳକ ପ୍ରସଙ୍ଗ ଓ ସତ୍ୟ ବିଷୟ ବସ୍ତୁକୁ ନେଇ ନିଷ୍ଠାର ସହିତ କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ଦାୟକ ହୋଇଥିବାରୁ ଚଳିତ ଥର ପାଇଁ କଳିଙ୍ଗ ରତ୍ନ ସମ୍ମାନ ୨୦୨୬ ପ୍ରଦାନ କରାଯାଇ ଥିବା ବେଳେ ଜାତୀୟ ସ୍ତରର କବଇତ୍ରୀ ଓ ଲେଖିକା ପାରମିତା ଷଡ଼ଙ୍ଗୀ , ନିୟୁଜ ସେଭେନ୍ ବାର୍ତ୍ତା ବହ ଲଳିତେନ୍ଦୁ ପଲାଉରୀ ଓ ଲଲାଟେନ୍ଦୁ ମିଶ୍ର ଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା ।

ପ୍ରାରମ୍ଭରେ ଆନି ଶତପଥୀଙ୍କ ମଞ୍ଚ ସଂଯୋଜନାରେ ମହାମାନ୍ୟ ରାଜ୍ୟପାଳ, ପୁରୀ ଜିଲ୍ଲାପାଳ, ପୁରୀ ଉପାଧକ୍ଷ, ସାଂସଦ ଓ ବିଧାୟକଙ୍କ ଭଳି ବହୁ ମାନ୍ୟଗଣ୍ୟ ବ୍ୟକ୍ତିତ୍ୱଙ୍କ ଶୁଭେଚ୍ଛା ବାର୍ତ୍ତା ପାଠ କରାଯାଇଥିବାବେଳେ ସକାଳ ସମୟରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଅସ୍ତରଙ୍ଗ ତହସିଲର ଅତିରିକ୍ତ ତହସିଲଦାର ଅମିତ୍ କୁମାର ରାୟ ଜାତୀୟ ପତାକା ଉତ୍ତଳନ କରିଥିଲେ। ଅପରାହ୍ନରେ ସ୍ୱାଧୀନ ଭାରତ ବନାମ ଗଣମାଧ୍ୟମ : ଭାରତ ବାଣ୍ଟୁଛି ଶାନ୍ତିର ବାର୍ତ୍ତା ସମ୍ପର୍କିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଶେଷରେ କ୍ଲବର ସାଧାରଣ ସମ୍ପାଦକ ବୃନ୍ଦାବନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିବାବେଳେ ମୁଖ୍ୟ ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପରିଡା, କାର୍ଯ୍ୟାଳୟ ସମ୍ପାଦିକା ଅମ୍ରିତା ମହାନ୍ତି, ଉପସଭାପତି ମମତା ଜେନା, କୋଷାଧକ୍ଷ ପ୍ରିୟବ୍ରତ ମୁଦୁଲି, ପ୍ରଶାନ୍ତ ଜେନା ଓ ଜ୍ୟୋତିଶଙ୍କର ଦାଶ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

ଗୁରୁବାର ୨୦ ଅଗଷ୍ଟ, ୨୦୨୬, ଭୁବନେଶ୍ୱର

Thursday, August 20 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ପୁଞ୍ଜିନିବେଶ ଆଶା

ଦିଲ୍ଲୀରେ ଅନୁଷ୍ଠିତ ଇନଭେଷ୍ଟର୍ସ ମିଟରେ ଓଡ଼ିଶାରେ ବିପୁଳ ପୁଞ୍ଜିନିବେଶ ଲାଗି ପ୍ରସ୍ତାବ ଆସିଛି। କିଛି ବଡ଼ ବଡ଼ କମ୍ପାନୀ ସହ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଛି। ଏସବୁ ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ରାଜ୍ୟରେ ଅନେକ ଯୁବକ ଯୁବତୀ ନିଯୁକ୍ତି ସୁଯୋଗ ପାଇବେ। ମୁଖ୍ୟମନ୍ତ୍ରୀମୋହନ ଚରଣ ମାଝୀ ଅନେକ ଶିଳ୍ପ ସଂସ୍ଥା ତଥା ନିବେଶକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଆଲୋଚନା ବେଳେ ଅନେକ ଓଡ଼ିଶାରେ ପୁଞ୍ଜିନିବେଶ ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ପ ଏହା ସ୍ୱାଗତଯୋଗ୍ୟ। ଅବଶ୍ୟ ଏଥିରେ କିଛି ନୂତନ୍ତ୍ୱ ନାହିଁ। ଅତୀତରେ ମଧ୍ୟ ଏଭଳି ଅନେକ ଶିଳ୍ପ ସଂସ୍ଥା ଓଡ଼ିରେ ପୁଞ୍ଜିନିବେଶ ଲାଗି ଆଗ୍ରହ ପ୍ରକାଶ କରିଥିଲେ। କିନ୍ତୁ ସେଥିରୁ ଅଧିକାଂଶ ପ୍ରତିଶ୍ରୁତି କେବଳ କାଗଜପତ୍ରରେ ସୀମିତ ରହିଛି। ବିଭିନ୍ନ କାରଣରୁ ଅନେକ ନିବେଶ ପ୍ରସ୍ତାବ କାର୍ଯ୍ୟକାରୀ ହୋଇପାରିନାହିଁ। କିନ୍ତୁ ଏବେ ପରିସ୍ଥିତି ଭିନ୍ନ। ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ଗୋଟିଏ ଦଳର ସରକାର ରହିଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ବିଜେପି କ୍ଷମତାସୀନ ରହିଛି। ପ୍ରଥମ ଥର ପାଇଁ ଓଡ଼ିଶା ଦଖଲ କରିଥିବା ବିଜେପି ଓଡ଼ିଶାରେ କିଛି ନୂଆ କରି ଦେଖିବାର ପ୍ରୟାସ ଜାରି ରଖିଛି। ଓଡ଼ିଶରେ ପୁଞ୍ଜିନିବେଶ ଲାଗି ଯେଉଁସବୁ ପ୍ରସ୍ତାବ ଆସିଛି ସେଥିରୁ ଅଧା କାର୍ଯ୍ୟକାରୀ ହେଲେ ମଧ୍ୟ ବହୁତ ବଡ଼ ସଫଳତା ହେବ। ଗତ ବର୍ଷ ଓଡ଼ିଶାରେ ଉତ୍କର୍ଷ ଓଡ଼ିଶା କନକ୍ଲେଭ ସଫଳତାର ସହ ଆୟୋଜିତ ହୋଇଥିଲା। ଏହି କନକ୍ଲେଭରେ ଅନେକ ପ୍ରସ୍ତାବ ଆସିଥିଲା ଏବଂ ରାଜ୍ୟ ସରକାର ଅନେକ ଶିଳ୍ପ ସଂସ୍ଥା ସହ ଏମଓୟୁ ସ୍ୱାକ୍ଷର କରିଛନ୍ତି। ଖୋଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିବେଶକମାନଙ୍କୁ ସହାୟତା ଲାଗି ପ୍ରତିଶ୍ରୁତି ଦେଇଛନ୍ତି। ଏହାକୁ ସେ ଓଡ଼ିଶା ପାଇଁ ମୋଦିଙ୍କ ଗ୍ୟାରେଣ୍ଟି ବୋଲି କହିଛନ୍ତି। ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ଗୋଟିଏ ଦଳର ସରକାର ଚାଲିଛି। ତେଣୁ ଉଭୟ ସରକାର ସହଯୋଗର ହାତ ବଢ଼ାଇବେ। ଏହାର ପ୍ରଭାବ ନିଶ୍ଚିତ ଭାବେ ପଡ଼ିବ ଏବଂ ଓଡ଼ିଶାକୁ ପୁଞ୍ଜିର ସୁଅ ଛୁଟିବ ବୋଲି ଆଶା କରାଯାଇପାରେ। ଏହା ଦ୍ୱାରା ଓଡ଼ିଶାରେ ଲକ୍ଷାଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ସରକାରଙ୍କ ରାଜସ୍ୱ ଦ୍ୱିଗୁଣିତ ହେବ। ବେଦାନ୍ତ କମ୍ପାନୀ ମୁଖ୍ୟ ଅନିଲ ଅଗ୍ରୱାଲ ରାୟଗଡ଼ାରେ ଏକ ଆଲୁମିନିୟମ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଯୋଜନା କରିଛନ୍ତି। ଏ ବାବଦରେ ସେ ୨୦ ହଜାର କୋଟି ଟଙ୍କା ବିନିଯୋଗ କରିବେ ବୋଲି କହିଛନ୍ତି। ରାଷ୍ଟ୍ରାୟତ ଇଣ୍ଡିଆନ ଅଏଲ କର୍ପୋରେସନ ବା ଆଇଓସିଏଲ ଓଡ଼ିଶାରେ ୭୦ ହଜାର କୋଟି ଟଙ୍କା ନିବେଶ ଯୋଜନା କରିଛି। ପାରାଦୀପ ଏବଂ ଭଦ୍ରକରେ ଏହି ନିବେଶ ହେବ। ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପାରାଦ୍ୱୀପରେ ମେଗା ଷ୍ଟିଲ ପ୍ଲାଣ୍ଟ ନିମାଣ କରୁଛି। ଏହା ବ୍ୟତିତ କେନ୍ଦୁଝରରେ ୩୦ରୁ ୪୦ ହଜାର କୋଟି ଟଙ୍କା ବିନିଯୋଗରେ ଆଉ ଏକ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଯୋଜନା କରିଥିବା ସେ କହିଛନ୍ତି। ଏଥିରେ ପୋସ୍କୋର ସହାୟତା ନିଆଯିବ ଏବଂ ପୋସ୍କୋ ସହ ମିଳିତ ଭାବେ ଏହି ପ୍ରକଳ୍ପ ପ୍ରତିଷ୍ଠା ହେବ ବୋଲି ଜିନ୍ଦଲ ପକ୍ଷରୁ କୁହାଯାଇଛି। ଏହା ବ୍ୟତିତ ଅନ୍ୟାନ୍ୟ ବହୁ ବଡ଼ ବଡ଼ କମ୍ପାନୀ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ଓଡ଼ିଶାରେ ନିବେଶ ଲାଗି ଯେତେ ପ୍ରସ୍ତାବ ରହିଛି ସେଥିରୁ ଅଧିକାଂଶ ବଡ଼ ପ୍ରସ୍ତାବ ହେଉଛି ଖଣି ଭିତ୍ତିକ ଶିଳ୍ପ ପ୍ରକଳ୍ପ। ଏହା ସ୍ୱାଭାବିକ। କାରଣ ଓଡ଼ିଶା ଏକ ଖଣି ସମୃଦ୍ଧ ରାଜ୍ୟ। କୋଇଲା, ଲୁହାପଥର,ମାଙ୍ଗାନିଜ, ବକ୍ସାଇଟ, ଡୋଲୋମାଇଟ ଆଦି ମୂଲ୍ୟବାନ ଖଣିଜ ସାମଗ୍ରୀ ଏଠାରେ ପ୍ରଚୁର ପରିମାଣରେ ଗଚ୍ଛିତ ରହିଛି। ତେଣୁ ସ୍ୱାଭାବିକ ଭାବେ ଏଠାରେ ଖଣି ଭିତ୍ତିକଶିଳ୍ପ ପ୍ରତିଷ୍ଠା ଲାଗି ଅଧିକ ପ୍ରସ୍ତାବ ଆସିବ। କିନ୍ତୁ ବାସ୍ତବ କ୍ଷେତ୍ରରେ ଜମି ଅଧିଗ୍ରହଣ, ପରିବେଶ ମଞ୍ଜୁରୀ, ଖଣି ଲିଜ ସମ୍ଭବ ନହେଲେ ସବୁ ଉଦ୍ୟମ ମୂଲ୍ୟହୀନ ହୋଇଯିବ। କେବଳ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ବଳରେ ଏହା ସମ୍ଭବ ହୋଇପାରିବ। ସବୁ ରାଜ୍ୟରେ ଏଭଳି କନକ୍ଲେଭ ହେଉଛି। ସମସ୍ତ ନିବେଶକ ସେଠାକୁ ଯାଉଛନ୍ତି। ସବୁଠି ନିବେଶକମାନେ ଲକ୍ଷ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶର ପ୍ରତିଶ୍ରୁତି ଦେଉଛନ୍ତି। କିନ୍ତୁ ସବୁ କାର୍ଯ୍ୟକାରୀ ହେଉନି। ଓଡ଼ିଶାରେ ଏଥର ଇତିହାସର ପୁନରାବୃତ୍ତି ନହେଉ, ଏହା ହିଁ ଆଶା। ଯଦି ଏବେ ନୁହେଁ, ତେବେ କେବେ ଏହା ସମ୍ଭବ ହେବ ନାହିଁ। ଯଦି ଡବଲ ଇଞ୍ଜିନ ସରକାରରେ ଏହା କାର୍ଯ୍ୟକାରୀ ନହୋଇପାରିଲା, ତେବେ ଏହାକୁ ଓଡ଼ିଶାର ଦୁର୍ଭାଗ୍ୟ ବୋଲି କୁହାଯିବ। ଏବେ ଓଡ଼ିଶାରେ ପୁଞ୍ଜିନିବେଶ ଲାଗି ଯେଉଁ ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇଛି ତାହା ପୂର୍ବରୁ କେବେ ନଥିଲା। ଏବେ ବିକଶିତ ଓଡ଼ିଶା ଗଠନ ଲାଗି ସୁବର୍ଣ୍ଣ ସୁଯୋଗ ସୃଷ୍ଟି ହୋଇଛି। ଏହାକୁ ହାତଛଡ଼ା କରାଯିବା ଅନୁଚିତ। ଏହି ସୁଯୋଗର ସଦୁପଯୋଗ କରାଗଲେ ୨୦୩୬ ସୁଦ୍ଧା ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନର ଶହେ ବର୍ଷ ପୂର୍ତ୍ତି ଅବସରରେ ଏକ ବିକଶିତ ଏବଂ ସମୃଦ୍ଧ ଓଡ଼ିଶା ଗଠନର ସ୍ୱପ୍ନ ସାକାର ହୋଇପାରିବ। କିନ୍ତୁ କେବଳ ଶିଳ୍ପ ପ୍ରତିଷ୍ଠା ଲାଗି ନିବେଶ ଯଥେଷ୍ଟ ନୁହେଁ। କୃଷି ବିକାଶ ସହିତ ପର୍ଯ୍ୟଟନ ଶିଳ୍ପର ବିକାଶ ଏବଂ ଭିତ୍ତିଭୂମିର ଉନ୍ନତି ନିମନ୍ତେ ପୁଞ୍ଜି ନିବେଶ ମଧ୍ୟ ଆବଶ୍ୟକତା ରହିଛି। ଓଡ଼ିଶା ଏକ କୃଷି ଆଧାରିତ ରାଜ୍ୟ। କୃଷି ଏହାର ଅର୍ଥନୀତିର ମେରୁଦଣ୍ଡ। କିନ୍ତୁ ଓଡ଼ିଶାରେ କୃଷି ଉତ୍ପାଦନ ବୃଦ୍ଧି ଏବଂ ବଜାର ବ୍ୟବସ୍ଥାର ଉନ୍ନତି ହୋଇନାହିଁ। ତେଣୁ ରାଜ୍ୟରେ କୃଷି ଓ କୃଷକଙ୍କ ଉନ୍ନତି ହୋଇନାହିଁ। ଓଡ଼ିଶାରେ ଯେତିକି କୃଷି ଉତ୍ପାଦନ ହେଉଛି ତାହାର ୪ଗୁଣ ହୋଇପାରିବ। ଏଥିଲାଗି ଆବଶ୍ୟକ ଜଳସେଚନର ପ୍ରସାର, ଉତ୍ତମ ବଜାର ବ୍ୟବସ୍ଥା ଏବଂ ସଂରକ୍ଷଣ ବ୍ୟବସ୍ଥା। ଏସବୁ ଓଡ଼ିଶାରେ ନାହିଁ। କୃଷି ଉତ୍ପାଦନର ବଜାର ବ୍ୟବସ୍ଥା ଲାଗି କୃଷି ଭିତ୍ତିକ ଶିଳ୍ପର ଆବଶ୍ୟକତା ରହିଛି। ଏଥିଲାଗି ପୁଞ୍ଜି ନିବେଶ ଆବଶ୍ୟକ। ସେହିପରି ଓଡ଼ିଶାରେ ପର୍ଯ୍ୟଟନ ଶିଳ୍ପର ବିକାଶ ନିମନ୍ତେ ବିପୁଳ ସୁଯୋଗ ରହିଛି। ଏ କ୍ଷେତ୍ରରେ ନିବେଶ ହୋଇପାରିଲେ ଅନେକ ବ୍ୟକ୍ତି ନିଯୁକ୍ତି ସୁଯୋଗ ପାଇବେ ଏବଂ ରାଜ୍ୟ ସରକାରଙ୍କ ରାଜସ୍ୱ ବୃଦ୍ଧି ହୋଇପାରିବ। ଏଥିଲାଗି ମୋହନ ମାଝୀ ସରକାର ଦୃଷ୍ଟି ଦେବେ ବୋଲି ଆଶା ଏବଂ ବିଶ୍ୱାସ।

# ଅଠର ନଳାର ପୋଲ

## ବିକ୍ରମ ମହାପାତ୍ର

ଶ୍ରୀପୁରୁଷୋତ୍ତମ ଚେତନାର ଶ୍ରେଷ୍ଠ କେନ୍ଦ୍ରବିନ୍ଦୁ ହେଉଛନ୍ତି ଶ୍ରୀଜଗନ୍ନାଥ। ଯେପରି ଔଷଧ ମନୁଷ୍ୟ ଜୀବନ ଉପରେ ପ୍ରଭାବ ପକାଇଥାଏ, ସମାଜ, ସତସଙ୍ଗ ମଧ୍ୟ ପ୍ରଭାବ ପକାଇଥାଏ ଏବଂ ଶ୍ରୀଜଗନ୍ନାଥ ଦର୍ଶନ, ସଂସ୍କୃତି, ସାହିତ୍ୟ, ରୀତିନୀତି, ତଦନୁସାରେ ଅତ୍ୟଧିକ ବିସ୍ତୃତ ଭାବରେ ପ୍ରଭାବିତ କରିଥାଏ। ଶ୍ରୀଜଗନ୍ନାଥଙ୍କ ଚେତନା ପରିସରକୁ ଯିଏ ଥରେ ମାତ୍ର ସ୍ପର୍ଶ କରିଛି, 'ସେ ଦେବତ୍ୱ ଲାଭ କରିଛି ବୋଲି ଲୋକେ କହନ୍ତି; ଏହା କେବଳ ଭାବ ଓ ଭକ୍ତି ଦ୍ୱାରା ସମ୍ଭବ ହୋଇପାରେ। ଶାସ୍ତ୍ର କହେ, 'ନ ଦେବ ବିଦ୍ୟତେ କାଷ୍ଠେ ନ ପାଷାଣେ ନ ମୃଣ୍ମୟେ, ଭାବେ ତିଷ୍ଠନ୍ତି ଦେବତାଃ ତସ୍ମାତ୍ ଭାବୋହି କେବଳମ୍;'

ଶ୍ରୀଜଗନ୍ନାଥଙ୍କ ସ୍ପର୍ଶ ଶିଳା ହୁଏ ଶାଳଗ୍ରାମ, ଦାରୁ ହୁଏ ଦେବତା, ପତର ହୋଇଯାଏ ପଥର। ଅର୍ଥାତ୍ କୋମଳ ହୃଦୟ ପରିଣତ ହୁଏ ଶିଳାଶୈଳ ସଂଘାତ ସହାକାରୀ। ଯେଉଁ ରଥରେ ପ୍ରଭୁ ବିଜେ କରନ୍ତି ସେ ଦେବୋପତ, ଯେଉଁ ପଥ (ବଡ଼ଦାଣ୍ଡ)ରେ ପ୍ରଭୁଙ୍କର ରଥ ଗଡ଼ିଯାଏ, ସେ ହୁଏ ମୁକ୍ତିପଥ, ସେବା ଓ ସେବକଙ୍କର ମିଳନ ପୀଠ। ସ୍ନେହ, ସୌହାର୍ଦ୍ଦ୍ୟର ବିପଣୀ। ଶ୍ରୀଜଗନ୍ନାଥ ଧର୍ମର ମହତ୍ତ୍ୱ ପ୍ରଖ୍ୟାପନ କରି କୁହାଯାଇଛି ଏହି ଧର୍ମ ହେଉଛି ସନାତନ ଧର୍ମ, ଏହାର ପୁଣ୍ୟକ୍ଷେତ୍ର ହେଉଛି ଶ୍ରୀପୁରୁଷୋତ୍ତମ, ଦେବତା ହେଉଛନ୍ତି ଶ୍ରୀଜଗନ୍ନାଥ, ମାଳା ହରିନାମ, ତୀର୍ଥ ତୀର୍ଥରାଜ ସମୁଦ୍ର, ଧ୍ୟାନ ପରମବ୍ରହ୍ମ, ଜ୍ଞାନ ଓ ଆତ୍ମଜ୍ଞାନ, ଭକ୍ତିର ନାମ ସ୍ମରଣ ମଣୋହୀ ନିର୍ମାଲ୍ୟ, ବିହାର ହେଉଛି ବୈକୁଣ୍ଠ। ଏହି ଧର୍ମର ସମଦର୍ଶୀ ବ୍ରହ୍ମ ଭାବରୁ ପ୍ରତୀୟମାନ ହୁଏ ଯେ ଏହା ସନାତନ ବିଶ୍ୱଧର୍ମ। ଏ ସହର ସହ କେବଳ ଶ୍ରୀକ୍ଷେତ୍ରବାସୀ ନୁହନ୍ତି, ଓଡ଼ିଶାର ପ୍ରତ୍ୟେକ କୋଣ ଅନୁକୋଣରେ ବସବାସ କରୁଥିବା ଓଡ଼ିଆଙ୍କ ଭାଗବତ ସମ୍ପର୍କ ରହିଛି।

ପୁରୀ ସହର ପ୍ରବେଶପଥରେ ରହିଛି ଅଠରନଳା ପୋଲ । ଏହି ପୋଲରେ ରହିଛି ୧୮ଟି ନଳା । ୧୮ ସଂଖ୍ୟାକୁ ତାନ୍ତ୍ରିକମାନେ ଅଧିକ ଗୁରୁତ୍ୱ ଦେଉଥିବାରୁ ପୋଲକୁ ନେଇ ଆଉ କିଛି କାହାଣୀ ରହିଥାଇପାରେ ବୋଲି ଅନେକ ଅନୁମାନ କରୁଛନ୍ତି । ତେବେ ମାଦଳାପାଞ୍ଜି ଅନୁଯାୟୀ ୯ମରୁ ୧୦ମ ଖ୍ରୀଷ୍ଟାବ୍ଦ ମଧ୍ୟରେ ଏହି ଅଠରନଳା ପୋଲ ନିର୍ମାଣ ହୋଇଥିଲା। ସହର ଉପକଣ୍ଠରେ ଥିବା ଏକ ନଦୀ ଯାହାର ନାମ ମଧୁପୁର ନଦୀ, (କ୍ରମଶଃ)

# ସମୟ, ସମାଜ ଏବଂ ପରିବର୍ତ୍ତିତ ମଣିଷ

## ଦିପ୍ତିମୟୀ ନାୟକ ■

ସଂସାରରେ ସମୟ, ସମାଜ ଏବଂ ମଣିଷ ଏହି ତିନୋଟି ଗୋଟିଏ ସୂତାରେ ବନ୍ଧା ହୋଇଥିବା ଫୁଲ ଭଳି । ଗୋଟିକୁ ଛାଡ଼ି ଅନ୍ୟଟିର କଳ୍ପନା କରାଯାଇପାରିବ ନାହିଁ । ସମୟ ହେଉଛି ଏକ ନିରନ୍ତର ବହିଯାଉଥିବା ନଦୀ, ସମାଜ ହେଉଛି ତାର ଦୁଇଟି କୂଳ ଏବଂ ମଣିଷ ହେଉଛି ସେହି ନଦୀରେ ଭାସୁଥିବା ଏକ ନାଆ । ପରିବର୍ତ୍ତନ ହେଉଛି ଏହି ସୃଷ୍ଟିର ଅଲିଖିତ ନିୟମ । ଦୁନିଆରେ ସବୁକିଛି ବଦଳେ କିନ୍ତୁ ସବୁଠାରୁ ବଡ଼ ପରିବର୍ତ୍ତନ ଆସେ ମଣିଷର ଚିନ୍ତାଧାରା ଏବଂ ତାର ବ୍ୟବହାରରେ । ସତ କହିବାକୁ ଗଲେ କୌଣସି ମଣିଷ ନିଜ ଇଚ୍ଛାରେ ଖରାପ କିମ୍ବା କଠୋର ହୁଏନାହିଁ ବରଂ ସମୟର ଚକ୍ର ଏବଂ ଆଖପାଖର ପରିବେଶ ହିଁ ତାକୁ ବଦଳିବାକୁ ବାଧ୍ୟ କରିଥାଏ । ଆମେ ଅନ୍ୟକୁ ଯେପରି ବ୍ୟବହାର ଦେବା ବଦଳରେ ସେପରି ବ୍ୟବହାର ହିଁ ପାଇବା । ଯଦି ଆମେ କାହା ପ୍ରତି ଖରାପ ଆଚରଣ କରୁଛେ ତେବେ ତାଙ୍କଠାରୁ ଭଲ ବ୍ୟବହାର ଆଶା କରିବା ବୃଥା । ସତରେ କୌଣସି ମଣିଷ ନିଜେ ବଦଳନ୍ତି ନାହିଁ ବରଂ ସମୟ ଏବଂ ପରିସ୍ଥିତି ହିଁ ମଣିଷକୁ ବଦଳାଇ ଦିଅନ୍ତି । ଆଜିର ଆଧୁନିକ ସମାଜରେ ମଣିଷ ଯେଉଁ ସ୍ୱାର୍ଥପରତା ଓ ଅଶାନ୍ତି ଭିତରେ ଗତି କରୁଛି। ତାର ମୂଳ କାରଣ ହେଉଛି ସେ ଅନ୍ୟମାନଙ୍କଠାରୁ ଭଲ ବ୍ୟବହାର ତ ଆଶା କରୁଛି କିନ୍ତୁ ନିଜେ ଅନ୍ୟକୁ ସ୍ନେହ ଓ ସମ୍ମାନ ଦେବାକୁ ଭୁଲିଯାଉଛି। ତେଣୁ ସମୟ ଓ ସମାଜର ଏହି ପରିବର୍ତ୍ତନକୁ ବୁଝିବାକୁ ହେଲେ ପ୍ରଥମେ ମଣିଷ ମନର ପରିବର୍ତ୍ତନକୁ ବୁଝିବାକୁ ହେବ ।

ତେବେ ସମୟ କାହାରିକୁ ଅପେକ୍ଷା କରେନାହିଁ ।ଏହା ନିରନ୍ତର ଗତିଶୀଳ । ଅତୀତରୁ ବର୍ତ୍ତମାନ ଏବଂ ବର୍ତ୍ତମାନରୁ ଭବିଷ୍ୟତ ଆଡ଼କୁ ସମୟର ଯେଉଁ ଯାତ୍ରା ତାହା ମଧ୍ୟରେ ସମାଜର ରୂପରେଖ ସମ୍ପୂର୍ଣ୍ଣ ବଦଳିଯାଇଛି । କାଳର କରାଳ ଗତିରେ କେତେ ସଭ୍ୟତା ଗଢ଼ିଉଠିଛି ତ କେତେ ସଭ୍ୟତା ମାଟିରେ ମିଶିଯାଇଛି । ଆଦିମ କାଳର ଜଙ୍ଗଲୀ ମଣିଷ ଯେତେବେଳେ ସମାଜ ଗଠନ କଲା ସେତେବେଳେ ସମ୍ପର୍କ ଓ ସହଯୋଗର ମୂଲ୍ୟବୋଧ ସୃଷ୍ଟି ହୋଇଥିଲା । କିନ୍ତୁ ଯେମିତି ସମୟ ଆଗକୁ ବଢ଼ିଲା, ମଣିଷ ନିଜର ଆବଶ୍ୟକତା ଅନୁସାରେ ନିଜକୁ ପରିବର୍ତ୍ତନ କଲା । ସମୟ ମଣିଷକୁ ଅଭିଜ୍ଞତା ଦିଏ ଏବଂ ଅଭିଜ୍ଞତା ମଣିଷକୁ ପରିପକ୍ୱ କରେ । ଆଜିର ମଣିଷ ଯେଉଁ ଚିନ୍ତାଧାରା ନେଇ ବଞ୍ଚୁଛି, ତାହା କେବଳ ତାର ନିଜସ୍ୱ ନୁହେଁ ବରଂ ସମୟର ପ୍ରବାହ ଦ୍ୱାରା ନିର୍ମିତ ଏକ ମାନସିକତା ।ତେଣୁ ସମାଜ ହେଉଛି ଏକ ଦର୍ପଣ ଯେଉଁଠି ପ୍ରତ୍ୟେକ ବ୍ୟକ୍ତି ନିଜର ପ୍ରତିବିମ୍ବ ଦେଖିବାକୁ ପାଏ । ମଣିଷ ଏକ ସାମାଜିକ ପ୍ରାଣୀ । ସମାଜରୁ ବାହାରେ ରହି ସେ ନିଜର ବ୍ୟକ୍ତିତ୍ୱର ବିକାଶ କରିପାରିବ ନାହିଁ । ଜନ୍ମ ସମୟରେ ଗୋଟିଏ ଶିଶୁ କେବଳ ଏକ ରକ୍ତମାଂସର ପିଣ୍ଡୁଳା ହୋଇଥାଏ କିନ୍ତୁ ସମାଜ ହିଁ ତାକୁ ସଂସ୍କାର, ଭାଷା, ସଂସ୍କୃତି ଏବଂ ଆଚାର-ବ୍ୟବହାର ଶିଖାଇ ଏକ ପୂର୍ଣ୍ଣାଙ୍ଗ ମଣିଷରେ ପରିଣତ କରେ । ସମାଜର ନୀତିନିୟମ, ପରମ୍ପରା ଏବଂ ପରିବେଶ ମଣିଷର ଚିନ୍ତାଧାରାକୁ ଗଭୀର ଭାବେ ପ୍ରଭାବିତ କରିଥାଏ । କିନ୍ତୁ ଯେତେବେଳେ ସମାଜରେ ଅବକ୍ଷୟ ଘଟେ ସେତେବେଳେ ମଣିଷର ଚରିତ୍ର ମଧ୍ୟ ବଦଳିବାକୁ ଲାଗେ । ଆଜିର ସମାଜରେ ଯେଉଁ ପ୍ରତିଯୋଗିତା ଏବଂ ସ୍ୱାର୍ଥପରତା ଦେଖାଦେଇଛି ତାହା ମଣିଷକୁ ଅଧିକ ରକ୍ଷଣଶୀଳ ଏବଂ ଆତ୍ମକେନ୍ଦ୍ରିକ କରିଦେଇଛି ।

ଜୀବନର ସବୁଠାରୁ ବଡ଼ ସତ୍ୟ ହେଉଛି କର୍ମଫଳ । ଆମେ ସମାଜକୁ ବା ଅନ୍ୟମାନଙ୍କୁ ଯେଉଁ ବ୍ୟବହାର କରିବା ସମୟକ୍ରମେ ସେହି ବ୍ୟବହାର ହିଁ ଆମ ପାଖକୁ ଫେରିଆସିବ । ଏହାକୁ ହିଁ ପ୍ରକୃତିର ନିୟମ ବା କର୍ମର ଆଇନା କୁହାଯାଏ । ଯଦି ଆମେ କାହା ପ୍ରତି ଖରାପ ଆଚରଣ କରୁଛେ ତେବେ ତାଙ୍କଠାରୁ ଭଲ ବ୍ୟବହାର ଆଶା କରିବା କେବଳ ଏକ ମୂର୍ଖାମୀ । ଅନେକ ସମୟରେ ଲୋକେ ଅଭିଯୋଗ କରନ୍ତି ଯେ ସେମାନଙ୍କୁ ସମାଜରେ ଆଦର ବା ସମ୍ମାନ ମିଳୁନାହିଁ । କିନ୍ତୁ ସେମାନେ ଏହା ଭୁଲିଯାଆନ୍ତି ଯେ ସମ୍ମାନ ଦେଲେ ହିଁ ସମ୍ମାନ ମିଳେ । ଆମର ପ୍ରତିଟି ଶବ୍ଦ, ପ୍ରତିଟି ବ୍ୟବହାର ଏକ ବୁମେରାଙ୍ଗ ଭଳି ଯାହା ଶେଷରେ ଆମ ପାଖକୁ ହିଁ ଲେଉଟି ଆସିଥାଏ । ସମାଜରେ ସୁଖଶାନ୍ତିର ସୂତ୍ର ହେଉଛି ସହଭାଗିତା ଏବଂ ପାରସ୍ପରିକ ସମ୍ମାନ । ଲୋକେ ପ୍ରାୟତଃ କୁହନ୍ତି ସେହି ମଣିଷଟି ବଦଳିଗଲା। କିନ୍ତୁ ବାସ୍ତବରେ କୌଣସି ମଣିଷ ନିଜ ଇଚ୍ଛାରେ ବଦଳେ ନାହିଁ । ମଣିଷର ମୂଳ ସ୍ୱଭାବ ସ୍ଥିର ଥାଏ କିନ୍ତୁ ପରିସ୍ଥିତିର ଚାପ ଏବଂ ଜୀବନର ଧକ୍କା ତାକୁ ନୂଆ ରୂପ ଦିଏ । ଯେତେବେଳେ ଜଣେ ସରଳ ଓ ବିଶ୍ୱାସୀ ମଣିଷ ସମାଜରୁ ବାରମ୍ବାର ପ୍ରତାରଣା ଏବଂ ନିର୍ଯ୍ୟାତନା ପାଏ ସେତେବେଳେ ସେ ନିଜର ଆତ୍ମରକ୍ଷା ପାଇଁ କଠୋର ହେବାକୁ ବାଧ୍ୟ ହୁଏ । ସେହିପରି, ପରିବେଶ ଓ ସମୟର ଆବଶ୍ୟକତା ଅନୁଯାୟୀ ମଣିଷକୁ ନିଜର ନୀତି ଏବଂ ଆଦର୍ଶ ସହ ବୁଝାମଣା କରିବାକୁ ପଡ଼ିଥାଏ । ତେଣୁ କୌଣସି ପରିବର୍ତ୍ତିତ ମଣିଷକୁ ସମାଲୋଚନା କରିବା ପୂର୍ବରୁ ତାକୁ ସେହି ସ୍ଥିତିକୁ ଆଣିଥିବା ସମୟ ଓ ପରିସ୍ଥିତିକୁ ବୁଝିବା ନିହାତି ଆବଶ୍ୟକ । ବର୍ତ୍ତମାନର ସମୟ ହେଉଛି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ସମୟ । ଆଧୁନିକତା ଆମ ଜୀବନକୁ ସହଜ ଏବଂ ଗତିଶୀଳ କରିଦେଇଛି ସତ କିନ୍ତୁ ଏହା ସହିତ ସାମାଜିକ ମୂଲ୍ୟବୋଧରେ ଏକ ବଡ଼ ଧରଣର ଅବକ୍ଷୟ ଘଟିଛି ଛ ମିଳିତ ପରିବାର ଭାଙ୍ଗି ଏକକ ପରିବାର ଗଢ଼ିଉଠୁଛି । ମଣିଷ ମଣିଷ ମଧ୍ୟରେ ଥିବା ଆନ୍ତରିକତା ଏବେ ସ୍ମାର୍ଟଫୋନ୍ ଏବଂ ସୋସିଆଲ ମିଡିଆର କୃତ୍ରିମ ଦୁନିଆରେ ହଜିଯାଇଛି । ଲୋକଙ୍କ ପାଖରେ ଅନ୍ୟମାନଙ୍କ ପାଇଁ ସମୟ ନାହିଁ । ଆଜିର ସମାଜ ଅର୍ଥକେନ୍ଦ୍ରିକ ହୋଇପଡ଼ିଛି ଯେଉଁଠି ସମ୍ପର୍କ ଅପେକ୍ଷା ସଫଳତା ଏବଂ ପ୍ରତିପତ୍ତିକୁ ଅଧିକ ଗୁରୁତ୍ୱ ଦିଆଯାଉଛି । ଏହି ପରିବର୍ତ୍ତିତ ସାମାଜିକ ବ୍ୟବସ୍ଥା ମଣିଷକୁ ଭିତରୁ ଏକାକୀ ଏବଂ ମାନସିକ ସ୍ତରରେ ଅଶାନ୍ତ କରିଦେଉଛି ।

ତେବେ ସମୟ ସବୁବେଳେ ଆହ୍ୱାନ ଆଣିଥାଏ ।ଆଜିର ପରିବର୍ତ୍ତିତ ସମାଜ ଏବଂ ମଣିଷ ସମ୍ମୁଖରେ ଅନେକ ଜଟିଳ ସମସ୍ୟା ଠିଆ ହୋଇଛି । ଯଦି ଆମେ ଏହି ଅନ୍ଧ ଅନୁକରଣ ଏବଂ ସ୍ୱାର୍ଥପରତାର ପ୍ରବାହରେ ନିଜକୁ ଭସାଇଦେବା ତେବେ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ସମାଜ ଛାଡ଼ିଯାଇପାରିବା ନାହିଁ । ସମୟ ଆସିଛି, ଆମକୁ ଆମର ପୁରାତନ ସଂସ୍କୃତି, ତ୍ୟାଗ, ସହାନୁଭୂତି ଏବଂ ମାନବିକତାର ମୂଲ୍ୟବୋଧକୁ ବୁଝିବାକୁ ପଡିବ । ମଣିଷ ଯେତେବେଳେ ନିଜର ଭୁଲ୍ ବୁଝିପାରିବ ଏବଂ ନିଜର ବ୍ୟବହାରରେ ସକାରାତ୍ମକ ପରିବର୍ତ୍ତନ ଆଣିବ ସେତେବେଳେ ସମାଜ ମଧ୍ୟ ସ୍ୱତଃ ବଦଳିଯିବ । ଶେଷରେ ଏତିକି କହିବି ସମୟ ଏବଂ ସମାଜ ଯେତେ ବଦଳିଲେ ମଧ୍ୟ ମାନବିକତାର ମୂଳ ମନ୍ତ୍ର କେବେ ବଦଳିପାରିବ ନାହିଁ । ମଣିଷ ପରିସ୍ଥିତିର ଦାସ ହୋଇପାରେ କିନ୍ତୁ ସେ ନିଜର ବିବେକ ଏବଂ ସଦ୍‌ବୁଦ୍ଧି ପ୍ରୟୋଗ କରି ଏକ ସୁସ୍ଥ ବାତାବରଣ ସୃଷ୍ଟି କରିପାରିବ । ଆମେ ଯଦି ଅନ୍ୟମାନଙ୍କଠାରୁ ଭଲ ବ୍ୟବହାର ଏବଂ ସ୍ନେହ ଆଶା କରୁଛେ ତେବେ ପ୍ରଥମେ ଆମକୁ ନିଜ ଆଚରଣରେ ସେହି ପରିବର୍ତ୍ତନ ଆଣିବାକୁ ହେବ । ସମୟର ପ୍ରବାହ ସହ ତାଳ ମିଳାଇ ଚାଲିବା ନିହାତି ଜରୁରୀ କିନ୍ତୁ ନିଜର ମୂଲ୍ୟବୋଧକୁ ହରାଇ ନୁହେଁ । ଯେଉଁଦିନ ପ୍ରତ୍ୟେକ ମଣିଷ ସମାଜ ପ୍ରତି ନିଜର କର୍ତ୍ତବ୍ୟ ବୁଝିବ ଏବଂ ପରସ୍ପରକୁ ସମ୍ମାନ ଦେବା ଶିଖିବ ସେଦିନ ସମୟର ଚକ୍ରରେ ଏକ ସୁନ୍ଦର, ଶାନ୍ତିପୂର୍ଣ୍ଣ ଏବଂ ପ୍ରେମମୟ ସମାଜ ଗଠିତ ହୋଇପାରିବ ।

ଯୁବ ସାମ୍ବାଦିକା
ଅନ୍ଧାରୁଆ, ଭୁବନେଶ୍ୱର
୯୦୯୦୬୬୧୫୮୬

# ବର୍ଷା ନୁହେଁ, ଆଜି ଓଡ଼ିଶାର ଆଖିରୁ ଝରୁଛି ଲୁହ

## ସୌଭାଗ୍ୟ ରଞ୍ଜନ ମହାନ୍ତି

ଓ ଆଜି ପୁଣି ଜଳର ଯନ୍ତ୍ରଣାରେ କାନ୍ଦୁଛି। ଆକାଶରୁ ନିରନ୍ତର ବର୍ଷାରେ ଉଛୁଳା ପାଣି, ଗାଁ ଦାଣ୍ଡରେ ବନ୍ୟାଜଳ, ଘର ଭିତରେ ପାଣି, ରାସ୍ତା ଉପରେ ପାଣି, ଚାଷଜମି ଉପରେ ପାଣି ଏବଂ ମଣିଷର ଆଖିରେ ଅସହାୟତାର ଲୁହ—ଏହା କେବଳ ଏକ ପ୍ରାକୃତିକ ଦୁର୍ଘଟଣାର ଚିତ୍ର ନୁହେଁ, ଏହା ଆମ ସମାଜର ମାନବିକତାକୁ ପରୀକ୍ଷା କରୁଥିବା ଏକ ଭୟଙ୍କର ମୁହୂର୍ତ୍ତ। ଅଗଷ୍ଟ ୧୬ ତାରିଖରେ ଭାରତୀୟ ପାଣିପାଗ ବିଭାଗ ଓଡ଼ିଶା ପାଇଁ ଅତ୍ୟଧିକ ପ୍ରବଳ ବର୍ଷାର ସତର୍କତା ଜାରି କରିଛି। ଉତ୍ତର ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବନ୍ୟା ପରିସ୍ଥିତି ଜଟିଳ ହୋଇଥିବା ବେଳେ ନୂଆ ଘୂର୍ଣ୍ଣିବାତ୍ୟାଜନିତ ନିମ୍ନଚାପ ଅଞ୍ଚଳ ପୁଣି ବର୍ଷାର ଭୟ ବଢ଼ାଇଛି। କେତେକ ଅଞ୍ଚଳରେ ଚବିଶ ଘଣ୍ଟା ମଧ୍ୟରେ ବିଶ ସେଣ୍ଟିମିଟରରୁ ଅଧିକ ବର୍ଷା ହୋଇପାରେ ବୋଲି ସତର୍କ କରାଯାଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର ଓ ଅନ୍ୟାନ୍ୟ ଅଞ୍ଚଳରେ ବନ୍ୟାର ପ୍ରଭାବ ଜନଜୀବନକୁ ଅସ୍ଥିର କରିଦେଇଛି। ବୈତରଣୀ, ବ୍ରାହ୍ମଣୀ, ସାଳନ୍ଦୀ, ଜଳକା ଓ ବୁଢ଼ାବଳଙ୍ଗ ଭଳି ନଦୀ ଓ ଏହାର ଶାଖାନଦୀଗୁଡ଼ିକର ଜଳସ୍ତର ବଢ଼ିବା ଫଳରେ ଅନେକ ଗାଁ ଜଳବନ୍ଦୀ ହୋଇଛି। ହଜାର ହଜାର ପରିବାର ନିଜ ଘର ଛାଡ଼ି ଆଶ୍ରୟସ୍ଥଳୀକୁ ଯିବାକୁ ବାଧ୍ୟ ହୋଇଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ ଅନେକ ଲୋକଙ୍କୁ ଉଦ୍ଧାର କରାଯାଇ ରିଲିଫ କେନ୍ଦ୍ରକୁ ନିଆଯାଇଛି। ହେଲେ ପ୍ରଶ୍ନ ହେଉଛି—ବନ୍ୟା କେବଳ ନଦୀର ଜଳରେ ଆସେ କି ? ନାହିଁ, ବନ୍ୟା ଆସେ ଜଣେ ଚାଷୀର ଆଶା ଉପରେ, ଜଣେ ମାଆର ରୋଷେଇଘର ଉପରେ, ଜଣେ ଶିଶୁର ପାଠପଢ଼ା ଉପରେ, ଜଣେ ବୃଦ୍ଧଙ୍କ ଔଷଧ ଉପରେ, ଜଣେ ଶ୍ରମିକଙ୍କ ଦିନମଜୁରି ଉପରେ ଏବଂ ଜଣେ ଗରିବ ପରିବାରର ସମଗ୍ର ଜୀବନ ଉପରେ। ଯେଉଁ ଚାଷୀ ମାସ ମାସ ଧରି ମାଟିକୁ ନିଜ ରକ୍ତ ଓ ଝାଳରେ ସିଞ୍ଚିଥିଲା, ଯେଉଁ ଧାନ ଗଛକୁ ସେ ନିଜ ସନ୍ତାନ ଭଳି ଲାଳନ କରିଥିଲା, ଆଜି ସେହି ଧାନକ୍ଷେତ ଅନେକ ସ୍ଥାନରେ ପାଣି ତଳେ। ତା'ର ଆଖି ଆଗରେ ମାସମାନର ପରିଶ୍ରମ ବୁଡ଼ିଯାଉଛି। ସେ ଆକାଶକୁ ଚାହିଁ ପଚାରୁଛି—ମୁଁ କ'ଣ ଅପରାଧ କରିଥିଲି ? ପ୍ରକୃତିର ଉପରେ ତା'ର କୌଣସି ରୋଷ ନାହିଁ, କିନ୍ତୁ ତା'ର ଭବିଷ୍ୟତ ପ୍ରତି ଭୟ ଅଛି। ଧାନ ନଷ୍ଟ ହେଲେ କେବଳ ଗୋଟିଏ ଫସଲ ନଷ୍ଟ ହୁଏ ନାହିଁ; ଗୋଟିଏ ପରିବାରର ଋଣ ଶୋଧିବାର ଆଶା ନଷ୍ଟ ହୁଏ, ପିଲାର ପଢ଼ା ଖର୍ଚ୍ଚ ନଷ୍ଟ ହୁଏ, ଝିଅର ବିବାହ ପାଇଁ ରଖାଯାଇଥିବା ସଞ୍ଚୟ ନଷ୍ଟ ହୁଏ, ଆଗାମୀ ଦିନର ଭରସା ନଷ୍ଟ ହୁଏ। ଏହି ବନ୍ୟାଜଳ ଯେତେବେଳେ ଗୋଟିଏ ମାଟିଘର ଭିତରକୁ ପଶେ, ସେତେବେଳେ କେବଳ କାଦୁଅ ଓ ପାଣି ପଶେ ନାହିଁ; ସେଠାରେ ଜଣେ ମାଆର ରୋଷେଇ ସାମଗ୍ରୀ, ଜଣେ ବୃଦ୍ଧଙ୍କ ଔଷଧ, ଜଣେ ଶିଶୁର ବହି, ଜଣେ ଝିଅର ସ୍ୱପ୍ନ ଓ ଜଣେ ପରିବାରର ସ୍ମୃତି ପାଣିରେ ଭାସିଯାଏ। ଆମେ ସହରରେ ବସି ବର୍ଷାକୁ ଝାଲ୍କା ଦେଇ ଦେଖୁଥାଉ, ଚା'ର କପ୍ ?ରେ ବର୍ଷାର ସୌନ୍ଦର୍ଯ୍ୟ ଖୋଜୁଥାଉ, କିନ୍ତୁ ଗାଁର ମଣିଷ ପାଇଁ ଆଜିର ବର୍ଷା ସୌନ୍ଦର୍ଯ୍ୟ ନୁହେଁ, ଭୟ। ଯେଉଁ ବର୍ଷା ଆମ ପାଇଁ ଶୀତଳତା, ସେହି ବର୍ଷା ତା' ପାଇଁ ଘରଭଙ୍ଗାର ଆଶଙ୍କା। ଯେଉଁ ନଦୀ ଆମ ସଭ୍ୟତାର ଜୀବନଧାରା, ସେହି ନଦୀ ଯେତେବେଳେ ସୀମା ଲଂଘି ଗାଁକୁ ପଶେ, ସେତେବେଳେ ସେହି ଜୀବନଧାରା ମୃତ୍ୟୁଭୟର ରୂପ ନିଏ। ତେଣୁ ଆଜିର ପ୍ରଶ୍ନ କେବଳ ବର୍ଷା କେତେ ହେଲା ତାହା ନୁହେଁ; ପ୍ରଶ୍ନ ହେଉଛି ଆମେ କେତେ ପ୍ରସ୍ତୁତ ଥିଲୁ ? ପ୍ରଶ୍ନ ହେଉଛି ବନ୍ୟା ଆସିଲେ ମଣିଷକୁ କେତେ ଶୀଘ୍ର ଉଦ୍ଧାର କରିପାରୁଛୁ ? ପ୍ରଶ୍ନ ହେଉଛି ଗୋଟିଏ ଗାଁରେ ଜଣେ ବୃଦ୍ଧ ଏକାକୀ ରହିଥିଲେ ତାଙ୍କୁ କିଏ ଖୋଜିବ ? ଗର୍ଭବତୀ ମହିଳାଙ୍କୁ କିଏ ହସ୍ପିଟାଲ ନେବ ? ଶିଶୁଙ୍କ ପାଇଁ ଦୁଧ କେଉଁଠାରୁ ଆସିବ ? ଗୃହପାଳିତ ପଶୁଗୁଡ଼ିକୁ କିଏ ସୁରକ୍ଷିତ କରିବ ? ଏହି ପ୍ରଶ୍ନଗୁଡ଼ିକର ଉତ୍ତର କେବଳ କାଗଜରେ ଲିଖା ଯୋଜନା ଦେଇ ହେବ ନାହିଁ। ଜଳ ଆସିବା ପୂର୍ବରୁ ପ୍ରସ୍ତୁତି ଦରକାର, ଜଳ ଆସିବା ସମୟରେ ଦ୍ରୁତ କାର୍ଯ୍ୟ ଦରକାର ଏବଂ ଜଳ ହଟିଯିବା ପରେ ମଣିଷକୁ ପୁଣି ନିଜ ପାଦରେ ଠିଆ କରିବାର ସଙ୍କଳ୍ପ ଦରକାର। ଓଡ଼ିଶା ବିପର୍ଯ୍ୟୟ ପରିଚାଳନାରେ ଦେଶରେ ଏକ ଦୃଢ଼ ଉଦାହରଣ ଗଢ଼ିଛି, କିନ୍ତୁ ପ୍ରତ୍ୟେକ ବିପର୍ଯ୍ୟୟ ଆମକୁ ନୂଆ ଶିକ୍ଷା ଦେଇଥାଏ। ପୁରୁଣା ଅନୁଭବ ଉପରେ ଭରସା କରି ନୂଆ ବିପଦକୁ ଅବହେଳା କରିବା ଚାଲିବ ନାହିଁ। ଜଳବାୟୁ ପରିବର୍ତ୍ତନର ଯୁଗରେ ବର୍ଷାର ଚରିତ୍ର ବଦଳୁଛି। କେବେ ଦୀର୍ଘ ସମୟ ଧରି ବର୍ଷା ହେଉନାହିଁ, ଆଉ କେବେ ଅତ୍ୟଳ୍ପ ସମୟରେ ଅସାଧାରଣ ପରିମାଣର ବର୍ଷା ହୋଇଯାଉଛି। ଏହି ପରିବର୍ତ୍ତନକୁ ମାନି ନଦୀ, ନାଳା, ଜଳାଶୟ, ରାସ୍ତା, ସହର ଓ ଗାଁର ଯୋଜନାକୁ ପୁନଃବିଚାର କରିବା ଆବଶ୍ୟକ। ନଦୀର ସ୍ୱାଭାବିକ ପ୍ରବାହପଥ ଦଖଲ କରି ଘର ତିଆରି କରିବା, ଜଳାଶୟ ପୋତିଦେବା, ନାଳା ବନ୍ଦ କରିଦେବା ଓ ଅବ୍ୟବସ୍ଥିତ ନିର୍ମାଣକୁ ବିକାଶ ବୋଲି ମାନିନେବା ଆଗାମୀ ଦିନରେ ଆମ ପାଇଁ ଆହୁରି ବଡ଼ ବିପଦ ଆଣିପାରେ। ସହରରେ ଅଳ୍ପ ବର୍ଷା ହେଲେ ରାସ୍ତା ଜଳମଗ୍ନ ହେବା ଏବଂ ଗାଁରେ ନଦୀ ଉଛୁଳିଲେ ଘର ଭାସିଯିବା—ଏହି ଦୁଇଟି ଘଟଣା ଆମକୁ ଏକେ କଥା କହୁଛି: ପ୍ରକୃତିକୁ ଅବହେଳା କରି ବିକାଶ ସମ୍ଭବ ନୁହେଁ। ଆଜି ଯେଉଁ ଶିଶୁଟି ଆଶ୍ରୟକେନ୍ଦ୍ରରେ ବସି ନିଜ ବହି ଖୋଜୁଛି, ତା'ର ଭବିଷ୍ୟତ ଆମ ହାତରେ। ଯେଉଁ ମାଆଟି ନିଜ ଶିଶୁକୁ କୋଳରେ ଧରି ରାତି କାଟୁଛି, ତା'ର ନିରାପତ୍ତା ଆମ ଦାୟିତ୍ୱ। ଯେଉଁ ବୃଦ୍ଧ ନିଜ ଭଙ୍ଗା ଘର ଦ୍ୱାରରେ ବସି ପାଣି ହ୍ରାସକୁ ଅପେକ୍ଷା କରୁଛନ୍ତି, ତାଙ୍କର ଆଖିର ଲୁହକୁ କେବଳ ସହାନୁଭୂତି ଦେଇ ପୋଛାଯିବ ନାହିଁ; ତାଙ୍କୁ ଘର, ଖାଦ୍ୟ, ଔଷଧ ଓ ନୂଆ ଜୀବନ ଦରକାର। ବିପର୍ଯ୍ୟୟ ସମୟରେ ରିଲିଫ କେବଳ ଚାଉଳ, ଡାଲି ଓ ତାରପୋଲିନ ଦେଇ ସମାପ୍ତ ହୋଇଯାଏ ନାହିଁ। ବିପର୍ଯ୍ୟୟ ପରେ ମଣିଷର ମନକୁ ମଧ୍ୟ ସମ୍ଭାଳିବାକୁ ପଡ଼ ?। ଯାହାର ଘର ଭାସିଗଲା, ଯାହାର ଫସଲ ନଷ୍ଟ ହେଲା, ଯାହାର ପଶୁ ମରିଗଲା, ଯାହାର ଜୀବିକା ବନ୍ଦ ହୋଇଗଲା, ସେହି ମଣିଷକୁ କେବଳ ଏକଥର ସହାୟତା ଦେଇ ଛାଡ଼ିଦେଲେ ଚାଲିବ ନାହିଁ। ତାଙ୍କର ପୁନର୍ବାସନ ଦରକାର, ଜୀବିକାର ପୁନର୍ନିର୍ମାଣ ଦରକାର, ଚାଷୀଙ୍କୁ ଫସଲ କ୍ଷତିର ଯଥୋଚିତ ସହାୟତା ଦରକାର, ଛୋଟ ବ୍ୟବସାୟୀଙ୍କୁ ପୁଣି ଦୋକାନ ଖୋଲିବାର ସୁଯୋଗ ଦରକାର, ଶ୍ରମିକଙ୍କୁ ପୁଣି କାମ ଦରକାର। ବନ୍ୟାର ପାଣି ହଟିଯାଏ, କିନ୍ତୁ ବନ୍ୟାର କ୍ଷତ ଅନେକ ମାସ ଓ ବର୍ଷ ପର୍ଯ୍ୟନ୍ତ ରହିଯାଏ। ତେଣୁ ସରକାରୀ ଯନ୍ତ୍ରଣାକୁ ଆଜି ଦୁଇଟି ମୋର୍ଚ୍ଚାରେ ଲଢ଼ିବାକୁ ପଡ଼ିବ—ପ୍ରଥମେ ଜୀବନ ବଞ୍ଚାଇବା, ପରେ ଜୀବନ ଗଢ଼ିବା। ଏହି ସମୟରେ ପ୍ରଶାସନର ପ୍ରତ୍ୟେକ କର୍ମଚାରୀଙ୍କୁ ଲୋକଙ୍କ ମଧ୍ୟରେ ରହିବାକୁ ହେବ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ କରି ଗାଁର ତଳସ୍ତର ପର୍ଯ୍ୟନ୍ତ ସୂଚନାର ଶୃଙ୍ଖଳା ଦ୍ରୁତ ଓ ସ୍ୱଚ୍ଛ ହେବା ଦରକାର। କେଉଁ ଗାଁ ବିପଦରେ, କେଉଁ ରାସ୍ତା ବନ୍ଦ, କେଉଁଠାରେ ଖାଦ୍ୟ ଆବଶ୍ୟକ, କେଉଁଠାରେ ଔଷଧ ଆବଶ୍ୟକ, କେଉଁଠାରେ ଉଦ୍ଧାର ଆବଶ୍ୟକ—ଏହି ସବୁ ତଥ୍ୟ ତୁରନ୍ତ ପହଞ୍ଚିବା ଦରକାର। ଅଫବାହ ଏହି ସମୟରେ ଆଉ ଗୋଟିଏ ବିପଦ। ତେଣୁ ଲୋକଙ୍କୁ ନିର୍ଭରଯୋଗ୍ୟ ସୂଚନା ଦେବା ମଧ୍ୟ ଏକ ପ୍ରମୁଖ ଦାୟିତ୍ୱ। ଲୋକମାନେ ମଧ୍ୟ ସରକାରୀ ସତର୍କତାକୁ ହେଳା କରିବା ଉଚିତ ନୁହେଁ। ନଦୀର ଜଳ ଦେଖିବାକୁ ଯିବା, ବନ୍ୟାଜଳ ମଧ୍ୟରେ ଯାନ ଚଲାଇବା, ଛୋଟ ପିଲାଙ୍କୁ ଜଳ ନିକଟକୁ ଯିବାକୁ ଦେବା, ବିଦ୍ୟୁତ ତାର କିମ୍ବା ଜଳମଗ୍ନ ଅଞ୍ଚଳରେ ଅସାବଧାନତା ଦେଖାଇବା—ଏସବୁ ଜୀବନ ପାଇଁ ଅନାବଶ୍ୟକ ବିପଦ। ପ୍ରକୃତିର ଶକ୍ତି ସମ୍ମୁଖରେ ମଣିଷର ଅହଂକାରର କୌଣସି ମୂଲ୍ୟ ନାହିଁ। ଆଜି ଓଡ଼ିଶାର ଅନେକ ଅଞ୍ଚଳ ଯେଉଁ ଯନ୍ତ୍ରଣା ମଧ୍ୟରେ ଅଛି, ସେଠାରେ ଆମ ସମସ୍ତଙ୍କ ମାନବିକତାର ପରୀକ୍ଷା ହେଉଛି। ସମାଜର ସକ୍ଷମ ଲୋକମାନେ ଆଗକୁ ଆସନ୍ତୁ। ଯାହାର ଘରେ ଅତିରିକ୍ତ ଖାଦ୍ୟ ଅଛି, ସେ ଭୋକିଲାଙ୍କୁ ଦିଅନ୍ତୁ। ଯାହାର ପାଖରେ ପୋଷାକ ଅଛି, ସେ ଆବଶ୍ୟକତାରେ ଥିବା ପରିବାରକୁ ଦିଅନ୍ତୁ। ଯାହାର ସାମର୍ଥ୍ୟ ଅଛି, ସେ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସହଯୋଗ କରନ୍ତୁ। ଓଡ଼ିଶାର ମାଟିରେ ସଙ୍କଟ ସମୟରେ ମଣିଷ ମଣିଷର ହାତ ଧରିବାର ଯେଉଁ ପରମ୍ପରା ଅଛି, ତାହା ଆଜି ପୁଣି ଜାଗ୍ରତ ହେବା ଦରକାର। ଆମେ ଭୁଲିଯିବା ଉଚିତ ନୁହେଁ—ବନ୍ୟା ଜାତି, ଧର୍ମ, ଦଳ, ଧନୀ, ଗରିବ ଦେଖେ ନାହିଁ। ପାଣି ସମସ୍ତଙ୍କ ଘର ଦ୍ୱାରକୁ ପହଞ୍ଚିପାରେ। ତେଣୁ ସହାୟତାରେ ମଧ୍ୟ କୌଣସି ଭେଦଭାବ ରହିବା ଉଚିତ ନୁହେଁ। ଆଜି ରାଜନୀତିର ସମୟ ନୁହେଁ; ଆଜି ମାନବିକତାର ସମୟ। ଆଜି ଦୋଷାରୋପର ସମୟ ନୁହେଁ; ଆଜି ଜୀବନ ବଞ୍ଚାଇବାର ସମୟ। କିନ୍ତୁ ଜଳ ହଟିଯିବା ପରେ ଆମକୁ ନିଶ୍ଚିତ ଭାବେ ପ୍ରଶ୍ନ କରିବାକୁ ହେବ—କେଉଁଠାରେ ତ୍ରୁଟି ହେଲା, କେଉଁଠାରେ ଆମେ ପ୍ରସ୍ତୁତ ନଥିଲୁ, କେଉଁ ନାଳା ବନ୍ଦ ହେଲା, କେଉଁ ଜଳାଶୟ ଦଖଲ ହେଲା, କେଉଁ ନଦୀପଥ ସଙ୍କୁଚିତ ହେଲା, କେଉଁ ରାସ୍ତା ଯୋଗୁଁ ଜଳପ୍ରବାହ ବାଧାପ୍ରାପ୍ତ ହେଲା ଏବଂ ଭବିଷ୍ୟତରେ ଏହି ଦୁଃଖକୁ କିପରି କମାଇହେବ। ବିପର୍ଯ୍ୟୟ ପରେ କେବଳ କ୍ଷତିପୂରଣ ଘୋଷଣା କରିଦେଲେ ଦାୟିତ୍ୱ ସରିଯାଏ ନାହିଁ। କ୍ଷତି କାହିଁକି ହେଲା ତାହା ବୁଝି ଆଗାମୀ ବିପଦକୁ କମାଇବା ହେଉଛି ସତ୍ୟ ଶାସନର ପରିଚୟ। ଆମକୁ ନଦୀକୁ ନଦୀ ଭାବେ ବଞ୍ଚିବାକୁ ଦେବାକୁ ପଡ଼ିବ। ଜଳାଶୟକୁ ଜଳାଶୟ ଭାବେ ସୁରକ୍ଷିତ ରଖିବାକୁ ପଡ଼ିବ। ନାଳାକୁ ଆବର୍ଜନାରେ ଭରିଦେବା ଅଭ୍ୟାସ ଛାଡ଼ିବାକୁ ପଡ଼ିବ। ଗାଁର ପୁରୁଣା ପୋଖରୀ, ଜଳାଶୟ ଓ ପ୍ରାକୃତିକ ଜଳପଥକୁ ପୁନରୁଦ୍ଧାର କରିବାକୁ ପଡ଼ିବ। ବର୍ଷାଜଳକୁ ଶତ୍ରୁ ଭାବିବା ନୁହେଁ, ତାହାକୁ ସଂରକ୍ଷଣ କରିବାର ବ୍ୟବସ୍ଥା କରିବାକୁ ପଡ଼ିବ। ଆଜି ଯେଉଁ ପାଣି ଘର ଭାସାଉଛି, ସେହି ପାଣି ଯଦି ଠିକ୍ ? ଭାବେ ସଂରକ୍ଷିତ ହୁଏ, ତେବେ ଆଗାମୀ ଦିନର ଖରାରେ ସେହି ପାଣି ଜୀବନ ଦେଇପାରିବ। ତେଣୁ ବର୍ଷା ଆମର ଶତ୍ରୁ ନୁହେଁ; ଅବ୍ୟବସ୍ଥା ଆମର ଶତ୍ରୁ। ନଦୀ ଆମର ଶତ୍ରୁ ନୁହେଁ; ନଦୀର ପଥକୁ ଅବହେଳା କରିବା ଆମର ଭୁଲ। ପ୍ରକୃତି ଆମକୁ ଶାସ୍ତି ଦେଉନାହିଁ; ପ୍ରକୃତି ଆମକୁ ସତର୍କ କରୁଛି। ଏହି ସତର୍କତାକୁ ବୁଝିବା ହିଁ ଆମର ଦାୟିତ୍ୱ। ଆଜି ଓଡ଼ିଶାର ଆକାଶ ଭାରୀ, ମାଟି ଭିଜା, ନଦୀ ଉଛୁଳା ଏବଂ ଲୋକଙ୍କ ମନ ଭୟରେ ଭରିଛି। କିନ୍ତୁ ଏହି ଅନ୍ଧାର ମଧ୍ୟରେ ଆମେ ଆଶାର ଦୀପ ଜଳାଇପାରିବା। ଜଣେ ଉଦ୍ଧାରକର୍ମୀ ଯେତେବେଳେ ନିଜ ଜୀବନକୁ ବିପଦରେ ପକାଇ ଅନ୍ୟ ଜଣଙ୍କୁ ଉଦ୍ଧାର କରନ୍ତି, ସେଠାରେ ମାନବିକତା ଜିତେ। ଜଣେ ଅଜଣା ମଣିଷ ଯେତେବେଳେ ନିଜ ନୌକାରେ ପଡ଼ଶୀଙ୍କୁ ଉଦ୍ଧାର କରନ୍ତି, ସେଠାରେ ମଣିଷର ମହତ୍ତ୍ୱ ପ୍ରମାଣିତ ହୁଏ। ଜଣେ ଯୁବକ ଯେତେବେଳେ ରାତିରେ ଘରୁ ବାହାରି ବୃଦ୍ଧଙ୍କୁ ଆଶ୍ରୟକେନ୍ଦ୍ରକୁ ନେଇଯାଏ, ସେଠାରେ ଓଡ଼ିଶାର ଆତ୍ମା ଦେଖାଯାଏ। ଜଣେ ମହିଳା ଯେତେବେଳେ ନିଜ ଘରର ରୋଷେଇ ଚୁଲିରେ ଅଧିକ ଭାତ ରାନ୍ଧି ବନ୍ୟାପୀଡ଼ିତଙ୍କୁ ଖୁଆନ୍ତି, ସେଠାରେ ମାଟିର ମମତା ଦେଖାଯାଏ। ଏହି ମାନବିକତା ହିଁ ଓଡ଼ିଶାର ସତ୍ୟ ଶକ୍ତି। ଆଜି ଆମର ସମ୍ପାଦକୀୟର ଆହ୍ୱାନ ସରଳ—କାହାକୁ ଏକା ଛାଡ଼ନ୍ତୁ ନାହିଁ। ଆପଣଙ୍କ ପଡ଼ ?ଶୀ ବୃଦ୍ଧ କି ନିରାପଦରେ ଅଛନ୍ତି ଦେଖନ୍ତୁ। ଆପଣଙ୍କ ଗାଁର ଗର୍ଭବତୀ ମହିଳା କି ନିରାପଦରେ ଅଛନ୍ତି ଜାଣନ୍ତୁ। ଆପଣଙ୍କ ଅଞ୍ଚଳର ଶିଶୁ ଓ ଅସହାୟ ଲୋକଙ୍କୁ ପ୍ରଥମେ ସୁରକ୍ଷିତ କରନ୍ତୁ। ପ୍ରଶାସନର ନିର୍ଦ୍ଦେଶ ମାନନ୍ତୁ। ବିପଦକୁ ଦେଖି ଉତ୍ସୁକତାରେ ଭିଡ଼ କରନ୍ତୁ ନାହିଁ। ଅପ୍ରମାଣିତ ଖବର ପ୍ରଚାର କରନ୍ତୁ ନାହିଁ। ଯେଉଁଠାରେ ସହାୟତା ଆବଶ୍ୟକ, ସେଠାରେ ସୂଚନା ପହଞ୍ଚାନ୍ତୁ। ଏବଂ ସରକାରଙ୍କୁ ମଧ୍ୟ ଆମର ଆହ୍ୱାନ—କୌଣସି ଜୀବନକୁ ଅବହେଳା କରନ୍ତୁ ନାହିଁ। କାଗଜର ତଥ୍ୟ ଠାରୁ ମାଟିର ସତ୍ୟ ବଡ଼। କାର୍ଯ୍ୟାଳୟର ରିପୋର୍ଟ ଠାରୁ ଗାଁର ଲୋକଙ୍କ ଆଖିର ଲୁହ ବଡ଼। ଯେଉଁଠାରେ ଲୋକ ଭୟରେ ଅଛନ୍ତି, ସେଠାରେ ଅଧିକାରୀ ପହଞ୍ଚନ୍ତୁ। ଯେଉଁଠାରେ ଖାଦ୍ୟ ନାହିଁ, ସେଠାରେ ଖାଦ୍ୟ ପହଞ୍ଚୁ। ଯେଉଁଠାରେ ଔଷଧ ନାହିଁ, ସେଠାରେ ଚିକିତ୍ସା ପହଞ୍ଚୁ। ଯେଉଁଠାରେ ଘର ଭାଙ୍ଗିଛି, ସେଠାରେ ଆଶ୍ରୟ ପହଞ୍ଚୁ। ଯେଉଁଠାରେ ଫସଲ ନଷ୍ଟ ହୋଇଛି, ସେଠାରେ ଚାଷୀଙ୍କ ହାତ ଧରାଯାଉ। ଆମେ ଏହା ମଧ୍ୟ ମନେ ରଖିବା ଦରକାର ଯେ ବନ୍ୟା କେବଳ ଉତ୍ତର ଓଡ଼ିଶାର ସମସ୍ୟା ନୁହେଁ, ଏହା ସମଗ୍ର ଓଡ଼ିଶାର ସମସ୍ୟା। ଆଜି ବାଲେଶ୍ୱର କାନ୍ଦିଲେ କାଲି ଅନ୍ୟ ଅଞ୍ଚଳ କାନ୍ଦିପାରେ। ଆଜି ଭଦ୍ରକର ଘର ଜଳମଗ୍ନ ହେଲେ ଆସନ୍ତାକାଲି ଅନ୍ୟ କୌଣସି ଜିଲ୍ଲା ଏହି ଯନ୍ତ୍ରଣା ଭୋଗିପାରେ। ତେଣୁ ଓଡ଼ିଶାକୁ ଏକାଠି ଠିଆ ହେବାକୁ ହେବ। ଏହି ସମୟରେ ଆମେ ଦଳରୁ ଉପରକୁ ଉଠିବାକୁ ହେବ, ରାଜନୀତିରୁ ଉପରକୁ ଉଠିବାକୁ ହେବ, ବ୍ୟକ୍ତିଗତ ସ୍ୱାର୍ଥରୁ ଉପରକୁ ଉଠିବାକୁ ହେବ। କାରଣ ବନ୍ୟାପୀଡ଼ିତ ମଣିଷ ପ୍ରଥମେ ମଣିଷ, ପରେ ଅନ୍ୟ କିଛି। ଆଜି ଯେଉଁ ମାଆ ନିଜ ଶିଶୁକୁ ଛାତିରେ ଚାପି ଧରି ଜଳ ହ୍ରାସକୁ ଅପେକ୍ଷା କରୁଛନ୍ତି, ସେ ଆମ ସମସ୍ତଙ୍କ ମାଆ। ଯେଉଁ ଚାଷୀ ନିଜ ବୁଡ଼ିଥିବା ଜମିକୁ ଚାହିଁ ନିରବ ହୋଇ ଠିଆ ଅଛନ୍ତି, ସେ ଆମ ସମସ୍ତଙ୍କ ଅନ୍ନଦାତା। ଯେଉଁ ଶିଶୁ ଆଜି ବହି ବଦଳରେ ରିଲିଫ କେନ୍ଦ୍ରର ମାଟିରେ ବସିଛି, ସେ ଆମ ରାଜ୍ୟର ଭବିଷ୍ୟତ। ତା'ର ଭବିଷ୍ୟତକୁ ଜଳରେ ଭାସିଯିବାକୁ ଦେବା ଯାଏ ନାହିଁ। ବନ୍ୟାର ଜଳ ହ୍ରାସ ପାଇବ, ମେଘ ହଟିବ, ସୂର୍ଯ୍ୟ ପୁଣି ଉଠିବ, ରାସ୍ତା ଶୁଖିବ, ନଦୀ ପୁଣି ନିଜ ସୀମାକୁ ଫେରିବ। କିନ୍ତୁ ଆମର ପରୀକ୍ଷା ସେତେବେଳେ ଶେଷ ହେବ ନାହିଁ। ପ୍ରକୃତ ପରୀକ୍ଷା ଆରମ୍ଭ ହେବ ଜଳ ହଟିବା ପରେ। ଆମେ କି ଭାଙ୍ଗିଯାଇଥିବା ଘର ପୁଣି ତିଆରି କରିବୁ ? ଆମେ କି ଚାଷୀଙ୍କ ଜମିରେ ପୁଣି ସବୁଜ ଧାନ ଦେଖାଇବୁ ? ଆମେ କି ପିଲାଙ୍କ ହାତରେ ପୁଣି ବହି ଦେବୁ ? ଆମେ କି ଏହି ବନ୍ୟାରୁ ଶିଖି ଆଗାମୀ ବନ୍ୟା ପାଇଁ ଆହୁରି ପ୍ରସ୍ତୁତ ହେବୁ ? ଏହି ପ୍ରଶ୍ନର ଉତ୍ତର ହିଁ ନିର୍ଣ୍ଣୟ କରିବ ଓଡ଼ିଶା କେତେ ଶକ୍ତିଶାଳୀ। ଆଜି ଆମର ମନରେ ଭୟ ଅଛି, କିନ୍ତୁ ଭୟଠାରୁ ବଡ଼ ହେଉ ଆମର ସାହସ। ଆଜି ଆମ ଚାରିପଟେ ପାଣି ଅଛି, କିନ୍ତୁ ସେହି ପାଣିଠାରୁ ବଡ଼ ହେଉ ଆମର ମାନବିକତା। ଆଜି ଆକାଶରେ କଳା ମେଘ ଅଛି, କିନ୍ତୁ ସେହି ମେଘଠାରୁ ଉଜ୍ଜ୍ୱଳ ହେଉ ଆମର ଆଶା। ଓଡ଼ିଶାର ମାଟି ଅନେକ ବିପର୍ଯ୍ୟୟ ଦେଖିଛି, ଅନେକ ଦୁଃଖ ସହିଛି, ଅନେକଥର ଭାଙ୍ଗିଛି, କିନ୍ତୁ ପ୍ରତ୍ୟେକଥର ଆହୁରି ଦୃଢ଼ ହୋଇ ଉଠିଛି। ଏଥର ମଧ୍ୟ ଓଡ଼ିଶା ଉଠିବ। କିନ୍ତୁ ଏହି ଉଠିବା କେବଳ ସରକାରର କାମ ନୁହେଁ, କେବଳ ପ୍ରଶାସନର କାମ ନୁହେଁ, କେବଳ ଉଦ୍ଧାରକର୍ମୀଙ୍କ କାମ ନୁହେଁ—ଏହା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଆସନ୍ତୁ, ଆଜି ଆମେ ଗୋଟିଏ ଶପଥ ନେବା—ବନ୍ୟାପୀଡ଼ିତଙ୍କୁ ଏକା ଛାଡ଼ିବୁ ନାହିଁ, ଅସହାୟଙ୍କ ଆର୍ତ୍ତନାଦକୁ ଅଣଦେଖା କରିବୁ ନାହିଁ, ପ୍ରକୃତିକୁ ଅବହେଳା କରିବୁ ନାହିଁ, ନଦୀ ଓ ଜଳାଶୟକୁ ଧ୍ୱଂସ କରିବୁ ନାହିଁ ଏବଂ ଆଗାମୀ ପିଢ଼ି ପାଇଁ ଏମିତି ଓଡ଼ିଶା ଗଢ଼ିବୁ ଯେଉଁଠାରେ ବର୍ଷା ଆସିଲେ ଚାଷୀ ଭୟରେ ଆକାଶକୁ ଚାହିଁବେ ନାହିଁ, ଶିଶୁ ଭୟରେ ମାଆକୁ ଧରିବ ନାହିଁ ଏବଂ ଜଣେ ଗରିବ ମଣିଷ ନିଜ ଘର ଭାସିଯିବାର ଆଶଙ୍କାରେ ରାତି ଜାଗିବେ ନାହିଁ। ବର୍ଷା ଜୀବନ ଦିଅ, ବନ୍ୟା ନୁହେଁ; ନଦୀ ଆଶୀର୍ବାଦ ହେଉ, ଅଭିଶାପ ନୁହେଁ; ଚାଷୀର କ୍ଷେତ ସବୁଜ ହେଉ, ଜଳମଗ୍ନ ନୁହେଁ; ଶିଶୁର ହାତରେ ବହି ରହୁ, ରିଲିଫ ଥଳି ନୁହେଁ। ଏହା କେବଳ ଆମର ପ୍ରାର୍ଥନା ନୁହେଁ—ଏହା ଆମର ସଙ୍କଳ୍ପ ହେଉ। ମୋବାଇଲ୍ ନମ୍ବର (୯୪୩୭୯୯୪୩୭୯)



# ଅରୁଣାଚଳରେ ୬୦ କିମି ଭିତରକୁ ପଶିଆସିଥିଲା ଚୀନ !

**ନୂଆଦିଲ୍ଲୀ,୧୯।୮(ଏଜେନ୍ସି):** ଭାରତ ଏବଂ ଚୀନ୍ ମଧ୍ୟରେ ପରିସ୍ଥିତି ସର୍ବଦା ଉତ୍ତେଜନାପୂର୍ଣ୍ଣ ରହିଥାଏ। ତେଣୁ, ଦୁଇ ଦେଶ ମଧ୍ୟରେ ସୀମା ସଦାସର୍ବଦା କଡ଼ା ସୁରକ୍ଷା ଘେରରେ ଥାଏ। ତଥାପି, ଏକ ଖବର ସୋସିଆଲ ମିଡିଆରେ ଆଲୋଚନାର ବିଷୟ ପାଲଟିଥିଲା। ଖବରଟି ଥିଲା ଯେ ଚୀନ ଭାରତୀୟ ସୀମାକୁ ଡେଇଁ ଅରୁଣାଚଳ ପ୍ରଦେଶର ୬୦ କିଲୋମିଟର ଭିତରକୁ ପ୍ରବେଶ କରିଥିଲା।ଏହି ଖବର ସୋସିଆଲ ମିଡିଆରେ ପ୍ରକାଶ ପାଇବା ପରେ ଦେଶର ରାଜନୈତିକ ମହଲରେ ଆଲୋଚନାର କେନ୍ଦ୍ରବିନ୍ଦୁ ହୋଇଥିଲା। ପରେ କେନ୍ଦ୍ର ମନ୍ତ୍ରୀ କିରେନ୍ ରିଜିଜୁ ଖବରର ସତ୍ୟତା ବିଷୟରେ ସ୍ପଷ୍ଟୀକରଣ ଦେଇଥିଲେ। ସେ ଏହାକୁ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିବା ସହ ନିଜ ମତ ପ୍ରକାଶ କରିଥିଲେ। ତାଙ୍କ ଅନୁସାରେ, ସୀମାରେ ସମସ୍ୟା ଅଛି, କିନ୍ତୁ ଏହାର ମୁଖ୍ୟ କାରଣ ହେଉଛି ସୀମା ନିର୍ଦ୍ଧାରଣ ସ୍ପଷ୍ଟ ଭାବରେ କରାଯାଇ ନାହିଁ।ସେ ଆହୁରି କହିଛନ୍ତି ଯେ ସୀମାନ୍ତ ରାଜ୍ୟଗୁଡ଼ିକରେ ବାସ କରୁଥିବା ଗ୍ରାମବାସୀଙ୍କ ଚିନ୍ତା ସତ୍ୟ ଏବଂ ଯଥାର୍ଥ । କିନ୍ତୁ ଏପରି ଗୁଜବ ଓ ମିଥ୍ୟା ଖବର ପ୍ରସାରଣ କରିବା ଉଚିତ ନୁହେଁ କହି ଚେତାବନୀ ଦେଇଛନ୍ତି।ନ୍ୟୁଜ୍ ଏଜେନ୍ସି



INSକୁ ଦେଇଥିବା ଏକ ସାକ୍ଷାତକାରରେ ରିଜିଜୁ କହିଛନ୍ତି, ଯେଉଁମାନେ ଦାବି କରୁଛନ୍ତି ଯେ ଚୀନ ଭାରତ ଭିତରକୁ ୬୦ କିଲୋମିଟର ପ୍ରବେଶ କରିଛି ଏବଂ ଦେଶକୁ ବଦନାମ କରିବା ପାଇଁ ବିଭିନ୍ନ ଭିଡିଓ ସେୟାର କରୁଛନ୍ତି, ସେମାନେ ସମ୍ପୂର୍ଣ୍ଣ ଭୁଲ। ସୀମାରେ ନିଶ୍ଚିତ ଭାବରେ ଏକ ସମସ୍ୟା ଅଛି। ଅରୁଣାଚଳ ପ୍ରଦେଶର କିଛି ଗାଁର ଲୋକମାନେ ସୀମା ପ୍ରସଙ୍ଗରେ ଚିନ୍ତା ପ୍ରକାଶ କରିଛନ୍ତି, ଏବଂ ଏହି ଚିନ୍ତା ଯଥାର୍ଥ କାରଣ ସୀମା ସ୍ପଷ୍ଟ ଭାବରେ ନିର୍ଣ୍ଣୟ କରାଯାଇ ନାହିଁ। ରିଜିଜୁ ସ୍ପଷ୍ଟ କରିଛନ୍ତି ଯେ ଏହି ପରିସ୍ଥିତିର ଅର୍ଥ ନୁହେଁ ଯେ ଚୀନ କୌଣସି ଭାରତୀୟ ଗ୍ରାମକୁ ଦଖଲ କରିଛି। ଯେହେତୁ କୌଣସି ସୀମା ନିର୍ଦ୍ଧାରଣ ନାହିଁ, ଚୀନ କିଛି ଅଞ୍ଚଳକୁ ଦାବି କରୁଛି। ତେଣୁ, ଏହା ସତ୍ୟ ନୁହେଁ ଯେ ସେମାନେ ଆସି ଆମ ଗ୍ରାମକୁ ଦଖଲ କରିନେଇଛନ୍ତି। ସୀମା ସ୍ଥିର ନ ଥିବାରୁ ସେମାନେ କିଛି ଜମି ଉପରେ ନଜର ରଖିଛନ୍ତି। ଆମର ଲୋକମାନେ ବିଶ୍ୱାସ କରନ୍ତି ଯେ ଆମର ଜମି ଆହୁରି ଭିତରକୁ ଅଛି, ଯେତେବେଳେ ଚୀନ ପାର୍ଶ୍ୱର ଗ୍ରାମବାସୀ (ତିବ୍ବତୀ ଏବଂ ସ୍ଥାନୀୟ ଲୋକମାନେ) ଦାବି କରନ୍ତି ଯେ ସେମାନଙ୍କର ଜମି ଆହୁରି ଭିତରକୁ ଅଛି ।

## ଦିଲ୍ଲୀ ଜଳ ବୋର୍ଡ ଦୁର୍ନୀତି ମାମଲା

# କୋର୍ଟରେ ନିଜ ପକ୍ଷ ନିଜେ ରଖିଲେ ଆମ ଆଦମୀ ନେତା ସତ୍ୟେନ୍ଦ୍ର ଜୈନ

**ନୂଆଦିଲ୍ଲୀ,୧୯।୮(ଏଜେନ୍ସି):**ଦିଲ୍ଲୀ ଜଳ ବୋର୍ଡ (ଡିଜେବି) ଦୁର୍ନୀତି ମାମଲାରେ ବୁଧବାର ପୂର୍ବତନ ମନ୍ତ୍ରୀ ତଥା ଆମ ଆଦମୀ ପାର୍ଟି(ଆପ) ନେତା ସତ୍ୟେନ୍ଦ୍ର ଜୈନଙ୍କ ସମେତ ୬ ଜଣ ଅଭିଯୁକ୍ତ ରାଉଜ ଏଭେନ୍ୟୁ କୋର୍ଟରେ ହାଜର ହୋଇଥିଲେ। ଶୁଣାଣି କାଳରେ ସତ୍ୟେନ୍ଦ୍ର ଜୈନ ନିଜେ ନିଜର ପକ୍ଷ ରଖିଛନ୍ତି। ସେ ସ୍ୱେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏସଟିପି) ଟେଣ୍ଡର ବାବଦରେ କହିଛନ୍ତି। ସେ କହିଛନ୍ତି ଯେ ଯଦିଓ ମୋ ପାଖରେ ୮ଟି ମନ୍ତ୍ରାଳୟର ଦାୟିତ୍ୱ ଥିଲା ତେବେ ଟେକ୍ନିକାଲ ଜ୍ଞାନ ନଥିଲା। ଏଣୁ ତାଙ୍କୁ ଅଧିକାରୀଙ୍କ ନିର୍ଭରରେ ରହିବାକୁ ପଡୁଥିଲା।ସତ୍ୟେନ୍ଦ୍ର ଜୈନ କହିଛନ୍ତି ଯେ ଏସଟିପି ଏଥିପାଇଁ ତିଆରି ହୁଏ ଯେ ବିନା ସୋଧନରେ ଅପରିଷ୍କାର ପାଣି ଯେପରି ଯମୁନା ନଦୀକୁ ନ ଯାଏ ଓ ନଦୀର ଜଳ ସ୍ୱଚ୍ଛ ରହେ। ଏହା ଦିଲ୍ଲୀର ଜନତାଙ୍କୁ ଆମ ପାର୍ଟିର ନିର୍ବାଚନୀ ପ୍ରତିଶ୍ରୁତି ଥିଲା। ଜୈନ କହିଛନ୍ତି ଯେ ଏସଟିପି ନିର୍ମାଣ ସମୟକୁ ନଜରରେ ରଖି ବର୍ତ୍ତମାନ ଥିବା ପ୍ଲାଣ୍ଟକୁ ୫୦ ପ୍ରତିଶତ ବଢାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ଟେକ୍ନୋଲଜି ବାଛିବା ପ୍ରସଙ୍ଗରେ ସେ କହିଛନ୍ତି ଯେ ଯଦିଓ ମୁଁ ୮ଟି ବିଭାଗର ମନ୍ତ୍ରୀ ଥିଲି ହେଲେ ଏସଟିପି ବାବଦେ ମୋର ବୈଷୟିକ ଜ୍ଞାନ ନଥିଲା। ଏଣୁ ଅଧିକାରୀଙ୍କ ଉପରେ ନିର୍ଭର କରିବାକୁ ପଡୁଥିଲା।ଆରମ୍ଭରେ ୧,୫୪୬ କୋଟି ଟଙ୍କା ବ୍ୟୟରେ ୩୦୦ ଏମଜିଡିରେ ଲକ୍ଷ୍ୟ ରଖା ଯାଇଥିଲା ଓ ଏମଜିଡି ପିଛା ୫ କୋଟି ଟଙ୍କା ହାରରେ ୪ଟି ପ୍ୟାକେଜରେ ଟେଣ୍ଡର ଜାରିହୋଇଥିଲା। ହେଲେ ସମ୍ପର୍କିତ ଫାଇଲ ସେ ମନ୍ତ୍ରୀ ଥିବା ସମୟରେ ତାଙ୍କ ନିକଟକୁ କେବେ ପହଞ୍ଚି ନଥିଲା। ତେବେ ଆପ ନେତା କହିଛନ୍ତି ଯେ ୭ ଅଗଷ୍ଟରେ ତାଙ୍କୁ ଡକାଇ ଏପରି ଟେକ୍ନିକାଲ ମାମଲାରେ ପଚରା ଉଚରା କରାଗଲା ଯାହା



ବିଷୟରେ ସେ ଜାଣିନଥିଲେ, ଉଦ୍ଦେଶ୍ୟଥିଲା ତାଙ୍କୁ ଅଭିଯୁକ୍ତ ନମ୍ବର ୧ କରିବା ବୋଲି ଅଭିଯୋଗ କରିଛନ୍ତି।ସତ୍ୟେନ୍ଦ୍ର ଜୈନ କହିଛନ୍ତି ଯେ ୩୦ ମେ ୨୦୨୨ରେ ମୋତେ ପଦରୁ ହଟାଇ ଦିଆଯାଇଥିଲା। ମୋ ପାଖକୁ କୌଣସି ଫାଇଲ ଆସିଲା ନାହିଁ। ମୁଁ ପ୍ରୋଫାଇଲ ଛାଡିବର ଛଅ ସାତ ମାସ ପରେ ଟେଣ୍ଡର ହେଲା। ତେବେ ଏଥିରେ ମୁଁ ଦୋଷୀ ହେଲି କିପରି ବୋଲି ଜୈନ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ୧୫୪୬ କୋଟି ଟଙ୍କାର ଟେଣ୍ଡର ଉଚିତ ନଥିଲା ହେଲେ ୧୯୩୮ କୋଟି ଟଙ୍କାର ଟେଣ୍ଡର ଉଚିତ ହେଲା କେମିତି ବୋଲି ଜୈନ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ସେତେବେଳକୁ ମୁଁ ତ ଜେଲରେ ଥିଲି ମୋର କୌଣସି ଦାୟିତ୍ୱ ନଥିଲା ଏଥି ପାଇଁ ମୁଁ ଦାୟୀ କିପରି ବୋଲି ଜୈନ ପ୍ରଶ୍ନ କରିଛନ୍ତି।ଦିଲ୍ଲୀ ଜଳ ବୋର୍ଡ ଦୁର୍ନୀତିରେ ଆଣ୍ଟି କରପସନ ବ୍ରାଞ୍ଚ (ଏସିବି) ମଙ୍ଗଳବାର ସତ୍ୟେନ୍ଦ୍ର ଜୈନଙ୍କ ସମେତ ୬ ଜଣଙ୍କୁ ଗିରଫ କରିଛି। ଏହି ମାମଲାରେ ବୁଧବାର ସେମାନଙ୍କୁ କୋର୍ଟରେ ହାଜର କରାଯାଇଛି। ଏଥିରେ ଜୈନ ନିଜ ପକ୍ଷ ନିଜେ ରଖିଛନ୍ତି। ଏଥି ପାଇଁ କୌଣସି ଓକିଲଙ୍କ ସାହାରା ନେଇ ନାହାନ୍ତି। ଏହି ମାମାଲାରେ ଜୈନଙ୍କ ବ୍ୟତୀତ ଗିରଫ ହୋଇଥିବା ଲୋକଙ୍କ ମଧ୍ୟରେ ଡିଜେବିର ପୂର୍ବତନ କଣ୍ଟ୍ରାକ୍ଟୁଆଲ କନସଲଟାଣ୍ଟ ଅଙ୍କିତ ଶ୍ରୀବାସ୍ତବ, ଏଏନ ଏଣ୍ଟର ପ୍ରାଇଜର ମାଲିକ ନାଗେନ୍ଦ୍ର ଯାଦବ, ୟୁରୋଟେକ୍ ଏନଭାର୍ଣ୍ଣମେଣ୍ଟ ପ୍ରାଇଭେଟ ଲିମିଟେଡ ମାଲିକ ରାଜ କୁମାର କୁର୍ରା ଓ ସୃଜନ ହାରର ମାଲିକ ପଙ୍କଜ ବର୍ମା ଅଛନ୍ତି।ମାମଲାରେ ରାଉଜ ଏଭେନ୍ୟୁ କୋର୍ଟ ଡିଜେବିରେ ଏସଟିପି ନିର୍ମାଣ ଅନିୟମିତତା ମାମଲାରେ ଏସିବି ଅଙ୍କିତ ଶ୍ରୀବାସ୍ତବଙ୍କୁ ୨ ଦିନ ଓ ସତ୍ୟେନ୍ଦ୍ର ଜୈନ ସମେତ ଅନ୍ୟଙ୍କ ନିମନ୍ତେ ୧୪ ଦିନିଆ ହାଜତ ନିବେଦନ କରିଛି। ତେବେ କୋର୍ଟ ନିଷ୍ପତ୍ତି ସଂରକ୍ଷିତ ରଖିଛନ୍ତି। କୋର୍ଟ କହିଛନ୍ତି ଯେ ପ୍ରଥମେ ଅଙ୍କିତ ଶ୍ରୀବାସ୍ତବଙ୍କ ପୋଲିସ ହାଜତ ଓ ପରେ ଅନ୍ୟ ୫ ଜଣଙ୍କ ୧୪ ଦିନିଆ ବିଚାର ବିଭାଗୀଚ ହାଜତ ଉପରେ ନିଷ୍ପତ୍ତି ଶୁଣାଇବେ।

# ହର୍ମୁଜ୍ ଉପରେ ଟ୍ରମ୍ପଙ୍କ ଦାବିକୁ ପରିହାସ କଲା ଇରାନ

**ନୂଆଦିଲ୍ଲୀ,୧୯।୮(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହର୍ମୁଜ ପ୍ରଣାଳୀ ଉପରେ ଦାବି ପରେ ଭୂରାଜନୈତିକ ଉତ୍ତେଜନା ବୃଦ୍ଧି ପାଇଛି। ସେ ଏହି ଗୁରୁତ୍ୱପୂର୍ଣ୍ଣ ପଥକୁ ନୂତନ ଆମେରିକା ଅଞ୍ଚଳ ଭାବରେ ଘୋଷଣା କରିଛନ୍ତି। ତାଙ୍କ ମନ୍ତବ୍ୟ ପରେ ଇରାନ ପକ୍ଷରୁ ତୀବ୍ର ଏବଂ କଠୋର ପ୍ରତିକ୍ରିୟା ପ୍ରକାଶ ପାଇଛି।ଇରାନର ସର୍ବୋଚ୍ଚ ସୁରକ୍ଷା ପରିଷଦର ନୂତନ ସଚିବ ମୋହସେନ ରେଜାଇ ଟ୍ରମ୍ପଙ୍କ ଘୋଷଣାକୁ ଖୋଲାଖୋଲି ଭାବରେ ପରିହାସ କରି କହିଛନ୍ତି ଯେ ଏହି ରଣନୈତିକ ସମୁଦ୍ର ମାର୍ଗକୁ ପୁନଃ ଖୋଲିବାରେ ୱାସିଂଟନର ବିଫଳତା ଏବଂ ଏହା ଉପରେ ନିଜର କର୍ତ୍ତୃତ୍ୱର ଦାବି ମଧ୍ୟରେ ପାର୍ଥକ୍ୟ ୭ ହଜାର ମାଇଲ ଦୂରତା ଅପେକ୍ଷା ବହୁତ ଅଧିକ।



ରେଜାଇ ତାଙ୍କ ସୋସିଆଲ ମିଡିଆ ପୋଷ୍ଟ ସହିତ ବିଶ୍ୱ ମାନଚିତ୍ରର ଏକ ଫଟୋ ରଖି କଟାକ୍ଷ କରି ଲେଖିଛନ୍ତି ଯେ କିଛି ସ୍ୱପ୍ନ ବାସ୍ତବତାଠାରୁ ବହୁତ ଦୂରରେ ଥାଏ। ସେ ପାରସ୍ୟ ଉପସାଗରରେ ଆମେରିକା ପରବର୍ତ୍ତୀ ଯୁଗର ପ୍ରାଧାନ୍ୟକୁ ସ୍ୱାଗତ କରିବା ସହ ଟ୍ରମ୍ପଙ୍କ ଦାବିକୁ କଡା ସମାଲୋଚନା କରିଛନ୍ତି।

ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ଏକ ବିବାଦୀୟ ମାନଚିତ୍ର ପୋଷ୍ଟ କରି ହର୍ମୁଜ୍ ପ୍ରଣାଳୀକୁ ଆମେରିକାର ନୂତନ ଅଞ୍ଚଳ ଭାବରେ ଦର୍ଶାଇ ଜଳପଥକୁ କବଜା କରିବା ପାଇଁ ତାଙ୍କର ସାମ୍ପ୍ରତିକ କୂଟନୈତିକ ଧମକକୁ ଦୋହରାଇଥିଲେ। ଏହା ଅନ୍ତର୍ଜାତୀୟ ରାଜନୀତିରେ ଆଲୋଡନ ସୃଷ୍ଟି କରିଥିଲା।

# ବିଷାକ୍ତ ମଦ ପିଇ ଗୁଜରାଟରେ ୨ ମୃତ, ୧୯ ହସ୍ପିଟାଲରେ ଭର୍ତ୍ତି

**ନୂଆଦିଲ୍ଲୀ,୧୯।୮(ଏଜେନ୍ସି):**ଗୁଜରାଟର ଭାବନଗର ଜିଲ୍ଲାରେ ବୁଧବାର ବିଷାକ୍ତ ମଦ ପିଇ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି ଓ ଅସୁସ୍ଥ ହୋଇଥିବା ଅନ୍ୟ ୧୯ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ୪ ଜଣ ମଦ ବ୍ୟବସାୟୀଙ୍କୁ ଅଟକ ରଖାଯାଇଛି।

ନଗର ଜିଲ୍ଲାପାଳ ମନୀଷ କୁମାର କହିଛନ୍ତି ଯେ, ଲୋକମାନେ ଭାରତ ନିର୍ମିତ ବିଦେଶୀ ମଦ ବ୍ରାଣ୍ଡର ନକଲି ବୋତଲରୁ ମଦ ପିଇଥିଲେ। ପୁଲିସ ଅଧିକ୍ଷକ (ଏସ୍‌ପି) ନିତେଶ ପାଣ୍ଡେ ସୂଚନା ଦେଇଛନ୍ତି ଯେ, କିଛି ଦିନ ପୂର୍ବ ଖରକଡି ଗାଁରେ କିଛି ଲୋକ ଏକ ଭାରତ ନିର୍ମିତ ବିଦେଶୀ ମଦ ବ୍ରାଣ୍ଡର ନକଲି ବୋତଲରୁ ମଦ ପିଇଥିଲେ, ଯାହା ପରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଥିଲା। ପରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା, ଅନ୍ୟ ଛଅ ଜଣଙ୍କୁ ଚିକିତ୍ସା ପାଇଁ ଭାବନଗରର ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସାର୍ ଟି ହସ୍ପିଟାଲରେ ସନ୍ଦେହଜନକ ପରିସ୍ଥିତିରେ ଆଉ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି ଓ ତାଙ୍କ ମୃତ୍ୟୁର ସଠିକ୍ କାରଣ ଯାଞ୍ଚ କରାଯାଉଛି ବୋଲି ନିଲମ ବାଗ୍ ପୁଲିସ ଷ୍ଟେସନ୍ ଇନ୍ସପେକ୍ଟର ଡିପି ଉଦଙ୍କଟ କହିଛନ୍ତି। ଭର୍ତ୍ତେଜ୍ ଓ ସହରର ଅନ୍ୟାନ୍ୟ ପୁଲିସ ଷ୍ଟେସନ୍ ଅଞ୍ଚଳର ମଦ ବେପାରୀଙ୍କୁ ଅଟକ ରଖାଯାଇଛି ବୋଲି ଏସ୍‌ପି ପାଣ୍ଡେ ସାମ୍ବାଦିକମାନଙ୍କୁ କହିଛନ୍ତି। ପ୍ରାଥମିକ ତଦନ୍ତରୁ ଏହି ମଦ ବୋତଲ ମଧ୍ୟ ପ୍ରଦେଶରୁ ଆସିଥିବା ଜଣାପଡ଼ିଛି। ଫରେନସିକ୍ ଟିମ୍‌କୁ ତଦନ୍ତରେ ସାମିଲ କରାଯାଇଛି।

# 'ଅପରେସନ୍ ସିନ୍ଦୂର' ଉପରେ ଡକ୍ୟୁମେଣ୍ଟାରୀ ଦେଖି ପାକିସ୍ତାନ ବିଚଳିତ

**ନୂଆଦିଲ୍ଲୀ,୧୯।୮(ଏଜେନ୍ସି):**'ଅପରେସନ୍ ସିନ୍ଦୂର' ଉପରେ ଭାରତର ଏକ ଡକ୍ୟୁମେଣ୍ଟାରୀ ପାକିସ୍ତାନରେ ହଇଚଇ ସୃଷ୍ଟି କରିଛି। 'ଅପରେସନ ସିନ୍ଦୂର'ବେଳେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନକୁ ନେଇ ଏହି ଡକ୍ୟୁମେଣ୍ଟାରୀ ସିରିଜ୍ ଉପରେ ପାକିସ୍ତାନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ପାକିସ୍ତାନୀ ସେନାର ମିଡିଆ ୱିଙ୍ଗ୍ ଡକ୍ୟୁମେଣ୍ଟାରୀକୁ ଏକପାଖିଆ ବୋଲି କହିଛି। ପାକିସ୍ତାନ ଅଭିଯୋଗ କରିଛି ଯେ, ଡକ୍ୟୁମେଣ୍ଟାରୀରେ ଘଟଣାଗୁଡ଼ିକୁ ଅତ୍ୟଧିକ ନାଟକୀୟ ଭାବରେ ଉପସ୍ଥାପନ କରାଯାଇଛି। 'ଦ ଡିସ୍କଭରୀ ଡକ୍ୟୁସେରିଜ୍ 'ଡିକ୍ଲାସିଫାଏଡ୍: ଅପରେସନ୍ ସିନ୍ଦୂର' ନାମକ ଡକ୍ୟୁମେଣ୍ଟାରୀ ଅଗଷ୍ଟ ୧୫ ତାରିଖରେ ପ୍ରିମିୟର ହୋଇଥିଲା। ଏହା ଉପରେ ପାକିସ୍ତାନ ସେନାର ପ୍ରବକ୍ତା ଲେଫ୍ଟନାଣ୍ଟ ଜେନେରାଲ ଅହମ୍ମଦ ସରିଫ୍ ରାତି ୨ଟାରେ ତାଙ୍କ ବକ୍ତବ୍ୟ ଜାରି କରି ଏହାକୁ ଦୁଃଖଦ ଓ ହାସ୍ୟାସ୍ପଦ ବୋଲି କହିଛନ୍ତି।ମଙ୍ଗଳବାର ଭୋର ସମୟରେ 'ଏକ୍ସ'ରେ ଏକ ପୋଷ୍ଟରେ ସରିଫ ଅଭିଯୋଗ କରିଛନ୍ତି ଯେ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସମେତ ଭାରତୀୟ ସଶସ୍ତ୍ର ବାହିନୀର ଶୀର୍ଷ ନେତୃତ୍ୱଙ୍କୁ ଦର୍ଶାଯାଇଥିବା ଡକ୍ୟୁମେଣ୍ଟାରୀରେ ଗମ୍ଭୀରତାର ଅଭାବ ରହିଛି ଓ ଏହାକୁ ବଲିଉଡ୍ ଶୈଳୀରେ ନାଟକୀୟ ଭାବେ ପ୍ରସ୍ତୁତ କରାଯାଇଛି। 'ଅପରେସନ ସିନ୍ଦୂର' ସମୟର ଘଟଣାବଳୀକୁ ଭାରତ ନିଜ ଶେ?ଲୀ ଓ ରଙ୍ଗ ଦେଇଛି ବୋଲି ପାକିସ୍ତାନ ଅଭିଯୋଗ କରିଛି। ଏହାବ୍ୟତୀତ ପାକିସ୍ତାନୀ ସେନା ଡକ୍ୟୁମେଣ୍ଟାରୀରେ 'ଅପରେସନ ସିନ୍ଦୂର'କୁ ଭାରତୀୟ ସାମରିକ ସଫଳତା ଭାବରେ ଚିତ୍ରଣ କରାଯିବା ଉପରେ ପ୍ରଶ୍ନ ଉଠାଇଛି। ପାକିସ୍ତାନ ଦାବି କରିଛି ଯେ, ଏହା ଏକପାଖିଆ ସୂଚନା ପ୍ରଦାନ କରୁଛି। ଭାରତ ସରକାର ଏପର୍ଯ୍ୟନ୍ତ ପାକିସ୍ତାନୀ ବିବୃତିର କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ୨୦୨୫ ଏପ୍ରିଲ ୨୨ ତାରିଖରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ଭାରତୀୟ ପର୍ଯ୍ୟଟକଙ୍କର ମୃତ୍ୟୁ ହୋଇଥିଲା। ଏହାର ଜବବାରେ ୭ ମେ, ୨୦୨୫ରେ ଭାରତ ପକ୍ଷରୁ 'ଅପରେସନ ସିନ୍ଦୂର' ଆରମ୍ଭ ହୋଇଥିଲା।

# ନିଟ୍ ପରୀକ୍ଷା ପାଇଁ ବର୍ତ୍ତମାନର ବ୍ୟବସ୍ଥା ସମ୍ପୂର୍ଣ୍ଣ ସୁରକ୍ଷିତ

## ସୁପ୍ରିମକୋର୍ଟଙ୍କୁ ଜଣାଇଲେ କେନ୍ଦ୍ର ସରକାର

**ନୂଆଦିଲ୍ଲୀ,୧୯।୮(ଏଜେନ୍ସି):**କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ କହିଛନ୍ତି ଯେ ନିଟ୍-ୟୁଜି ପରୀକ୍ଷା ପରିଚାଳନା ପାଇଁ ବର୍ତ୍ତମାନର ବ୍ୟବସ୍ଥା ସମ୍ପୂର୍ଣ୍ଣ ସୁରକ୍ଷିତ। ଏଥିରେ ହେରଫେର୍ କରିବା କଷ୍ଟକର। ତେବେ ସରକାର ଏହା ସ୍ୱୀକାର କରିଛନ୍ତି ଯେ ଏହି ପ୍ରକ୍ରିୟାରେ ମାନବୀୟ ହସ୍ତକ୍ଷେପ ମଧ୍ୟ ଜଡିତ। ସରକାରଙ୍କ ପକ୍ଷରୁ ହାଜର ହୋଇ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କୁ ପ୍ରଶ୍ନପତ୍ର କିପରି ଚୟନ କରାଯାଏ ତାହା ବୁଝାଇଥିଲେ। ୧୦୦ଟି ପ୍ରଶ୍ନ ସହିତ ଏକ ପଦାର୍ଥ ବିଜ୍ଞାନ ପତ୍ରର ଉଦାହରଣ ଦେଇ, ମେହେଟ୍ଟା ପ୍ରକ୍ରିୟା ବ୍ୟାଖ୍ୟା କରିଥିଲେ। ଅନେକ ମୋଡରେଟର ଗୋଷ୍ଠୀ ପ୍ରଥମେ ୫୦୦ଟି ପ୍ରଶ୍ନର ଏକ ବ୍ୟାଙ୍କ ତିଆରି କରନ୍ତି।ବ୍ୟାଙ୍କରୁ, ଅନ୍ୟ ମୋଡରେଟରମାନେ ପ୍ରତ୍ୟେକ ୧୦୦ ଟି ପ୍ରଶ୍ନ ଚୟନ କରନ୍ତି ଏବଂ ୪ ଟି ଭିନ୍ନ ଭିନ୍ନ ପ୍ରଶ୍ନପତ୍ର ପ୍ରସ୍ତୁତ କରନ୍ତି। ଏହା ପରେ, ଏନଟିଏର ମହାନିର୍ଦ୍ଦେଶକ ସେହି ଚାରୋଟି ପେପରରୁ ଦୁଇଟି ପେପର ଚୟନ କରନ୍ତି। ତା'ପରେ ପେପରକୁ ସିଲଡ୍ ବାକ୍ସରେ ସିସିଟିଭି ଏବଂ ସିଆଇଏସଏଫ ସୁରକ୍ଷାରେ ଦୁଇଟି ଭିନ୍ନ ପ୍ରିଣ୍ଟିଂ ପ୍ରେସ୍‌କୁ ପଠାଯାଏ। ବାକ୍ସର ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ପାଖରେ ଏକ ଡିଜିଟାଲ୍ ଚାବି ଥାଏ। ପ୍ରିଣ୍ଟିଂ ପ୍ରେସ୍ ମାଲିକ ଏନଟିଏ ମହାନିର୍ଦ୍ଦେଶକଙ୍କ ସହ ଯୋଗାଯୋଗ କରି କୋଡ୍ ପାଇଲେ ହିଁ ବାକ୍ସଟି ଖୋଲାଯାଇପାରିଥାଏ। ବାକ୍ସଟି ଖୋଲିବା ପରେ,କୌଣସି ବାହାର ବ୍ୟକ୍ତିଙ୍କୁ ପ୍ରିଣ୍ଟିଂ ପ୍ରେସ୍ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦିଆଯାଏ ନାହିଁ ଏବଂ ସମ୍ପୂର୍ଣ୍ଣ ପ୍ରକ୍ରିୟାର ଭିଡିଓ ରେକର୍ଡିଂ କରାଯାଇଥାଏ।

ମୁଦ୍ରଣାଳୟରେ କଡ଼ା ସୁରକ୍ଷା ଏବଂ ଗୋପନୀୟତା ବଜାୟ ରଖାଯାଇଥାଏ। ପ୍ରିଣ୍ଟିଂ



ପ୍ରେସ୍ କର୍ମଚାରୀମାନେ ମଧ୍ୟ ଜାଣି ନଥାନ୍ତି ପ୍ରଶ୍ନପତ୍ର କେଉଁ ପରୀକ୍ଷା କେନ୍ଦ୍ରକୁ ପଠାଯିବ। ପ୍ରଶ୍ନପତ୍ର ଏବଂ ଓଏମଆର ସିଟ୍ ଏକ ସିଲ୍ ଲଫାପାରେ ରଖାଯାଇଥାଏ। ଲଫାଫା ଖୋଲିବା ପାଇଁ ସିଲ୍ ଭାଙ୍ଗିବାକୁ ପଡିଥାଏ ବୋଲି ମେହେଟ୍ଟା କହିଛନ୍ତି।

# କାଶ୍ମୀର ପ୍ରସଙ୍ଗରେ ଓମରଙ୍କ କଡ଼ା ବାର୍ତ୍ତା

# ସମାଧାନ କରିବ ଦିଲ୍ଲୀ, ୱାଶିଂଟନ୍ ନୁହେଁ

**ନୂଆଦିଲ୍ଲୀ,୧୯।୮(ଏଜେନ୍ସି):** ଜମ୍ମୁ-କାଶ୍ମୀର ପ୍ରସଙ୍ଗକୁ ନେଇ ଆସିଛି ଏକ ବଡ଼ ରାଜନୈତିକ ବୟାନ । କାଶ୍ମୀର ସମସ୍ୟାର ସମାଧାନ ଭାରତ ସରକାର ହିଁ କରିବେ, ଏଥିରେ କୌଣସି ବିଦେଶୀ ହସ୍ତକ୍ଷେପର ପ୍ରଶ୍ନ ଉଠୁନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା । ଆମେରିକୀୟ ରାଜଦୂତ ସର୍ଜିଓ ଗୋରଙ୍କ ସହ ବୈଠକ ପୂର୍ବରୁ ଶ୍ରୀନଗରରେ ଗଣମାଧ୍ୟମକୁ ସମ୍ବୋଧନ କରି ଓମାର ଏହି ବୟାନ ଦେଇଛନ୍ତି ।ତାଙ୍କ କହିବା ଅନୁସାରେ, ଆମେରିକୀୟ ପ୍ରତିନିଧିଙ୍କ



ସହ ବୈଠକରେ ଜମ୍ମୁ-କାଶ୍ମୀରର ସ୍ଥାନୀୟ ପ୍ରସଙ୍ଗ ଓ ବର୍ତ୍ତମାନର ପରିସ୍ଥିତି ନେଇ ଆଲୋଚନା ହେବ । କିନ୍ତୁ ଏହାକୁ ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗରେ ବିଦେଶୀ ହସ୍ତକ୍ଷେପ ଭାବେ ଦେଖିବା ଠିକ୍ ନୁହେଁ । ଓମାର ଅବ୍ଦୁଲ୍ଲା ସ୍ପଷ୍ଟ କରିଛନ୍ତି ଯେ, ସେ କୌଣସି ବିଦେଶୀ ପ୍ରତିନିଧିଙ୍କ ନିକଟରେ ଭାରତ ବିରୋଧରେ ଅଭିଯୋଗ କରିବେ ନାହିଁ । କାଶ୍ମୀରର ସମସ୍ୟାର ସମାଧାନ ଭାରତର କେନ୍ଦ୍ର ସରକାର ଏବଂ ଦେଶର ସମ୍ବିଧାନିକ ବ୍ୟବସ୍ଥା ମଧ୍ୟରେ ହିଁ ହେବ ବୋଲି ସେ ସଙ୍କେତ ଦେଇଛନ୍ତି । ଦୀର୍ଘ ୧୫ ବର୍ଷରୁ ଅଧିକ ସମୟ ପରେ ଜମ୍ମୁ-କାଶ୍ମୀରର ଜଣେ କାର୍ଯ୍ୟରତ ମୁଖ୍ୟମନ୍ତ୍ରୀ ଆମେରିକାର ଜଣେ ରାଜଦୂତଙ୍କୁ ଭେଟୁଥିବାରୁ ଏହି ବୈଠକକୁ ନେଇ ଚର୍ଚ୍ଚା ବଢ଼ିଛି । ସର୍ଜିଓ ଗୋର ଦକ୍ଷିଣ ଓ ମଧ୍ୟ ଏସିଆ ପାଇଁ ଆମେରିକାର ବିଶେଷ ଦୂତ ଭାବେ ମଧ୍ୟ ଦାୟିତ୍ୱ ତୁଲାଉଛନ୍ତି । ଅନ୍ୟପଟେ ଜମ୍ମୁ-କାଶ୍ମୀରର ବିଭିନ୍ନ ରାଜନୈତିକ ଦଳ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦାବି କରୁଛନ୍ତି । ଏଭଳି ସମୟରେ ଓମାରଙ୍କ ଏହି ସ୍ପଷ୍ଟ ବୟାନ ବିଦେଶୀ ମଧ୍ୟସ୍ଥତାକୁ ନେଇ ଉଠୁଥିବା ଆଶଙ୍କାକୁ ଦୂର କରିବାର ବାର୍ତ୍ତା ଦେଇଛି ।

## ଉତ୍ତରପ୍ରଦେଶ ନିର୍ବାଚନ ପୂର୍ବରୁ କଂଗ୍ରେସର ବୟାନ

# ଅଖିଳେଶ ହେବେ ମୁଖ୍ୟମନ୍ତ୍ରୀ ଚେହେରା, ସେପ୍ଟେମ୍ବରରେ ଆସନ ବୁଝାମଣା

**ନୂଆଦିଲ୍ଲୀ,୧୯।୮(ଏଜେନ୍ସି):**ଆସନ୍ତା ବର୍ଷ ହେବାକୁ ଥିବା ଉତ୍ତରପ୍ରଦେଶ ନିର୍ବାଚନକୁ ନେଇ ରାଜନୀତି ସରଗରମ ହୋଇଛି। ନେତାମାନଙ୍କ ମଧ୍ୟରେ ଆରୋପ-ପ୍ରତ୍ୟାରୋପ ଜାରି ରହିଛି। ଏହି ସମୟରେ ୟୁପି କଂଗ୍ରେସ ପ୍ରଭାରୀ ରାଜେନ୍ଦ୍ର ପାଲ ଗୌତମ ଓମ୍ ପ୍ରକାଶ ରାଜଭରଙ୍କ ସେହି ଦାବିକୁ ଖଣ୍ଡନ କରିଛନ୍ତି, ଯେଉଁଥିରେ ରାଜଭର କୌଣସି ସାକ୍ଷାତ କିମ୍ବା ଯୋଗାଯୋଗ ହୋଇଥିବା କଥା କହିଥିଲେ। ରାଜେନ୍ଦ୍ର ଗୌତମ କହିଛନ୍ତି ଯେ ରାଜଭରଙ୍କ ସହ ନା ତାଙ୍କର କୌଣସି ସାକ୍ଷାତ ହୋଇଛି, ନା ଫୋନରେ କୌଣସି କଥାବାର୍ତ୍ତା ହୋଇଛି।ମହାଗଠବନ୍ଧନରେ ସିଟ୍ ଶେୟରିଂକୁ ନେଇ ରାଜେନ୍ଦ୍ର ପାଲ ଗୌତମ କହିଛନ୍ତି ଯେ ଆସନ୍ତା ମାସରୁ ଆଲୋଚନା ଆରମ୍ଭ ହେବାର ସମ୍ଭାବନା ରହିଛି। ସେ କହିଛନ୍ତି, "ସେପ୍‌ଟେମ୍ବରରେ ଆଲୋଚନା



ଆରମ୍ଭ ହେବ ଏବଂ ଅକ୍ଟୋବର ସୁଦ୍ଧା ସିଟ୍ ନେଇ ସହମତି ହୋଇ ଟିକେଟ୍ ବଣ୍ଟନ ପ୍ରକ୍ରିୟା ଆରମ୍ଭ କରାଯିବ।"କଂଗ୍ରେସ ପ୍ରଭାରୀ କହିଛନ୍ତି ଯେ ମେଣ୍ଟରେ ସିଟ୍ ବଣ୍ଟନ ସମ୍ମାନଜନକ ଆଧାରରେ ହେବା ଉଚିତ। ସେ କହିଛନ୍ତି, "ଟିକିଏ ବେଶି କିମ୍ବା କମ୍ ହୋଇପାରେ, କିନ୍ତୁ ଆମର ଲକ୍ଷ୍ୟ ସରକାର ଗଠନ କରିବା। ଆମେ ଅଖିଳେଶ ଯାଦବଙ୍କ ଚେହେରାକୁ ଆଗରେ ରଖି ଆଗକୁ ବଢୁଛୁ। କଂଗ୍ରେସ ବଡ଼ ହୃଦୟ ରଖେ, ଆଶା କରୁଛି ସେମାନେ ମଧ୍ୟ ବଡ଼ ହୃଦୟ ରଖିବେ।"୨୦୧୭ ବିଧାନସଭା ନିର୍ବାଚନ ଭଳି ସଂଖ୍ୟକ ସିଟ୍ ଦାବି ନେଇ ପ୍ରଶ୍ନ କରାଯିବାରୁ ସେ କହିଥିଲେ, "ସମ୍ମାନଜନକ ଶବ୍ଦରୁ ଆପଣ ଅନୁମାନ କରିପାରିବେ।" ତେବେ ସେ କେତେ ସିଟ୍ ଦାବି କରାଯିବ, ସେ ନେଇ କୌଣସି ସଂଖ୍ୟା ପ୍ରକାଶ କରିନାହାନ୍ତି।ରାଜେନ୍ଦ୍ର ପାଲ ଗୌତମ ଜାତି ଜନଗଣନାକୁ ଆଗାମୀ ଦିନର ଏକ ବଡ଼ ରାଜନୈତିକ ପ୍ରସଙ୍ଗ ବୋଲି କହିଛନ୍ତି। ସେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରି କହିଛନ୍ତି ଯେ ଜାତି ଜନଗଣନାର ଫର୍ମାଟ୍‌ରେ ଓବିସି ବର୍ଗ ପାଇଁ ଅଲଗା କଲମ୍ ଦିଆଯାଇନାହିଁ। ସେ କହିଛନ୍ତି, "ଜାତି ଜନଗଣନା ସାରା ଦେଶରେ ଏକ ବଡ଼ ପ୍ରସଙ୍ଗ ହେବାକୁ ଯାଉଛି। ମୋଦି ସରକାର ଏହା ଅନୁଭବ କରୁନାହାନ୍ତି। ଜାତି ଜନଗଣନାରେ ଓବିସି ପାଇଁ କଲମ୍ ଦିଆଯାଇନାହିଁ।"

# ବିହାରରେ ଛାତ୍ରଙ୍କ ସମର୍ଥନରେ ଆର୍‌ଜେଡିର ପ୍ରଦର୍ଶନ, ତେଜସ୍ୱୀ ଅଟକ

**ନୂଆଦିଲ୍ଲୀ,୧୯।୮(ଏଜେନ୍ସି):**ବିହାରର ସିୱାନରେ ଛାତ୍ର ଆନ୍ଦୋଳନ ସମୟରେ ଏକେ-୪୭ ରୁ ଗୁଳିଚାଳନା ପ୍ରସଙ୍ଗକୁ ନେଇ ତେଜସ୍ୱୀ ଯାଦବଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ବୁଧବାର ରାସ୍ତାକୁ ଓହ୍ଲାଇଛି। ଆର୍‌ଜେଡି ପାଟନାର ଜେପି ଗୋଲମ୍ବରରୁ ଲୋକଭବନ ପର୍ଯ୍ୟନ୍ତ ମାର୍ଚ୍ଚ କରିଥିଲେ। ଆର୍‌ଜେଡି କର୍ମୀଙ୍କୁ ରାସ୍ତାରୁ ହଟେଇବାକୁ ପୁଲିସ ଅନେକ ସ୍ଥାନରେ ବ୍ୟାରିକେଡ କରିଥିଲା। କିନ୍ତୁ ଆର୍‌ଜେଡି କର୍ମୀ ପୁଲିସ ବ୍ୟାରିକେଡ ଭାଙ୍ଗି ଆଗକୁ ବ?ିଥିଲେ। କେତେକ କର୍ମକର୍ତ୍ତା ରାସ୍ତା ଉପରେ ଶୋଇପଡିଥିଲେ। ପୁଲିସ ପ୍ରଦର୍ଶନକାରୀଙ୍କୁ ଘଉଡାଇବାକୁ ପାଣି ତୋପ ମାଡ କରିଥିଲା।ବିହାର ବିଧାନସଭାରେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ବ୍ୟାରିକେଡ ଭାଙ୍ଗି ଆଗକୁ ବଢିଥିଲେ। ଅପରାହ୍ଣରେ ପୁଲିସ ତେଜସ୍ୱୀ, ମିସା ଭାରତୀଙ୍କ ସମେତ ଅନେକ ଆର୍‌ଜେଡି କର୍ମୀଙ୍କୁ ଅଟକ ରଖିଛି। ପୁଲିସ ତେଜସ୍ୱୀଙ୍କୁ ସଚିବାଳୟ ପୁଲିସ ଷ୍ଟେସନକୁ ନେଇଯାଇଛି। ସିୱାନରେ ଛାତ୍ରଙ୍କ ପ୍ରତିବାଦ ସମୟରେ ଏକେ-୪୭ ରାଇଫଲ୍ ବ୍ୟବହାରକୁ ନେଇ ବିବାଦର ପୃଷ୍ଠଭୂମିରେ ଏହି ଶୋଭାଯାତ୍ରା କରାଯାଇଛି। ବିହାର ସରକାର ସୁପ୍ରିମକୋର୍ଟକୁ କହିଛନ୍ତି ଯେ, ଭିଡ଼ରେ ଫସିଯିବା ପରେ ଜଣେ ପୁଲିସ କନଷ୍ଟେବଲ ଏକ ଏକେ-୪୭ ରୁ ଆକାଶକୁ ଚାରି ରାଉଣ୍ଡ ଗୁଳି ଚଳାଇଥିଲେ।ସରକାର କହିଛନ୍ତି ଯେ, ଗୁଳିଚାଳନା ସମୟରେ



କୌଣସି ପ୍ରଦର୍ଶନକାରୀ ଆହତ ହୋଇନାହାନ୍ତି ଓ କନଷ୍ଟେବଲଙ୍କୁ ନିଲମ୍ବିତ କରାଯାଇଛି। ମାର୍ଚ୍ଚରେ ଅଂଶଗ୍ରହଣ କରିଥିବା ଆର୍‌ଜେଡି ସାଂସଦ ମୀସା ଭାରତୀ ସିୱାନରେ ଛାତ୍ର ପ୍ରତିବାଦ ସମୟରେ ଏକେ-୪୭ ବ୍ୟବହାର ହୋଇଥିବା ରିପୋର୍ଟ ଉପରେ ପ୍ରଶ୍ନ ଉଠାଇଥିଲେ। ସେ ଅଭିଯୋଗ କରିଥିଲେ ଯେ ବିହାର ସରକାର ଛାତ୍ରମାନଙ୍କ ଭବିଷ୍ୟତକୁ ହତ୍ୟା କରୁଛନ୍ତି।ପଦଯାତ୍ରାରେ ଯୋଗ ଦେଇଥିବା ଆର୍‌ଜେଡି ସାଂସଦ ମନୋଜ ଝା କହିଛନ୍ତି ଯେ, ସାରା ଦେଶରେ ବିଶେଷକରି ବିହାରରେ, ଛାତ୍ର ଓ ଯୁବକମାନେ ବାରମ୍ବାର ପ୍ରଶ୍ନପତ୍ର ଲିକ୍ ଓ ବେକାରୀକୁ ନେଇ କ୍ରୋଧିତ। ସେମାନେ ଭାଷଣବାଜି ନୁହେଁ, ସମାଧାନ ଚାହୁଁଛନ୍ତି। ଆର୍‌ଜେଡି ବିଧାୟକ ଆଲୋକ କୁମାର ମେହେଟା କହିଛନ୍ତି ଯେ, ତାଙ୍କ ଦଳ ଛାତ୍ର ଓ ଯୁବକମାନଙ୍କ ସହିତ ମିଶି ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିବାକୁ ଏହି ଯାତ୍ରା କରିଛନ୍ତି। ଏହା ପ୍ରଶ୍ନପତ୍ର ଲିକ୍‌କୁ ନେଇ ସେମାନଙ୍କର ଚିନ୍ତାକୁ ଉଜାଗର କରୁଛି।

## ଟିଭିକେ ସରକାରଙ୍କ ୟୁ-ଟର୍ଣ୍ଣ

# ସିଜେପି ଏବଂ ବାମପନ୍ଥୀ ପ୍ରଦର୍ଶନରୁ ଛାତ୍ର, ଯୁବବର୍ଗଙ୍କୁ ଦୂରେଇ ରଖିବା ଆଦେଶ ପ୍ରତ୍ୟାହାର କଲେ

**ନୂଆଦିଲ୍ଲୀ,୧୯।୮(ଏଜେନ୍ସି):**ତାମିଲନାଡୁରେ ଥାଲାପତି ବିଜୟଙ୍କ ସରକାର ଏକ ବଡ଼ ୟୁ-ଟର୍ଣ୍ଣ ନେଇଛନ୍ତି। ଟିଭିକେ ସରକାର ପୂର୍ବରୁ ଏକ ନିର୍ଦ୍ଦେଶ ଜାରି କରିଥିଲେ। ଏହା ଅନୁଯାୟୀ, ସ୍କୁଲ ଏବଂ କଲେଜ ଛାତ୍ରମାନେ କୌଣସି ମୂଲ୍ୟରେ କୋକ୍ରେଟ୍ ଜନତା ପାର୍ଟି(ସିଜେପି) ଏବଂ ବାମପନ୍ଥୀଙ୍କ ପ୍ରତିବାଦରେ ଅଂଶଗ୍ରହଣ କରିପାରିବେ ନାହିଁ। କିନ୍ତୁ ବର୍ତ୍ତମାନ ସେହି ନିର୍ଦ୍ଦେଶ ପ୍ରତ୍ୟାହାର କରାଯାଇଛି। ପୂର୍ବରୁ, କଲେଜିଏଟ୍ ଶିକ୍ଷା ବିଭାଗ ଦ୍ୱାରା ଜାରି ଏକ ସରକାରୀ ଚିଠିରେ, ଅଧିକାରୀମାନଙ୍କୁ ଏହି ପ୍ରତିବାଦରେ ଛାତ୍ର ଏବଂ ଯୁବବର୍ଗମାନଙ୍କର ଅଂଶଗ୍ରହଣକୁ ରୋକିବା ପାଇଁ ସମନ୍ୱିତ ପଦକ୍ଷେପ ନେବାକୁ କୁହାଯାଇଥିଲା। ଅଗଷ୍ଟ ୧୭ ତାରିଖରେ କଲେଜିଏଟ୍ ଶିକ୍ଷା କମିସନର ସରକାରୀ କଳା ଏବଂ ବିଜ୍ଞାନ କଲେଜର ଅଧକ୍ଷମାନଙ୍କୁ ଏକ ଚିଠି ପଠାଇ ସ୍କୁଲ ଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ପୁଲିସ ଏବଂ ଜିଲ୍ଲା ପ୍ରଶାସନ ସହିତ ସମନ୍ୱୟ ରଖି କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଚିଠିରେ ଉଲ୍ଲେଖ କରାଯାଇଥିଲା ଯେ ବାମପନ୍ଥୀ ଦଳ ଏବଂ ସିଜେପି ଦ୍ୱାରା ଆୟୋଜିତ ଏପରି ପ୍ରତିବାଦରେ ଛାତ୍ର ଏବଂ ଯୁବବର୍ଗମାନେ ଯେପରି ଅଂଶଗ୍ରହଣ ନ କରନ୍ତି ତାହା ନିଶ୍ଚିତ କରିବା ଉଚିତ୍। ନିର୍ଦ୍ଦେଶରେ ଅଗଷ୍ଟ ୧୪ ତାରିଖରେ ଜାରି ହୋଇଥିବା ଏକ ସରକାରୀ ଚିଠିର ମଧ୍ୟ ଉଲ୍ଲେଖ କରାଯାଇଥିଲା, ଯେଉଁଥିରେ ଏହି ପ୍ରସଙ୍ଗରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଏବଂ ମିଳିତ କାର୍ଯ୍ୟାନୁଷ୍ଠାନ ପାଇଁ କୁହାଯାଇଥିଲା।



## ଭାରତୀୟ ସୈନିକମାନଙ୍କୁ ସମ୍ମାନିତ କରିବା ପାଇଁ କେଡିଏମ୍ ର 'ଭାରତ କା ଚାର୍ଜର' ୧ ଲକ୍ଷରୁ ଅଧିକ ଡିଲରଙ୍କୁ ନିୟୋଜିତ କରିଛି

**ଭୁବନେଶ୍ୱର, ୧୯।୮ (ନି.ପ୍ର) :** ଭାରତର ଅଗ୍ରଣୀ ଜୀବନଶୈଳୀ ଏବଂ ମୋବାଇଲ୍ ଆସେସୋରିଜ୍ ବ୍ରାଣ୍ଡ କେଡିଏମ୍ ଏହାର ୮୦ତମ ସ୍ୱାଧୀନତା ଦିବସ ଅବସରରେ ଚାଲିଥିବା 'ଭାରତ କା ଚାର୍ଜର' ପଦକ୍ଷେପ ଅଧୀନରେ ଦେଶବ୍ୟାପୀ ପ୍ରତିଶ୍ରୁତିବଦ୍ଧତା ଘୋଷଣା କରିଛି। ଦେଶର ସଶସ୍ତ୍ର ବାହିନୀକୁ ସମ୍ମାନିତ କରିବା ଏବଂ ସଶସ୍ତ୍ର ବାହିନୀ ପରିବାରର ପିଲାମାନଙ୍କର ଶିକ୍ଷାକୁ ସମର୍ଥନ କରିବା ପାଇଁ ଉତ୍ସର୍ଗୀକୃତ ଏକ ଉଦ୍ଦେଶ୍ୟ ଆଧାରିତ ଅଭିଯାନର ଶୁଭାରମ୍ଭ କରାଯାଇଛି।

ସାରା ଦେଶରେ ୧ ଲକ୍ଷରୁ ଅଧିକ ଡିଲରଙ୍କ ସହିତ, କେଡିଏମ୍ ଇଣ୍ଡିଆ ଏହାର ବ୍ୟବସାୟ ନେଟୱାର୍କକୁ ସାମାଜିକ ପ୍ରଭାବ ପାଇଁ ଏକ ଶକ୍ତିରେ ପରିଣତ କରୁଛି । ଏହି ପଦକ୍ଷେପ ଅନୁଯାୟୀ, ବିକ୍ରୟ ହୋଇଥିବା ପ୍ରତ୍ୟେକ ଚାର୍ଜରରୁ ଆୟର ଏକ ଅଂଶ ସଶସ୍ତ୍ର ବାହିନୀ ପରିବାରର ପିଲାମାନଙ୍କର




ଶିକ୍ଷାକୁ ସମର୍ଥନ କରିବ, ଦୈନନ୍ଦିନ କ୍ରୟକୁ ଏକ ବୃହତ ଜାତୀୟ ଉଦ୍ଦେଶ୍ୟ ସହିତ ଯୋଡିବ । 'ଭାରତ କା ଚାର୍ଜର' ପଦକ୍ଷେପ ଆଗ ଧାଡିରେ ଠିଆ ହୋଇଥିବା ସୈନିକମାନଙ୍କୁ ସମ୍ମାନିତ କରିଥାଏ, ଯେଉଁମାନେ ସ୍ୱାଧୀନତାର ସୁରକ୍ଷା କରନ୍ତି ଯାହା ପ୍ରତ୍ୟେକ ଭାରତୀୟଙ୍କୁ ସ୍ୱପ୍ନ ଦେଖିବା, ନିର୍ମାଣ କରିବା ଏବଂ ଆଗକୁ ବଢ଼ିବାରେ ସକ୍ଷମ କରିଥାଏ । ଏହି ପଦକ୍ଷେପ ମାଧ୍ୟମରେ, କେଡିଏମ୍ ଇଣ୍ଡିଆ ସଶସ୍ତ୍ର ବାହିନୀ ପରିବାରର ପିଲାମାନଙ୍କର ଶିକ୍ଷାକୁ ସମର୍ଥନ କରି କୃତଜ୍ଞତାକୁ ଅର୍ଥପୂର୍ଣ୍ଣ କାର୍ଯ୍ୟରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛି । କେଡିଏମ୍ ର ପ୍ରତିଷ୍ଠାତା ଏନ୍ ଡି ମାଲି କହିଛନ୍ତି, 'ଆମର ସୈନିକମାନେ ସ୍ୱାଧୀନତା ରକ୍ଷା କରନ୍ତି ଯାହା ପ୍ରତ୍ୟେକ ଭାରତୀୟଙ୍କୁ ସ୍ୱପ୍ନ ଦେଖିବା, ନିର୍ମାଣ କରିବା ଏବଂ ପ୍ରଗତି କରିବାର ସୁଯୋଗ ଦେଇଥାଏ। ସାରା ଦେଶରେ ଏକ ଲକ୍ଷରୁ ଅଧିକ ଡିଲରଙ୍କ ସହିତ, କେଡିଏମ୍ ଇଣ୍ଡିଆ ଏହାର ବ୍ୟବସାୟ ନେଟୱାର୍କକୁ ଆହୁରି ଅଧିକ ସୁଦୃଢ଼ କରିବାରେ ସକ୍ଷମ ହୋଇଛି । ଭାରତ କା ଚାର୍ଜର ମାଧ୍ୟମରେ, ବିକ୍ରି ହେଉଥିବା ପ୍ରତ୍ୟେକ ଚାର୍ଜର ଭାରତକୁ ସୁରକ୍ଷା ଦେଉଥିବା ଲୋକଙ୍କ ପ୍ରତି କୃତଜ୍ଞତାର ଏକ ଛୋଟ ସଙ୍କେତ ଏବଂ ସେମାନଙ୍କ ପିଲାମାନଙ୍କ ପାଇଁ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ଏକ ଅବଦାନ ପାଳିଛି ।

## ୧୯୮୧-୨୦୧୦ ତୁଳନାରେ ୨୦୧୧-୨୦୨୪ ମଧ୍ୟରେ ଓଡ଼ିଶାର ହାରାହାରି ମୌସୁମୀ ବର୍ଷାରେ ୧୧% ଅଭିବୃଦ୍ଧି ଘଟିଛି

**ଭୁବନେଶ୍ୱର, ୧୯।୮ (ନି.ପ୍ର):** ନୂଆଦିଲ୍ଲୀସ୍ଥିତ ଭାରତୀୟ ସଂସ୍ଥା ତଥା ବିଶ୍ୱର ଅଗ୍ରଣୀ ଜଳବାୟୁ ଚିନ୍ତନ ପ୍ରତିଷ୍ଠାନଗୁଡ଼ିକ ମଧ୍ୟରୁ ଅନ୍ୟତମ କାଉନସିଲ୍ ଅନ୍ ଏନର୍ଜି, ଏନଭାଇରନମେଂ ଆଣ୍ଡ ୱାଟର (ସିଇଇଡବ୍ଲୁ) ପକ୍ଷରୁ ଆଜି ଭୁବନେଶ୍ୱରରେ 'ଏଆଇ-ଚାଳିତ ଜଳବାୟୁ ନିଷ୍ପତି ଓ କାର୍ଯ୍ୟପଦକ୍ଷେପ ମାଧ୍ୟମରେ ଜଳବାୟୁ ସହନଶୀଳତା ସୁଦୃଢ଼ କରିବା' ଶୀର୍ଷକ ଏକ ଜ୍ଞାନ ଆଦାନପ୍ରଦାନ ଗୋଲଟେବୁଲ୍ ବୈଠକ ଆୟୋଜିତ ହୋଇଯାଇଛି। ସିଇଇଡବ୍ଲୁର ଗବେଷକମାନେ କହିଛନ୍ତି ଯେ, ଭାରତର ୨୦୨୬ ମୌସୁମୀ ଋତୁ ଦୁଇଟି ବିପରୀତ ବାସ୍ତବତାକୁ ପ୍ରତିଫଳିତ କରୁଛି। ଗୋଟିଏ ପଟେ କେତେକ ରାଜ୍ୟ ବିନାଶକାରୀ ବନ୍ୟାର ସମ୍ମୁଖୀନ ହେଉଥିବାବେଳେ, ଅନ୍ୟପଟେ କେତେକ ରାଜ୍ୟରେ ଗୁରୁତର ବର୍ଷା ଅଭାବ ଦେଖାଦେଇଛି। ଫଳରେ ଦେଶର ଅର୍ଦ୍ଧାଧିକ ଜିଲ୍ଲାରେ ବର୍ଷାର ଅଭାବ ରହିଛି। ସିଇଇଡବ୍ଲୁର ଗବେଷକମାନେ ଏହି ଅବସରରେ ଜଳବାୟୁ ସ୍ଥିରତା ବିଶ୍ଳେଷଣ ଏବଂ ଭିଜୁଆଲାଇଜେସନ୍ ଇଂଟେଲିଜେନ୍ସ



ସିଷ୍ଟମ୍ (କ୍ରାଭିସ) ପ୍ରଦର୍ଶନ କରିଥିଲେ। ସିଇଇଡବ୍ଲୁ ଦ୍ୱାରା ବିକଶିତ ଏହି ପ୍ରଥମ ଧରଣର ଏଆଇ-ଭିତିକ ଜଳବାୟୁ ଇଂଟେଲିଜେନ୍ସ ପ୍ଲାଟଫର୍ମ ୪୦ରୁ ଅଧିକ ବର୍ଷର ଐତିହାସିକ ଜଳବାୟୁ ତଥ୍ୟ ସହ ୨୦୩୦-୨୦୫୦ ଏବଂ ୨୦୫୧-୨୦୭୦ ପର୍ଯ୍ୟନ୍ତର ଆକଳନକୁ ଏକତ୍ର କରିଛି। ବିଭିନ୍ନ ନିର୍ଗମନ ଓ ବିଶ୍ୱ ଉଷ୍ମାୟନ ପରିସ୍ଥିତି ଅନୁଯାୟୀ ୨୭୯ଟି ସୂଚକ ମାଧ୍ୟମରେ ଜିଲ୍ଲାସ୍ତରୀୟ ବିଶ୍ଳେଷଣ କରିବାର ସୁବିଧା ଏଥିରେ ରହିଛି। ଓଡ଼ିଶାରେ ହାରାହାରି ମୌସୁମୀ ବର୍ଷାର ପରିମାଣ ବୃଦ୍ଧି ପାଇଛି। ୧୯୮୧-୨୦୧୦ ମଧ୍ୟରେ ରାଜ୍ୟର ହାରାହାରି ମୌସୁମୀ ବର୍ଷା ୧,୦୫୨ ମିମି ଥିବାବେଳେ ୨୦୧୧-୨୦୨୪ ମଧ୍ୟରେ ଏହା ବୃଦ୍ଧି ପାଇ ୧,୧୫୯ ମିମିରେ ପହଂଚିଛି। ଆକଳନ ଅନୁଯାୟୀ, ୨୦୩୧-୨୦୫୦ ମଧ୍ୟରେ ଏହା ମଧ୍ୟମ ଭାବେ ବୃଦ୍ଧି ପାଇ ୧,୨୧୧ ମିମି ଏବଂ ୨୦୫୧-୨୦୭୦ ମଧ୍ୟରେ ୧,୩୦୯ ମିମିରେ ପହଂଚିପାରେ। ତେବେ ପରିବର୍ତିତ ଜଳବାୟୁ ପରିସ୍ଥିତି ଯୋଗୁ ଓଡ଼ିଶାର ମୌସୁମୀ ବର୍ଷାର ସାମଗ୍ରିକ ଧାରାରେ ବ୍ୟାଘାତ ଦେଖାଦେଇପାରେ। କେତେକ ଜିଲ୍ଲାରେ ମୌସୁମୀ ବର୍ଷା ଅନିୟମିତ ହୋଇପାରେ, ଅନ୍ୟ କେତେକ ଜିଲ୍ଲାରେ ତୁଳନାତ୍ମକ ଭାବେ ଅଧିକ ବର୍ଷା ଜାରି ରହିପାରେ। ଆଉ କେତେକ ଅଂଚଳରେ ଜଳବାୟୁର ମୂଳ ଅବସ୍ଥା (କ୍ଲାଇମେଟ୍ ବେସ୍ଲାଇନ୍) ତୁଳନାରେ ବର୍ଷା ପରିମାଣରେ ଅପେକ୍ଷାକୃତ ସ୍ଥିର ରହିପାରେ। ଏହି ପ୍ଲାଟଫର୍ମରେ ଜଳବାୟୁ ତଥ୍ୟକୁ ବିଦ୍ୟୁତ ଭିତିଭୂମି, କୃଷି, ଭୂମି ବ୍ୟବହାର, ସାର୍ବଜନୀନ ସ୍ୱାସ୍ଥ୍ୟ ଓ ଜନସଂଖ୍ୟା ଭଳି ବିଭିନ୍ନ କ୍ଷେତ୍ରର ତଥ୍ୟ ସହ ଯୋଡ଼ି ସମନ୍ୱିତ ବିପଦ ବିଶ୍ଳେଷଣ କରାଯାଇପାରିବ। କ୍ରାଭିସକୁ ଏକ ସହଯୋଗୀ ଡାଟା କମନ୍ସ ଭାବେ ବିକଶିତ କରାଯାଇଛି, ଯେଉଁଥିରେ ସଂଗଠନ ଓ ଅଂଶୀଦାରମାନେ ନିଜସ୍ୱ ତଥ୍ୟ ଓ ବିଶ୍ଳେଷଣ ଯୋଡ଼ି ଏହାର ତଥ୍ୟଭଣ୍ଡାରକୁ ଆହୁରି ବ୍ୟାପକ ଓ ସୁଦୃଢ଼ କରିପାରିବେ। ଓଡ଼ିଶା ଭାରତର ଅନ୍ୟତମ ଘୂର୍ଣ୍ଣିଝଡ଼ ଓ ବନ୍ୟାପ୍ରବଣ ରାଜ୍ୟ। ଦୀର୍ଘ ସମୁଦ୍ରତଟ ଏବଂ ମୌସୁମୀ ବର୍ଷା ଉପରେ ଅଧିକ ନିର୍ଭରଶୀଳତା ଯୋଗୁଁ ରାଜ୍ୟ ଭାରୀ ବର୍ଷା, ଅତ୍ୟଧିକ ଉତାପ-ଆର୍ଦ୍ରତା ଓ ଦୀର୍ଘସ୍ଥାୟୀ ଶୁଷ୍କ ପରିସ୍ଥିତି ପ୍ରତି ବିଶେଷ ଭାବେ ସମ୍ବେଦନଶୀଳ। କ୍ରାଭିସ.ଏଆଇ ଅନୁଯାୟୀ, ଆଗାମୀ ଦଶନ୍ଧିଗୁଡ଼ିକରେ ଏହି ଜଳବାୟୁ ବିପଦ ଆହୁରି ତୀବ୍ର ହେବାର ଆଶଙ୍କା ରହିଛି। ବିଶେଷକରି ବିଭିନ୍ନ ଜିଲ୍ଲାରେ ବର୍ଷାର ତାରତମ୍ୟ ଏବଂ ଉତାପର ପ୍ରଭାବ ବଢ଼ିପାରେ। ୨୦୧୧-୨୦୨୪ ସମୟରେ ଓଡ଼ିଶାର ପ୍ରାୟ ୫୩% ଜିଲ୍ଲାରେ ୧,୦୨୫-୧,୧୭୫ ମିଲିମିଟର ମୌସୁମୀ ବର୍ଷା ହୋଇଥିବାବେଳେ ୨୬% ଜିଲ୍ଲାରେ ୧,୧୭୫ ମିଲିମିଟରରୁ ଅଧିକ ବର୍ଷା ହୋଇଛି। ୨୦୫୧-୨୦୭୦ ମଧ୍ୟରେ ବର୍ଷା ଆହୁରି ଅସ୍ଥିର ହେବାର ଆକଳନ କରାଯାଇଛି। ଏହି ସମୟରେ ୨୭% ଜିଲ୍ଲାରେ ୮୪୬-୧,୦୨୫ ମିଲିମିଟର ଏବଂ ୩୦% ଜିଲ୍ଲାରେ ୧,୧୭୫ ମିଲିମିଟରରୁ ଅଧିକ ବର୍ଷା ହୋଇପାରେ। ସାମଗ୍ରିକ ଭାବେ, ୧୯୮୧-୨୦୧୦ର ଜଳବାୟୁ ଆଧାରରେଖା ତୁଳନାରେ ୨୦୧୧-୨୦୨୪ ମଧ୍ୟରେ ଓଡ଼ିଶାର ହାରାହାରି ମୌସୁମୀ ବର୍ଷା ପ୍ରାୟ ୧୧% ବଢ଼ିଛି।

## ସର୍ବବୃହତ ସେମିକଣ୍ଡକ୍ଟର କାର୍ଯ୍ୟକ୍ରମ ନୂଆଦିଲ୍ଲୀର ଯଶୋଭୂମିରେ ୧୭ରୁ ୧୯ ସେପ୍ଟେମ୍ବର ପର୍ଯ୍ୟନ୍ତ ଆୟୋଜିତ ହେବ

**ଭୁବନେଶ୍ୱର, ୧୯।୮ (ନି.ପ୍ର) :** ଭାରତର ସେମିକଣ୍ଡକ୍ଟର କ୍ଷେତ୍ର ଅଗ୍ରଗତିରେ ଆଉ ଏକ ମାଇଲଖୁଂଟ ସୃଷ୍ଟି କରିବାକୁ ଯାଉଛି ସେମିକନ୍ ଇଣ୍ଡିଆ ୨୦୨୬। ଏହି କାର୍ଯ୍ୟକ୍ରମର ପଂଚମ ସଂସ୍କରଣକୁ ଆସନ୍ତା ୧୭ ସେପ୍ଟେମ୍ବର ନୂଆଦିଲ୍ଲୀର ଯଶୋଭୂମି (ଇଣ୍ଡିଆ ଇଂଟରନ୍ୟାସନାଲ କନଭେନ୍ସନ୍ ଆଣ୍ଡ ଏକ୍ସପୋ ସେଂଟର)ରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିବେ। ୧୭ରୁ ୧୯ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ତିନିଦିନିଆ ଆୟୋଜନରେ ବିଶ୍ୱ ସେମିକଣ୍ଡକ୍ଟର ଇକୋସିଷ୍ଟମ୍‌ର ପ୍ରମୁଖ ଅଂଶୀଦାର, ସରକାରୀ ଓ ଶିଳ୍ପ ଜଗତର ନେତୃତ୍ୱ, ବିଶେଷଜ୍ଞ, ଶିକ୍ଷାବିତ୍, ସରକାରୀ ଅଧିକାରୀ ଓ ଛାତ୍ରଛାତ୍ରୀ ଏକତ୍ରିତ ହେବେ। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ସଚିବ ଶ୍ରୀ ଏସ୍. କ୍ରିଷ୍ଣନ୍ କହିଛନ୍ତି, ସେମିକଣ୍ଡକ୍ଟର କ୍ଷେତ୍ରର ଗୁରୁତ୍ୱକୁ ଭାରତ ସରକାର ନିଜର ପ୍ରଗତିଶୀଳ ନୀତି ଓ ନିରନ୍ତର ସମର୍ଥନ ମାଧ୍ୟମରେ ସ୍ପଷ୍ଟ କରିଛନ୍ତି। ପ୍ରତିବର୍ଷ ସେମିକନ୍ ଇଣ୍ଡିଆ ସମ୍ମିଳନୀ ଓ ପ୍ରଦର୍ଶନୀ ପ୍ରତି ଶିଳ୍ପ ଜଗତର ଅଂଶଗ୍ରହଣ ବଢ଼ିଚାଲିଛି। ଚଳିତବର୍ଷ ଏହା ଦୁଇଟି କାରଣରୁ ବିଶେଷ ଗୁରୁତ୍ୱ ବହନ କରୁଛି। ପ୍ରଥମତଃ, ସେମିକନ୍ ଇଣ୍ଡିଆ ପ୍ରୋଗ୍ରାମ୍‌ର ଭୂମିସ୍ତରୀୟ ସଫଳତାର ପୃଷ୍ଠଭୂମିରେ ଏହା ଆୟୋଜିତ ହେଉଛି। ସେମିକନ୍ ୧.୦ ଅଧୀନରେ ଅନୁମୋଦିତ ୧୨ଟି ସେମିକଣ୍ଡକ୍ଟର ପ୍ରକଳ୍ପ ମଧ୍ୟରୁ ୩ଟିରେ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ ହୋଇଛି। ଦ୍ୱିତୀୟତଃ, ଏହାର ପରବର୍ତୀ ପର୍ଯ୍ୟାୟ ସେମିକନ୍ ୨.୦ ଘୋଷଣା ହୋଇଛି, ଯାହା ୬ଟି ପ୍ରମୁଖ ସ୍ତମ୍ଭ ଉପରେ ଆଧାରିତ ଏବଂ ଭାରତରେ ଏକ ସୁଦୃଢ଼ ଓ ସ୍ଥିର ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ଗଠନ ପ୍ରତି ଦେଶର ପ୍ରତିବଦ୍ଧତାକୁ ଆହୁରି ମଜବୁତ କରିବ। ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ୍ ଅଧୀନରେ ସେମିକନ୍ ଇଣ୍ଡିଆ ପ୍ରୋଗ୍ରାମ୍ ଜରିଆରେ ଦେଶର ସେମିକଣ୍ଡକ୍ଟର କ୍ଷେତ୍ର ଦ୍ରୁତ ଗତିରେ ଆଗକୁ ବଢୁଛି। ସେମିକନ୍ ୧.୦ ଅଧୀନରେ ଦେଶରେ ଏକ ସକ୍ରିୟ ସେମିକଣ୍ଡକ୍ଟର ଉତ୍ପାଦନ ଇକୋସିଷ୍ଟମ୍ ଗଠନ ଲକ୍ଷ୍ୟରେ ୧୨ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏହାସହ ଭାରତରେ ଏକ ସୁଦୃଢ଼ ଓ ସ୍ଥିର



ସେମିକଣ୍ଡକ୍ଟର ଇକୋସିଷ୍ଟମ୍‌ର ବିକାଶକୁ ତ୍ୱରାନ୍ୱିତ କରିବା ଲାଗି କେନ୍ଦ୍ର କ୍ୟାବିନେଟ୍ ପରବର୍ତୀ ପର୍ଯ୍ୟାୟ ସେମିକନ୍ ୨.୦କୁ ମଧ୍ୟ ଅନୁମୋଦନ କରିଛି। ସେମିକଣ୍ଡକ୍ଟରକୁ ଏକ ମୌଳିକ ଶିଳ୍ପ ଭାବେ ବିବେଚନା କରି ସରକାର ଗବେଷଣା, ନବସୃଜନ ଓ ଡିଜାଇନ୍‌କୁ ମଧ୍ୟ ପ୍ରୋତ୍ସାହନ ଦେଉଛନ୍ତି। ଏହାର ଅଂଶ ଭାବେ ୩୩୨ରୁ ଅଧିକ ଶିକ୍ଷାନୁଷ୍ଠାନ ଏବଂ ୧୦୫ଟି ଷ୍ଟାର୍ଟଅପ୍‌କୁ ଅତ୍ୟାଧୁନିକ ଡିଜାଇନ୍ ଟୁଲ୍ ଯୋଗାଇ ଦିଆଯାଉଛି। ସେହିପରି ଡିଜାଇନ୍ ଲିଙ୍କ୍‌ଡ ଇନ୍‌ସେଣ୍ଟିଭ୍ ଯୋଜନା ଅଧୀନରେ ୨୪ଟି ଷ୍ଟାର୍ଟଅପ୍‌କୁ ଅନୁମୋଦନ ମିଳିଛି। ଏହା ଭାରତୀୟ ନବସୃଜନକାରୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ କ୍ଷେତ୍ରରେ କାମ କରିବାର ସୁଯୋଗ ଦେଉଛି। ଏହି ପଦକ୍ଷେପଗୁଡ଼ିକ ଆତ୍ମନିର୍ଭର ଭାରତ ଦୃଷ୍ଟିକୋଣ ସହ ସମନ୍ୱିତ ଏକ ସୁଦୃଢ଼ ଓ ସମଗ୍ର ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ଗଠନରେ ସହାୟକ ହେଉଛି। ସେମିକନ୍ ଇଣ୍ଡିଆ ୨୦୨୬ର କାର୍ଯ୍ୟକ୍ରମ ସମ୍ପର୍କରେ ନୂଆଦିଲ୍ଲୀରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ, ମାଇଟ ଏବଂ ସେମିକଣ୍ଡକ୍ଟର ଶିଳ୍ପର ବିଶ୍ୱସ୍ତରୀୟ ସଂଗଠନ ସେମି ପକ୍ଷରୁ ସୂଚନା ଦିଆଯାଇଛି। ସେମି ଇଣ୍ଡିଆ ଓ ଆଇଇଏସଏର ସଭାପତି ଶ୍ରୀ ଅଶୋକ ଚାଣ୍ଡକ୍ କହିଛନ୍ତି, 'ସିଲିକନ୍ ଟୁ ସିଷ୍ଟମ୍ସ-ବିଲ୍ଡିଂ ଦି ଇକୋସିଷ୍ଟମ୍' ବିଷୟବସ୍ତୁ ଭାରତର ଏକ ସମ୍ପୂର୍ଣ୍ଣ ଓ ବିଶ୍ୱସ୍ତରରେ ପ୍ରତିଯୋଗିତାମୂଳକ ସେମିକଣ୍ଡକ୍ଟର ଭାଲ୍ୟୁ ଚେନ୍ ଗଠନ ଦିଗରେ ଅଗ୍ରସରତାକୁ ପ୍ରତିଫଳିତ କରୁଛି। ଚଳିତବର୍ଷର ଆୟୋଜନ ପ୍ରତି ଦେଶ ଓ ବିଦେଶର ବୃହତ୍ କର୍ପୋରେଟ୍‌ଗୁଡ଼ିକର ଆଗ୍ରହ ଭାରତର ସେମିକଣ୍ଡକ୍ଟର ଯାତ୍ରା ଉପରେ ଶିଳ୍ପ ନେତୃତ୍ୱର ବଢୁଥିବା ବିଶ୍ୱାସର ପ୍ରମାଣ ବୋଲି ସେ କହିଛନ୍ତି। ତିନିଦିନିଆ ସେମିକନ୍ ଇଣ୍ଡିଆ ୨୦୨୬ରେ କି-ନୋଟ୍ ଅଧିବେଶନ, ପ୍ୟାନେଲ୍ ଆଲୋଚନା, ଫାୟାରସାଇଡ୍ ଚାଟ୍, ଅନ୍ତର୍ଜାତୀୟ ଦେଶସ୍ତରୀୟ ରାଉଣ୍ଡଟେବୁଲ୍ ସମେତ ବିଭିନ୍ନ କାର୍ଯ୍ୟକ୍ରମ ରହିବ। ଏହା ସେମିକଣ୍ଡକ୍ଟର ନବସୃଜନ ଓ ଶିଳ୍ପ ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ସହ ବିଭିନ୍ନ ଅଂଶୀଦାରଙ୍କ ମଧ୍ୟରେ ଆଲୋଚନା, ସହଯୋଗ ଓ ଭାଗିଦାରି ପାଇଁ ଏକ ମୁଖ୍ୟ ମଂଚ ଭାବେ କାର୍ଯ୍ୟ କରିବ।

## କଗ୍ନିଜାଂଟ ପକ୍ଷରୁ ଟାଲେଂଟ ଆକ୍ସିଲରେଟର ପ୍ରୋଗ୍ରାମର ଶୁଭାରମ୍ଭ

**ଭୁବନେଶ୍ୱର, ୧୯।୮ (ନି.ପ୍ର) :** ଅଗ୍ରଣୀ ଏଆଇ ନିର୍ମାତା ଓ ଟେକ୍ନୋଲୋଜି ସେବା ପ୍ରଦାନକାରୀ ସଂସ୍ଥା କଗ୍ନିଜାଂଟ ପକ୍ଷରୁ ୪୮୯ ଜଣ ନବନିଯୁକ୍ତ ଗ୍ରାଜୁଏଟଙ୍କ ସହ ଏହାର ଟାଲେଂଟ ଆକ୍ସିଲରେଟର ପ୍ରୋଗ୍ରାମର ଶୁଭାରମ୍ଭ କରାଯାଇଛି । ଏହି ଗ୍ରାଜୁଏଟମାନଙ୍କୁ ଭାରତର ୩୭ଟି ସହରରେ ଆଇଆଇଏମ ବେଙ୍ଗାଲୁରୁ, ଆଇଆଇଏମ କୋଝିକୋଡ, ଆଇଆଇଏମ ଲକ୍ଷ୍ନୌ, ହାଇଦ୍ରାବାଦର ଆଇଏସବି, ମୁମ୍ବାଇର ଏସପିଜେଆଇଏମଆର, ୟୁନିଭର୍ସିଟି ଅଫ୍ ଦିଲ୍ଲୀର ଏଫଏମଏସ, ଜାମସେଦପୁରର ଏକ୍ସଏଲଆରଆଇ-ଜାଭିର ସ୍କୁଲ ଅଫ୍ ମ୍ୟାନେଜମେଂଟ ଭଳି ପ୍ରମୁଖ ଶିକ୍ଷାନୁଷ୍ଠାନ ସମେତ ୫୮ଟି ବିଜନେସ୍ ସ୍କୁଲରୁ ନିଯୁକ୍ତ କରାଯାଇଛି। ଦୁଇ ସପ୍ତାହର ଏକ ଅନବୋର୍ଡିଂ କାର୍ଯ୍ୟକ୍ରମକୁ କଗ୍ନିଜାଂଟର ଚେନ୍ନାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ ଓ ପୁନେସ୍ଥିତ କାର୍ଯ୍ୟାଳୟରେ ଏକାସେଙ୍ଗ ଆୟୋଜନ କରାଯାଇଥିଲା ଯାହାକୁ ନବନିଯୁକ୍ତି ଗ୍ରାଜୁଏଟଙ୍କୁ କମ୍ପାନୀ ଓ ଏହାର ମୂଲ୍ୟବୋଧ ସମ୍ପର୍କରେ ଜାଣିବାରେ ସାହାଯ୍ୟ କରିବା ପାଇଁ ପରିକଳ୍ପନା କରାଯାଇଥିଲା। ଏଥିରେ ଫଙ୍କଶନାଲ, ସେଲ୍ସ ଓ ମାର୍କେଟିଂ ଟ୍ରେନିଂ ସହିତ କଗ୍ନିଜାଂଟର ବିଜନେସ୍ ଓ ଲିଡରସିପ ଟିମ୍‌ଗୁଡିକ ସହ ପ୍ରତ୍ୟକ୍ଷ ଆଲୋଚନା ଅଂର୍ଭୁକ୍ତ ଥିଲା।

ଏସମ୍ପର୍କରେ କମ୍ପାନୀର ଗ୍ଲୋବାଲ ଅପରେଶନ୍ସର ଅଧକ୍ଷ ଏବଂ କଗ୍ନିଜାଂଟ ଇଣ୍ଡିଆର ଅଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ରାଜେଶ ଭାରିଅର କହିଛନ୍ତି, 'ଜଣେ ଏଆଇ ନିର୍ମାତା ଭାବେ କଗ୍ନିଜାଂଟ ବିଶ୍ୱାସ କରେ ଯେ, ଗ୍ରାହକ ଓ ସହଯୋଗୀଙ୍କ ପାଇଁ ମୂଲ୍ୟ ସୃଷ୍ଟି କରିବା ପାଇଁ ଜ୍ଞାନର ବିବିଧତା ଜରୁରୀ ହୋଇଥାଏ। ପ୍ରଥମ ଦିନରୁ ଦେଶବ୍ୟାପୀ ଆନ୍ତଃବିଭାଗୀୟ ପ୍ରତିଭାମାନଙ୍କୁ ଏକାଠି କରି ଟାଲେଂଟ ଆକ୍ସିଲରେଟର ପ୍ରୋଗ୍ରାମ ସହଭାଗିତାର ଏକ ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି ଏବଂ ନୂଆ ସହଯୋଗୀମାନଙ୍କୁ ଏଆଇ କ୍ଷମତା ଓ ବାସ୍ତବ ଦୁନିଆର ବ୍ୟବସାୟିକ ଫଳାଫଳ ମଧ୍ୟରେ ଅନ୍ତର ଦୂର କରିବା ପାଇଁ ସୁବ୍ୟବସ୍ଥିତ କରିବାକୁ ଲକ୍ଷ୍ୟ ରଖିଛି।' କଗ୍ନିଜାଂଟ ବର୍ତମାନର ଏଆଇ ଯୁଗ ଆବଶ୍ୟକ କରୁଥିବା ଆଂଃବିଭାଗୀୟ ଦକ୍ଷତା ନିର୍ମାଣ ପାଇଁ ନନ୍-ଷ୍ଟେମ୍ (ସାଇନ୍ସ, ଟେକ୍ନୋଲୋଜି, ଇନିୟରିଂ ଓ ମ୍ୟାଥମାଟିକ୍ସ) ପ୍ରତିଭାମାନଙ୍କ ନିଯୁକ୍ତି ବୃଦ୍ଧି କରିଛି। ନୂଆ କରି ନିଯୁକ୍ତ ହୋଇଥିବା ବି-ସ୍କୁଲ ଗ୍ରାଜୁଏଟମାନେ କମ୍ପାନୀର ଏହି ଆଭିମୁଖ୍ୟକୁ ପ୍ରତିଫଳନ କରୁଛନ୍ତି। ଏହାର ୩୭%ରୁ ଅଧିକ ଟିମ୍ ନନ୍-ଷ୍ଟେମ୍ ପୃଷ୍ଠଭୂମିରୁ ଆସିଛନ୍ତି ଯାହା ସୋସିଓଲୋଜି, ସାଇକୋଲୋଜି ଭଳି ଲିବେରାଲ ଆର୍ଟସ କ୍ଷେତ୍ର, ଅଫିସ ମ୍ୟାନେଜମେଂଟ ଓ ସେକ୍ରେଟାରିଆଲ ପ୍ରାକ୍ଟିସ ଭଳି ଭୋକେସ୍‌ନାଲ ଫିଲ୍ଡ ଏବଂ ଇଣ୍ଡଷ୍ଟ୍ରିଆଲ ଡିଜାଇନ ଭଳି ଡିଜାଇନ-କେନ୍ଦ୍ରିତ କ୍ଷେତ୍ରରେ ପରିବ୍ୟାପ୍ତ ଅଛନ୍ତି। ସେହିପରି ଏହି ଟିମ୍ ମଧ୍ୟରୁ ୪୨%ରୁ ଅଧିକ ମହିଳା ଅଟନ୍ତି।

## ୩ ବର୍ଷ ପୂରଣ କରିଛି ବଜାଜ ଫିନ୍‌ସର୍ଭ ଫ୍ଲେକ୍ସି କ୍ୟାପ୍ ଫଣ୍ଡ

**ଭୁବନେଶ୍ୱର, ୧୯।୮ (ନି.ପ୍ର) :** ବଜାଜ ଫିନ୍‌ଭର୍ସ ମ୍ୟୁଚୁଆଲ ଫଣ୍ଡ ଆଜି ଏହାର ଫ୍ଲାଗସିପ ଫଣ୍ଡ ବଜାଜ ଫିନ୍‌ସର୍ଭ ଫ୍ଲେକ୍ସି କ୍ୟାପ୍ ଫଣ୍ଡର ୩ୟ ବାର୍ଷିକୀ ପାଳନ କରିଛି। ଏହା ହେଉଛି ଏକ ଓପନ୍-ଏଣ୍ଡେଡ ଇକ୍ୱିଟି ସ୍କିମ ଯାହା ଏକ ସ୍ୱତନ୍ତ୍ର ମେଗାଟ୍ରେଣ୍ଡ୍‌ସ ରଣନୀତିର ବ୍ୟବହାର କରି ଲାର୍ଜକ୍ୟାପ, ମିଡ୍‌କ୍ୟାପ ଓ ସ୍ମଲକ୍ୟାପ ଷ୍ଟକ୍‌ଗୁଡିକରେ ନିବେଶ କରିଥାଏ। ୧୪ ଅଗଷ୍ଟ ୨୦୨୩ରେ ଲଂଚ ପରଠାରୁ ଏହି ଫଣ୍ଡର ଡାଇରେକ୍ଟ ପ୍ଲାନ-ଗ୍ରୋଥ ବିକଳ୍ପ ଏହାର ବେଂଚମାର୍କ (୧୨.୭୪%) ବିଏସଇ ୫୦୦ ଟିଆରଆଇ ତୁଳନାରେ ୧୮.୨୧%ର ସିଏଜିଆର ପ୍ରଦାନ କରିଛି। ସେହିପରି ଏହି ଫଣ୍ଡର ରେଗୁଲାର ପ୍ଲାନ-ଗ୍ରୋଥ

ASSET MANAGEMENT
BAJAJ

ବିକଳ୍ପ ସମାନ ଅବଧିରେ ୧୬.୫୯%ର ଏକ ସିଏଜିଆର ପ୍ରଦାନ କରିଛି। ୧୪ ଅଗଷ୍ଟ ୨୦୨୩ରୁ ୧୩ ଅଗଷ୍ଟ ୨୦୨୬ ପର୍ଯ୍ୟ' ଏକ ସମ୍ପୂର୍ଣ୍ଣ ବଜାର ଚକ୍ରରେ ଏହି ଡାଇରେକ୍ଟ ପ୍ଲାନ-ଗ୍ରୋଥ୍ ୬୫.୨%ର ଏକ ନିଶ୍ଚିତ ରିଟର୍ଣ୍ଣ ପ୍ରଦାନ କରିଥିବା ବେଳେ ରେଗୁଲାର ପ୍ଲାନ-ଗ୍ରୋଥ୍ ବିକଳ୍ପ ସମାନ ଅବଧି ପାଇଁ ୫୮.୫%ର ରିଟର୍ଣ୍ଣ ଦେଇଛି। ବିଏସଇ ୫୦୦ ଟିଆରଆଇ ପାଇଁ ୦.୫୦ ରେସିଓ ତୁଳନାରେ ଏହି ଫଣ୍ଡ ୦.୮୨ର ଏକ ସାର୍ପ ରେସିଓ ସହିତ ଏକ ଅନୁକୂଳ ବିପଦ-ନିୟନ୍ତ୍ରିତ ପ୍ରଦର୍ଶନ ପ୍ରୋଫାଇଲ ପ୍ରଦାନ କରିଛି। ୩୧ ଜୁଲାଇ ୨୦୨୬ ସୁଦ୍ଧା ଏହି ଫଣ୍ଡର ଏୟୁଏମ ୮୧୪୯.୮୧ କୋଟି ଟଙ୍କା ରହିଛି ଯାହା ୩୨୨,୨୩୧ଟି ନିବେଶକ ଫୋଲିଓରେ ପରିବ୍ୟାପ୍ତ ରହିଛି।

## ଖିମଜୀ ଅଟୋ ମୋବାଇଲ୍ସ ଏଲ୍ଏଲପିରେ ରୟାଲ ଏନ୍‌ଫିଲ୍ଡ କ୍ଲାସିକ୍ ୩୫୦ ଗୋର୍ଖା ଏଡିସନ୍ ଉନ୍ମୋଚିତ

**ଭୁବନେଶ୍ୱର, ୧୯।୮ (ନି.ପ୍ର) :** ବହୁ ପ୍ରତୀକ୍ଷିତ ରୟାଲ ଏନ୍‌ଫିଲ୍ଡ କ୍ଲାସିକ୍ ୩୫୦ ଗୋର୍ଖା ଏଡିସନ ଖିମଜୀ ଅଟୋମୋବାଇଲ୍ସ ଏଲ୍ଏଲପି, ଫୁଲନଖରା, ଭୁବନେଶ୍ୱର ଓ ଜଗତସିଂହପୁର ଶୋ'ରୁମ୍ ଠାରେ ଉନ୍ମୋଚିତ ହୋଇଯାଇଛି ଯାହା ଏହି ଅଞ୍ଚଳର ଗ୍ରାହକମାନଙ୍କ ପାଇଁ ଆଇକନିକ୍ ମୋଟର ସାଇକେଲ୍‌ର ନୂତନ ୩୫୦ ସିସି ସିଙ୍ଗଲ ସିଲିଣ୍ଡର ଅବତାରର ଆଗମନକୁ ଦର୍ଶାଉଛି। ଏହି ଉନ୍ମୋଚନ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ରଥୀଶ ନାୟାର ଓ ପ୍ରଫେସର ଫିଲିପ୍ ଏସ୍ କେରଳ ଭଳି ଅତିଥିଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରଟି ଏପରି ଏକ ମୋଟର ସାଇକେଲ୍‌ର ଶୁଭାରମ୍ଭକୁ ପାଳନ କରିଥିଲା ଯାହା ରୟାଲ ଏନ୍‌ଫିଲ୍ଡର କାଳଜୟୀ ଐତିହ୍ୟକୁ ଆଗକୁ ନେବାସହ ଆଧୁନିକ ପ୍ରଦର୍ଶନ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଦାନ କରୁଛି। ରୟାଲ ଏନ୍ ଫିଲ୍ଡ କ୍ଲାସିକ୍ ୩୫୦ ଗୋର୍ଖା ଏଡିସନ୍ ହେଉଛି ଗୋର୍ଖା ରେଜିମେଣ୍ଟର ଅତୁଳନୀୟ ବୀରତ୍ୱ, ଐତିହ୍ୟ ଓ ଚିରଂନ ଆତ୍ମା ପ୍ରତି ଏକ ସ୍ମାରକୀ ଶ୍ରଦ୍ଧାଳି । ଏହି ମୋଟର ସାଇକେଲଟି ଗୋର୍ଖା ଭ୍ରାତୃତ୍ୱର ବୀର ଯବାନମାନଙ୍କ ପ୍ରତି ସମ୍ମାନ ଓ ପ୍ରଶଂସାର ପ୍ରତୀକ ଭାବରେ ପରିକଳ୍ପନା କରାଯାଇଛି। ନୂତନ ରୋୟାଲ ଏନ୍‌ଫିଲ୍ଡ କ୍ଲାସିକ୍ ୩୫୦ ଗୋର୍ଖା ଏଡିସନ୍ କ୍ଲାସିକ୍



୩୫୦ର ବହୁ ମୁଖୀ ସ୍ୱଭାବକୁ ଆପଣେଇଛି ଏବଂ ବବର୍ ଡିଏନ୍ଏ ଓ ସ୍ୱାଧୀନ ମନୋଭାବର ସଂସ୍କୃତି ପ୍ରତି ସତ୍ୟରହି ନିଜର ଅନନ୍ୟ ବୈଶିଷ୍ଟ୍ୟଗୁଡ଼ିକୁ ଆଣିଛି। ଏହା ସାଇଡ ପ୍ୟାନେଲ୍‌ରେ ଗୋର୍ଖା ଖୁକୁରୀ ଦ୍ୱାରା ଅନୁପ୍ରାଣିତ ଏକ ନୂତନ ଲୋଗୋ ସହିତ ଆସୁଛି। ରୟାଲ ଏନ୍‌ଫିଲ୍ଡ କ୍ଲାସିକ୍ ୩୫୦ ଗୋର୍ଖା ଏଡିସନ୍‌ର ମୂଲ୍ୟ ୨,୧୦,୬୮୪ ଟଙ୍କା (ଏକ୍ସ-ଶୋ'ରୁମ୍, ଭୁବନେଶ୍ୱର)ରୁ ଆରମ୍ଭ। ଏହା ୧ଟି ରଙ୍ଗର ବିକଳ୍ପରେ ଉପଲବ୍ଧ, ଏହାର ଇନ୍ ବିଏସ୬ ୨ (ଓବିଡି ୨) ଏବଂ ଇ୨୦ ଇନ୍ଧନ ଅନୁକୂଳ। ଏହାର ପ୍ରମୁଖ ବୈଶିଷ୍ଟ୍ୟ ଗୁଡ଼ିକ ମଧ୍ୟରେ ୩୪୯ ସିସି ସିଙ୍ଗଲ୍ ସିଲିଣ୍ଡର ଇନ୍, ଜେ-ସିରିଜ୍ ଇନ୍, ଅଲ୍-ଏଲଇଡି ଲାଇଟିଂ, ଆସିଷ୍ଟ ଓ ସ୍ଲିପର୍‌କ୍ଲଚ୍, ୟୁଏସବି ଫାଷ୍ଟସି-ଟାଇପଚାର୍ଜର, ଟ୍ରିପର୍ ନାଭିଗେସନ୍ ରହିଛି। ଖିମଜୀ ଅଟୋମୋବାଇଲ୍ସ ଏଲଏଲପିର ଫୁଲନଖରା, ଭୁବନେଶ୍ୱର ଓ ଜଗତସିଂହପୁର ଶୋ'ରୁମ୍ ଠାରେ ଏହି ଉନ୍ମୋଚନ ମୋଟର ସାଇକେଲ୍ ଉତ୍ସାହୀ ଓ ରୟାଲ ଏନ୍‌ଫିଲ୍ଡ ପ୍ରଶଂସକମାନଙ୍କୁ କାଳଜୟୀ ବୁଲେଟ୍‌ର ସର୍ବଶେଷ ପରିବର୍ତ୍ତିତ ରୂପର ସାକ୍ଷୀ ହେବାର ଏକ ସୁଯୋଗ ପ୍ରଦାନ କରିଥିଲା, ଯାହାଐତିହ୍ୟ, ପ୍ରଦର୍ଶନ ଏବଂ ସମସାମୟିକ ପ୍ରଯୁକ୍ତି ବିଦ୍ୟାକୁ ଏକାଠି ଆଣିଥାଏ।

## ସବୁଜ ଶକ୍ତି କ୍ଷେତ୍ରରେ ଟିପିଡବ୍ଲ୍ୟୁଓଡିଏଲ୍‌ର ନୂଆ ରେକର୍ଡ

**ବୁର୍ଲା, ୧୯।୮ (ନି.ପ୍ର) :** ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍‌ଯୋଗ, ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ) ପକ୍ଷରୁ ପଶ୍ଚିମ ଓଡ଼ିଶାରେ ସବୁଜ ଶକ୍ତି ବ୍ୟବହାରକୁ ପ୍ରୋତ୍ସାହିତ କରାଯିବା ଫଳରେ କମ୍ପାନୀ ଏକ ବଡ଼ ସଫଳତା ହାସଲ କରିପାରିଛି । କମ୍ପାନୀ ପକ୍ଷରୁ ଗତ ଜୁଲାଇ ମାସରେ ସର୍ବାଧିକ ୮,୨୯୮ଟି ରୁଫ୍ ?ଟପ୍ ସୋଲାର ପ୍ୟାନେଲ୍ ସ୍ଥାପନ କରାଯାଇ ଏକ ନୂଆ ରେକର୍ଡ ସୃଷ୍ଟି କରାଯାଇ ପାରିଛି । ଏହି ସଫଳତାରେ 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନା' ଅଧୀନରେ ୩,୩୯୫ଟି ଏବଂ ଟିପିଡବ୍ଲୁଓଡିଏଲ ପକ୍ଷରୁ ପ୍ରଚଳିତ ୟୁଟିଲିଟି-ଲେଡ୍ ଏଗ୍ରିଗେସନ୍ (ୟୁଏଲଏ) ମଡେଲ୍ ଜରିଆରେ ୪,୯୦୩ଟି ରୁଫ୍ ?ଟପ୍ ସୋଲାର ପ୍ୟାନେଲ୍ ସ୍ଥାପନ ସାମିଲ ରହିଛି । ଏହା ପୂର୍ବରୁ ମେ ୨୦୨୬ରେ ମୋଟ ୫,୩୭୩ଟି ରୁଫ୍ ?ଟପ୍ ସୋଲାର ପ୍ୟାନେଲ୍ ସ୍ଥାପନ ହୋଇଥିଲା । କେବଳ ୟୁଏଲଏ ମଡେଲ୍ ଅଧୀନରେ ଜୁଲାଇ ମାସରେ ୪,୯୦୩ଟି ରୁଫ୍ ?ଟପ୍ ସୋଲାର ସଂଯୋଗ କରାଯାଇଛି, ଯାହା ମେ ମାସର ୩,୫୧୮ ରେକର୍ଡକୁ ପଛରେ ପକାଇ ଏହି ମଡେଲର ସଫଳତା ପ୍ରମାଣିତ କରିଛି । ଏହି ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ଟିପିଡବ୍ଲୁଓଡିଏଲ୍ ?ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପ୍ରବୀଣ ବର୍ମା କହିଛନ୍ତି ଯେ, "ଗୋଟିଏ ମାସରେ ୮,୨୯୮ଟି ରୁଫ୍‌ଟପ୍ ସୋଲାର ସଂଯୋଗ ସ୍ଥାପନ କରିବା ଆମ ପାଇଁ ଏକ ମାଇଲଖୁଣ୍ଟ । ଏହା ରୁଫ୍ ?ଟପ୍ ସୋଲାର ପ୍ରତି ଉପଭୋକ୍ତାଙ୍କ ବଢୁଥିବା ବିଶ୍ୱାସର ପ୍ରତୀକ । ଉପଭୋକ୍ତାଙ୍କ ସକ୍ରିୟ ଅଂଶଗ୍ରହଣ, ଆମ ଫିଲ୍ଡ ଟିମ୍, ସବୁଜ ଶକ୍ତି ଅଧିକାରୀ ଏବଂ ସହଯୋଗୀମାନଙ୍କ ନିରନ୍ତର ପରିଶ୍ରମ ଯୋଗୁଁ ଏହା ସମ୍ଭବ ହୋଇପାରିଛି । ବିଶେଷ କରି ଅଧିକ ସଂଖ୍ୟକ ଉପଭୋକ୍ତାଙ୍କ ବିଜୁଳି ବିଲ୍ ଶୂନ ହେବା ପ୍ରମାଣ କରୁଛି ଯେ, ରୁଫ୍ ?ଟପ୍ ସୋଲାର ସାଧାରଣ ଘରୋଇ ଖର୍ଚ୍ଚ କମାଇବାରେ କେତେ ପ୍ରଭାବଶାଳୀ । ଆମେ ପଶ୍ଚିମ ଓଡ଼ିଶାରେ ସୌରଶକ୍ତି ଆପଣାଇବା ପ୍ରକ୍ରିୟାକୁ ଆହୁରି ସହଜ କରି ଭାରତର ସ୍ୱଚ୍ଛ ଶକ୍ତି ଯାତ୍ରାରେ ଅଧିକରୁ ଅଧିକ ଘରକୁ ସାମିଲ କରିବା ପାଇଁ ପ୍ରୟାସ ଜାରି ରଖିବୁ ।"ଜିଲ୍ଲାସ୍ତରୀୟ ପ୍ରଦର୍ଶନରେ ନୂଆପଡ଼ା ଜିଲ୍ଲା ଶୀର୍ଷରେ



ରହିଛି । ଜୁଲାଇ ମାସରେ ନୂଆପଡ଼ାରେ ୧,୫୦୯ଟି ରୁଫ୍ ?ଟପ୍ ସୋଲାର ସଂଯୋଗ ହୋଇଛି, ଯାହା ମେ ମାସର ୧,୪୮୯ ରେକର୍ଡକୁ ଅତିକ୍ରମ କରିଛି । ଜୁଲାଇ ୨୦୨୬ ସୁଦ୍ଧା ନୂଆପଡ଼ା ଜିଲ୍ଲାରେ ମୋଟ ୭,୬୪୩ ଉପଭୋକ୍ତା ରହିଥିବା ବେଳେ ସେଥିମଧ୍ୟରୁ ୟୁଏଲଏ ମଡେଲ୍ ଅଧୀନରେ ୫,୫୧୯ଟି ସଂଯୋଗ ହୋଇ ଏହା ସମଗ୍ର ପଶ୍ଚିମ ଓଡ଼ିଶାରେ ଅଗ୍ରଣୀ ଜିଲ୍ଲା ପାଲଟିଛି । ଜୁଲାଇର ଉଲ୍ଲେଖନୀୟ ସଫଳତା ପଶ୍ଚିମ ଓଡ଼ିଶାରେ ଟିପିଡବ୍ଲୁଓଡିଏଲ୍ ?ର ରୁଫ୍ ?ଟପ୍ ସୋଲାର ସଂଯୋଗକୁ ଏକ ନୂଆ ଗତି ଦେଇଛି । ଜୁଲାଇ ୨୦୨୬ ସୁଦ୍ଧା ସମଗ୍ର ବିତରଣ କ୍ଷେତରେ ମୋଟ ରୁଫ୍‌ଟପ୍ ସୋଲାର ଉପଭୋକ୍ତାଙ୍କ ସଂଖ୍ୟା ୪୫,୧୦୩କୁ ବୃଦ୍ଧି ପାଇଛି, ଯେଉଁଥିରେ କେବଳ ୟୁଏଲଏ ମଡେଲ୍ ମାଧ୍ୟମରେ ୧୭,୦୬୩ଟି ସ୍ଥାପନ ହୋଇଛି । ମୋଟ ରୁଫ୍ ?ଟପ୍ ସୋଲାର ଉପଭୋକ୍ତାଙ୍କ ସଂଖ୍ୟା କ୍ଷେତ୍ରରେ ବରଗଡ଼ (୭,୮୨୩) ଆଗରେ ରହିଥିବା ବେଳେ ଏହା ପଛକୁ ନୂଆପଡ଼ା (୭,୬୪୩) ଏବଂ ସୁନ୍ଦରଗଡ଼ (୬,୬୫୧) ରହିଛି । ରୁଫ୍ ?ଟପ୍ ସୋଲାର ଆପଣାଇବା ଦ୍ୱାରା ଉପଭୋକ୍ତାମାନେ ସିଧାସଳଖ ଆର୍ଥିକ ଲାଭ ପାଉଛନ୍ତି । ଏପର୍ଯ୍ୟନ୍ତ 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନା'ରେ ୮,୨୫୭ ଜଣ ଏବଂ ୟୁଏଲ୍ଏ ମଡେଲ୍ ମାଧ୍ୟମରେ ୨,୯୭୯ ଜଣ ଉପଭୋକ୍ତାଙ୍କ ବିଜୁଳି ବିଲ୍ ଶୂନ ହୋଇପାରିଛି । ଏହିପରି ମୋଟ ୧୧,୦୦୦ରୁ ଅଧିକ ପରିବାର ଶୂନ ବିଲ୍ ?ର ସୁବିଧା ପାଇଛନ୍ତି, ଯାହା ସ୍ୱଚ୍ଛ ପରିବେଶ ସୃଷ୍ଟି କରିବା ସହ ଘରୋଇ ବିଜୁଳି ଖର୍ଚ୍ଚ କମାଇବାରେ ସୌରଶକ୍ତିର ବଡ଼ ସାମର୍ଥ୍ୟକୁ ପ୍ରତିଫଳିତ କରୁଛି । ଜୁଲାଇ ମାସର ଏହି ଐତିହାସିକ ସଫଳତା ରୁଫ୍ ?ଟପ୍ ସୋଲାର ର ପ୍ରସାର ପାଇଁ କେନ୍ଦ୍ର ସରକାରଙ୍କ ଲକ୍ଷ୍ୟକୁ ସାକାର କରିବାରେ ଟିପିଡବ୍ଲୁଓଡିଏଲ୍‌ର ଭୂମିକାକୁ ଆହୁରି ମଜଭୁତ କରିଛି। ଏହାଦ୍ୱାରା ସାଧାରଣ ପରିବାରଗୁଡ଼ିକ ଦେଶର ସ୍ୱଚ୍ଛ ଶକ୍ତି ଯାତ୍ରାରେ ସିଧାସଳଖ ଭାଗିଦାର ହୋଇପାରୁଛନ୍ତି । ଉପଭୋକ୍ତାଙ୍କ ବର୍ଦ୍ଧିତ ସଚେତନତା, ସରଳ ପଞ୍ଜୀକରଣ ପ୍ରକ୍ରିୟା ଏବଂ ତୃଣମୂଳ ସ୍ତରରେ ସୁପରିଚାଳନା ଯୋଗୁଁ ଟିପିଡବ୍ଲୁଓଡିଏଲ୍ 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନା' ଓ ୟୁଏଲଏ ମଡେଲ୍ ଜରିଆରେ ପଶ୍ଚିମ ଓଡ଼ିଶାରେ ରୁଫ୍ ?ଟପ୍ ସୋଲାର ସଂଯୋଗକୁ ଆହୁରି ବ୍ୟାପକ କରି ଚାଲିଛି ।

## ସ୍ୱାଧୀନତା ଦିବସରେ ୨,୦୦୦ ଜାୱା, ୟେଜଦି ଏବଂ ବିଏସଏ ରାଇଡର ଏକତ୍ରିତ

**ଭୁବନେଶ୍ୱର, ୧୯।୮ (ନି.ପ୍ର) :** ଭାରତର ୮୦ତମ ସ୍ୱାଧୀନତା ଦିବସ ପାଳନ କରିବା ପାଇଁ, ଜାୱା, ୟେଜଦି ଏବଂ ବିଏସଏ ରାଇଡରମାନେ ନୋମାଡ୍ସ ବ୍ୟାନର ତଳେ ଦେଶବ୍ୟାପୀ ରାଇଡରେ ଅଂଶଗ୍ରହଣ କରିଛନ୍ତି। ଏହି ପଦକ୍ଷେପ ମୋଟରସାଇକେଲିଂର ହୃଦୟରେ ଥିବା ସ୍ୱାଧୀନତାର ଭାବନାକୁ ପାଳନ କରିଥିଲା। ସ୍ୱାଧୀନତା ଦିବସ ଆରୋହୀ ୧୫୦ ଡିଲରସିପ୍ ମାଧ୍ୟମରେ ୨,୦୦୦ ରୁ ଅଧିକ ରାଇଡରଙ୍କୁ ଏକାଠି କରିଥିଲେ, ଯେଉଁମାନେ ବିଭିନ୍ନ ପୃଷ୍ଠଭୂମି, ବୟସ ଗୋଷ୍ଠୀ ଏବଂ ଆରୋହଣ ଶୈଳୀକୁ ପ୍ରତିନିଧିତ୍ୱ କରୁଥିଲେ। ଏହି ପଦକ୍ଷେପ ସୌହାର୍ଦ୍ଦ୍ୟ ଏବଂ ସମାନ ଆଗ୍ରହର ଭାବନାକୁ ପ୍ରତିଫଳିତ କରିଥିଲା ଯାହା ଜାୱା, ୟେଜଦି ଏବଂ ବିଏସଏ କମ୍ୟୁନିଟିର ରାଇଡରମାନଙ୍କୁ ସଂଯୋଗ କରି ଚାଲିଛି।

କ୍ଲାସିକ୍ ଲିଜେଣ୍ଡସ୍ର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି, 'ମୋଟରସାଇକେଲ ଚାଳନର ମୂଳରେ ନିଜସ୍ୱ ରାସ୍ତା ବାଛିବାର ସ୍ୱାଧୀନତା ଏବଂ ଅନ୍ୟମାନଙ୍କ ସହିତ



ସେହି ଯାତ୍ରା ବାଣ୍ଟିବାର ଆନନ୍ଦ ରହିଛି। ସ୍ୱାଧୀନତା ଦିବସ ହେଉଛି ସ୍ୱାଧୀନତାକୁ ସମ୍ଭବ କରୁଥିବା ମୂଲ୍ୟବୋଧ ଏବଂ ଏହାକୁ ସୁରକ୍ଷା ଦେବା ପାଇଁ ଜାରି ରହିଥିବା ବଳିଦାନର ସ୍ମରଣକାରୀ। ଗତ ମାସରେ, କାର୍ଗିଲ୍ ବିଜୟ ଦିବସରେ, ଆମକୁ ଆମର ସୈନିକଙ୍କ ସାହସ, ସେବା ଏବଂ ବଳିଦାନକୁ ସମ୍ମାନ କରିବାର ସୁଯୋଗ ମିଳିଥିଲା। ଆଜି, ନୋମାଡ୍ସ ମାଧ୍ୟମରେ, ବିଭିନ୍ନ ଅଞ୍ଚଳ ଏବଂ ପିଢ଼ିର ରାଇଡରମାନେ ଆମର ସଶସ୍ତ୍ର ବାହିନୀ ଦ୍ୱାରା ପ୍ରତିପାଦିତ ସ୍ୱାଧୀନତାର ସମାନ ଉତ୍ସାହକୁ ପାଳନ କରିବାକୁ ଏକାଠି ହୋଇଥିଲେ। ନୋମାଡ୍ସ କମ୍ୟୁନିଟି ବୃଦ୍ଧି ପାଇବା ସହିତ, ଏହିପରି ରାଇଡର ଏବଂ ପଦକ୍ଷେପଗୁଡ଼ିକ ସାରା ଦେଶରେ ଜାୱା, ୟେଜଦି ଏବଂ ବିଏସଏ ଆରୋହୀଙ୍କ ମଧ୍ୟରେ ବନ୍ଧନକୁ ଆହୁରି ମଜବୁତ କରିବ, ମୋଟରସାଇକେଲ ଚାଳନ ପାଇଁ ଏକ ସମାନ ଆଗ୍ରହ ମାଧ୍ୟମରେ ଗଭୀର ସମ୍ପର୍କକୁ ପ୍ରୋତ୍ସାହିତ କରିବ।

ସମ୍ପ୍ରତି, କ୍ଲାସିକ୍ ଲିଜେଣ୍ଡସ୍ ଭାରତୀୟ ସଶସ୍ତ୍ର ବାହିନୀ ସହିତ ଶୌର୍ଯ୍ୟ ବିଜୟ ଯାତ୍ରା ପାଇଁ ସହଭାଗୀ ହୋଇଥିଲେ, ଭାରତୀୟ ସୈନିକଙ୍କ ସାହସ, ସେବା ଏବଂ ବଳିଦାନକୁ ଶ୍ରଦ୍ଧାଳି ଅର୍ପଣ କରିଥିଲେ। ସ୍ୱାଧୀନତା ଦିବସ ଯାତ୍ରା ଜାତୀୟ ଗର୍ବର ସେହି ଭାବନାକୁ ପ୍ରତିଫଳିତ କରିଥିଲା, ଯାହା ଆରୋହୀମାନଙ୍କୁ ଦେଶ ଏବଂ ମୋଟରସାଇକେଲ ଉଭୟକୁ ପରିଭାଷିତ କରୁଥିବା ସ୍ୱାଧୀନତାକୁ ପାଳନ କରିବାର ସୁଯୋଗ ଦେଇଥିଲା।

# ବାଇକ ଧକ୍କାରେ ଯୁବକ ମୃତ

କୁକୁଡାଖଣ୍ଡି, ୧୯/୮(ନିପ୍ର):ସଦର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୫୯ ରଘୁନାଥପୁର ଛକ ନିକଟରେ ମଙ୍ଗଳବାର ରାତ୍ର ୧୦ଟା ସମୟରେ ଏକ ବାଇକ ଧକ୍କାରେ ଜଣଙ୍କ ମୃତ ଘଟିଥିବା ଜଣାପଡିଛି । ସୂଚନା ପ୍ରକାରେ ମଙ୍ଗଳବାର ରାତ୍ର ୧୦ଟା ସମୟରେ କୁକୁଡାଖଣ୍ଡି ଗ୍ରାମର ପାଙ୍ଗା ବୁଲୁ(୪୧) କୌଣସି କାମରେ ରଘୁନାଥପୁର ଯାଇ ରାତ୍ର ୧୦ଟା ସମୟରେ ଘରକୁ ଫେରିବା ନିମନ୍ତେ ରଘୁନାଥପୁର ଛକ ନିକଟରେ ଛିଡା ହୋଇଥିବା ଏକ ବାଇକ (ନଂ ଓଆର୦୭ଏକ୍ସ୨୮୧୮) ତାଙ୍କୁ ଧକ୍କା ଦେବା ଫଳରେ ଯୁବକ ଜଣକ ଗୁରୁତର ହୋଇପଡିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡମେଡିକାଲରେ ଭର୍ତି କରିଥିଲେ । ତେବେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ ଘଟିଥିବା ଜଣାପଡିଛି । ଖବର ପାଇ ସଦର ପୁଲିସ ମେଡିକାଲରେ ପଂହଚି ଶବ ଜବତ କରିବା ସହ ୫୩୪/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସୁଚିତ୍ରା ପରିଡା ସୂଚନା ଦେଇଛନ୍ତି ।

# ଆଟଗାଁ ପଂଚାୟତର କଲ୍ୟାଣ ମଣ୍ଡପରେ ଆଇ.ସି.ଡି.ଏସ୍ ଏବଂ ୱ୍ୱି.ସି.ଡି.ଏ. ର ମିଳିତ ଉଦ୍ୟମରେ ବାଲ୍ୟ ବିବାହ ମୁକ୍ତ ଗ୍ରାମ ପଂଚାୟତ

ବଲାଙ୍ଗିର୧୯/୮(ନିପ୍ର) – ଆଟଗାଁ ପଂଚାୟତ ର କଲ୍ୟାଣ ମଣ୍ଡପରେ ଆଇ.ସି.ଡି.ଏସ୍ ଏବଂ ୱ୍ୱି.ସି.ଡି.ଏ. ର ମିଳିତ ଉଦ୍ୟମରେ ବାଲ୍ୟ ବିବାହ ମୁକ୍ତ ଗ୍ରାମ ପଂଚାୟତ ଘୋଷଣା କରାଗଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିକ୍ରମ ପଣ୍ଡା, ଜିଲ୍ଲା ସଂଯୋଜକ ସରୋଜ ନାଏକ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁଷମା ତ୍ରିପାଠୀ, ଅଙ୍ଗନୱାଡି ସୁପର ଭାଇଜର ସଂଯୁକ୍ତା ବାବୁ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟରୁ ଅରୁଣ କୁମାର ଖୁଆସ, ଆଟଗାଁ ସରପଂଚ ଶାଳିନୀ ସେଠ, ଆଟଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମକୃଷ୍ଣ ଷଡଙ୍ଗୀ, ୱ୍ୱି.ସି.ଡି.ଏ



ର ଟି.ଏଫ୍.ଟି ପ୍ରୋଗ୍ରାମ ମ୍ୟାନେଜର ଜେୟାତି କୁମାର ରଥ ଅତିଥି ଭାବରେ ଯୋଗଦାନ କରିଥିଲେ । ୱ୍ୱି.ସି.ଡି.ଏ. ର ଜିଲ୍ଲା ସଂଯୋଜିକା ଆନନ୍ଦିନି ରଥ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଆଟଗାଁ ପଂଚାୟତର ଆଠଟି ଗ୍ରାମ୍ୟର ଗ୍ରାମ୍ୟ ଶିଶୁ ସୁରକ୍ଷା କମିଟିମାନଙ୍କୁ ବାଲ୍ୟ ବିବାହ ବନ୍ଦ କରିବା ଦିଗରେ ତାଙ୍କର ପ୍ରଚେଷ୍ଟା ପାଇଁ ସମ୍ମାନିତ କରାଗଲା । ଏହା ସହିତ ସରପଂଚ ଙ୍କୁ ସମ୍ମାନିତ କରାଗଲା । ବାଲ୍ୟ ବିବାହ ର ବିଭିନ୍ନ ଏବଂ ସରକାରୀ ନିୟମ ବିଷୟରେ ଆଲୋଚନା କରାଗଲା । ଏହା ପରେ ଶପଥ ପାଠ କରି ୱ୍ୱି.ସି.ଡି.ଏ ର ବ୍ଲକ ସଂଯୋଜିକା ନିକିତା ଦାଶ କାର୍ଯ୍ୟକ୍ରମରେ ଧନ୍ୟବାଦ ଜ୍ଞାପନ କରି କାର୍ଯ୍ୟକ୍ରମକୁ ସାଙ୍ଗ କରିଥିଲେ । ଆଇ.ସି.ଡି.ଏସ୍ ତରଫରୁ ୱ୍ୱି.ସି.ଡି.ଏ. ର ଏପରି ପ୍ରଶଂସନୀୟ କାର୍ଯ୍ୟକ୍ରମ ପାଇଁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା ।

# ଛତାମଖନାରେ ସ୍ୱାଧିନତା ସଂଗ୍ରାମୀ ଯୁଧିଷ୍ଠିର ମିଶ୍ରଙ୍କ ଜୟନ୍ତୀ ପାଳିତ

ବଲାଙ୍ଗିର, ୧୯/୮(ନିପ୍ର) – ନିଜ ଜନ୍ମମାଟି ଛତାମଖନାରେ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ତଥା ପ୍ରଜା ଆନ୍ଦୋଳନର ପୁରୋଧା ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ଜୟନ୍ତୀ ସମାରୋହ ନରସିଂହ ସେନା ପକ୍ଷରୁ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସ୍ମୃତି ସଭାରେ ଯୁଧିଷ୍ଠିର ମିଶ୍ରଙ୍କ ସ୍ୱାଧିନତା ସଂଗ୍ରାମୀ ଅବଦାନ ଓ ସାଧାରଣ ଲୋକଙ୍କ ଅଧିକାର ଓ ସାମାଜିକ ନ୍ୟାୟ ପାଇଁ ତାଙ୍କ ସଂଘର୍ଷକୁ ସ୍ମରଣ କରାଯାଇଥିଲା । ସଭାରେ ମୁଖ୍ୟ ଅତିଥି ନରସିଂହ ସେନା ସଭାପତି ଶୁଭ୍ରାଂଶୁ ପଣ୍ଡା କହିଥିଲେ ଯୁଧିଷ୍ଠିର ମିଶ୍ର କେବଳ ଜଣେ ସ୍ୱାଧିନତା ସଂଗ୍ରାମୀ ନୁହନ୍ତି ସେ ଥିଲେ ନିଜର ମାଟି ଓ ମାଟିର ମଣିଷମାନଙ୍କ ପାଇଁ ସମର୍ପିତ ଜନନେତା । ତାଙ୍କ ଦେଶପ୍ରେମ, ତ୍ୟାଗ ଓ ନ୍ୟାୟ ପାଇଁ ସଂଘର୍ଷ ସଦାବେଳେ ଅଭିସ୍ମରଣୀୟ । ଜନ୍ମ ମାଟିରେ ତାଙ୍କ ଜୟନ୍ତୀ ପାଳନ କରିବା କେବଳ ଏକ ସ୍ମୃତି ଚାରଣ ନୁହେଁ ତାଙ୍କ ସ୍ୱପ୍ନର ସାମାଜିକ ଚିନ୍ତାଧାରା ଓ ଜନସେବାର ଆଦର୍ଶକୁ ଆଗକୁ ନେଇବାର ଏକ ସଂକଳ୍ପ । ନରସିଂହ ସେନାର କର୍ମକର୍ତ୍ତା ଓ ସଦସ୍ୟମାନେ ଯୁଧିଷ୍ଠିର ମିଶ୍ରଙ୍କ ସ୍ମୃତିଚାରଣ କରି ତାଙ୍କ ଆଦର୍ଶକୁ ଆଗେଇ ନେବା ସହ ସମାଜର ଅବହେଳିତ ନିସ୍ପେଷିତ ବର୍ଗଙ୍କ ଅଧିକାର ପାଇଁ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ । କାର୍ଯ୍ୟକ୍ରମ ରେ ଛତାମଖନା ତଥା ଆଖପାଖ ର ବହୁ ସଂଖ୍ୟକ ମାନ୍ୟଗନ୍ୟ ବ୍ୟକ୍ତି, ବୁଦ୍ଧିଜିବୀ, ଯୁବକ ଓ ସ୍ଥାନୀୟ ବାସିନ୍ଦା ଯୋଗ ଦେଇ ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।





ଟ୍ରୁ ମିଶନ ସାମାଜିକ ଅନୁଷ୍ଠାନ ତରଫରୁ ସୁକିନ୍ଦାର ଜାଭିଆର ସ୍କୁଲ ପରିସରରେ ସ୍ୱାଧୀନତା ଦିବସ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

# ସରକାରଙ୍କ ଅଜବ ନୀତି ! ଆବାସ ନିର୍ମାଣ ପାଇଁ ଆବଶ୍ୟକ ବାଲି, ଗୁଡ଼ି ଓ ପଥରକୁ ପୋଲିସର ନାଲିଆଖି : ଆବାସ ଯୋଜନା କାହା ପାଇଁ

କବିସୂର୍ଯ୍ୟନଗର. ୧୯/୮(ନିପ୍ର).ଗରିବ ଓ ଅସହାୟ ପରିବାରକୁ ପକ୍କା ଘର ଯୋଗାଇଦେବା ଲକ୍ଷ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଆବାସ ଯୋଜନା ଚାଲୁ ରହିଛି । ଏହି କ୍ରମରେ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ପୌର ପରିଷଦ ସମେତ ବିଭିନ୍ନ ପଞ୍ଚାୟତ ଅଞ୍ଚଳରେ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି ।ତେବେ କାର୍ଯ୍ୟାଦେଶ ପାଇବାର ପ୍ରାୟ ତିନି ମାସ ବିତିଯାଇଥିଲେ ମଧ୍ୟ ଅନେକ ହିତାଧିକାରୀ ଘର ନିର୍ମାଣ ଆରମ୍ଭ କରିପାରୁନଥିବା ଅଭିଯୋଗ ହୋଇଛି । ଘର ନିର୍ମାଣ ପାଇଁ ଆବଶ୍ୟକ ବାଲି, ଗୁଡ଼ି ଓ ପଥର ଭଳି ନିର୍ମାଣ ସାମଗ୍ରୀ ସହଜରେ ମିଳୁନଥିବାରୁ ହିତାଧିକାରୀମାନେ ଚିନ୍ତାରେ ପଡ଼ିଛନ୍ତି ।ଅନ୍ୟପଟେ, ବାଲି, ଗୁଡ଼ି ଓ ପଥର ପରିବହନ କରୁଥିବା ଗାଡ଼ି ଉପରେ ପ୍ରଶାସନ ଓ ପୋଲିସ ପକ୍ଷରୁ ଯାଞ୍ଚ ଏବଂ ଜବତ ପ୍ରକ୍ରିୟା ଚାଲୁଥିବାରୁ ନିର୍ମାଣ ସାମଗ୍ରୀର ଯୋଗାଣ ଆହୁରି ପ୍ରଭାବିତ ହେଉଥିବା ଅଭିଯୋଗ ରହିଛି ।ଏପରି ସ୍ଥିତିରେ ହିତାଧିକାରୀଙ୍କ ମନରେ ଅନେକ ପ୍ରଶ୍ନ ଉଠିଛି । ଯଦି ଆବାସ ନିର୍ମାଣ ପାଇଁ ବାଲି, ଗୁଡ଼ି ଓ ପଥର ଆବଶ୍ୟକ, ତେବେ ଏହି ସାମଗ୍ରୀ ଯୋଗାଣର ସୁବିଧା କାହିଁକି କରାଯାଉନାହିଁ? ହିତାଧିକାରୀଙ୍କୁ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦେବା ପରେ ଆବଶ୍ୟକ ନିର୍ମାଣ ସାମଗ୍ରୀ ଯୋଗାଣରେ ବାଧା କାହିଁକି ?

ସରକାର ଗରିବଙ୍କ ପାଇଁ ଆବାସ ଯୋଜନା ଘୋଷଣା କରୁଥିବା ବେଳେ ଯୋଜନାର ସୁଫଳ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚିବା ନିହାତି ଆବଶ୍ୟକ । ତେଣୁ ଆବାସ ନିର୍ମାଣରେ ଆସୁଥିବା ଏହି ସମସ୍ୟାର ଶୀଘ୍ର ସମାଧାନ କରି, ଆବଶ୍ୟକ ନିର୍ମାଣ ସାମଗ୍ରୀ ନିୟମ ସମ୍ମତ ଭାବେ ଉପଲବ୍ଧ କରାଇବାକୁ ହିତାଧିକାରୀମାନେ ଦାବି କରିଛନ୍ତି ।ପ୍ରଶ୍ନ ଏବେ ଏହା—କାର୍ଯ୍ୟାଦେଶ ମିଳିବା ପରେ ମଧ୍ୟ ଯଦି ଘର ନିର୍ମାଣ ହୋଇପାରୁନାହିଁ, ତେବେ ଆବାସ ଯୋଜନାର ପ୍ରକୃତ ଲାଭ କାହା ପାଖରେ ପହଞ୍ଚୁଛି ?

# ଜେସିବି ମେସିନରେ ସଫେଇ ସମୟରେ ପାଇପଲାଇନ କ୍ଷତିଗ୍ରସ୍ତ ଯୋଗୁଁ ପାନୀୟଜଳ ଯୋଗାଣ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ

## ମରାମତି ନକଲେ ଠିକାଦାରଙ୍କ ବିରୁଦ୍ଧରେ ହେବ ଥାନାରେ ଅଭିଯୋଗ

ଜଗତସିଂହପୁର ୧୯/୮(ନିପ୍ର) ରଘୁନାଥପୁର ବଜାର ରେ କେନାଲ ସଫେଇ ସମୟରେ କ୍ଷତିଗ୍ରସ୍ତ ପାନୀୟ ଜଳପାଇପ ଲାଇନ ଓ ସୋଲାର ସିଷ୍ଟମ ବ୍ୟବସ୍ଥାକୁ ଯଦି ଶିଘ୍ରମରାମତି ନକରନ୍ତି ଠିକାଦାର ଓ ଜଳସେଚନ



ବିଭାଗ ଯନ୍ତ୍ରୀଙ୍କ ନାମରେ ଥାନାରେ ଅଭିଯୋଗ କରାଯିବ ବୋଲି ରଘୁନାଥପୁର ସରପଞ୍ଚ ସୁଚିତ୍ରା ପଣ୍ଡା ଗଣମାଧ୍ୟମ ରେ ପ୍ରକାଶ କରିଛନ୍ତି ।ତେବେ ଜଳସେଚନ ବିଭାଗ କଟକ ଦକ୍ଷିଣବିଭାଜନ ର କିଶାନନଗର ଉପର୍ନିବାହୀ ଯନ୍ତ୍ରୀ ତଥା ସୋମପୁର ସେକ୍ସନ କାର୍ଯ୍ୟାଳୟ ଅଧିନରେ ତାଳଦଣ୍ଡା ର ସାଖା କେନାଲଟି ରଘୁନାଥପୁର ବଜାର ର କଟକ ପାରାଦ୍ୱୀପ ରାସ୍ତାକଡ ଦେଇ ଯାଇଛି ।ଏହି କେନାଲଟିର କୋଡି ସଫେଇ କାର୍ଯ୍ୟକୁ ଠିକାଦାର ଲେବର ସାହାଯ୍ୟ ରେ ନକରି ଜେସିବିରେ କରୁଥିବାରୁ ରଘୁନାଥପୁର ପଞ୍ଚାୟତ ର କଣ୍ଟୁଆର ଠାରୁ ପୋଷ୍ଟଅଫିସ ଛକ ପର୍ଯନ୍ତ ବିଭିନ୍ନ ଯାଗାରେ ପାନୀୟଜଳ ପାଇପଲାଇନକୁ ନଷ୍ଟକରିବା ସହିତ ପଞ୍ଚାୟତର ସୋଲାର ସିଷ୍ଟମ କୁ ସମ୍ପୂର୍ଣ ନଷ୍ଟକରିଦେଇଛି ।ତେବେ ସରପଞ୍ଚ ପାଇପଲାଇନରେ ହସ୍ତେକ୍ଷେପକରି ଏହାକୁ ମରାମତି କରାଇଥିଲେବି ଆଜିପର୍ଯ୍ୟନ୍ତ ସୋଲାରସିଷ୍ଟମଟି କାର୍ଯ୍ୟକ୍ଷମ ହୋଇପାରିନାହିଁ ।ଯଦି ଠିକାଦାର ଓ ଜଳସେଚନ ବିଭାଗ ଏହି ସୋଲାର ସିଷ୍ଟମକୁ ମରାମତି ଶିଘ୍ର ନ କରନ୍ତି ତେବେ ସେମାନଙ୍କ ବିରୁଦ୍ଧରେ ଖୁବଶୀଘ୍ର ରଘୁନାଥପୁର ଥାନାରେ ଲିଖିତ ଅଭିଯୋଗ କରିବେ ବୋଲି ସରପଞ୍ଚ ଶ୍ରୀମତୀ ପଣ୍ଡା ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି ।ଅନ୍ୟପକ୍ଷରେ କେନାଲ କୋଡିସଫେଇ କାର୍ଯ୍ୟ ଜୁନମାସରେ ନ ସାରି ଜଳସେଚନ ବିଭାଗ ଅଗଷ୍ଟମାସରେ ସଫେଇ କରିବା ଓ ସଫେଇ ସୟୟରେ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ନରହିବା ଯୋଗୁ ପାଣିଚାଲୁଥିବା ସମୟରେ ସଫେଇ କରାଯିବା କେନାଲ ର ଗର୍ଭ ଠିକଭାବରେ ସଫାହୋଇପାରୁନାହିଁ ।ଯାହାଫଳରେ କେନାଲରେ ଜଳଧାରଣ କ୍ଷମତା ହ୍ରାସପାଉଥିବାରୁ ଶେଷମୁଣ୍ଡରେ ପାଣିପହଞ୍ଚିପାରୁ ନାହିଁ । ଏହାକୁ ନେଇଚାଷୀ ମହଲରେ ତିବ୍ର ପ୍ରତିକ୍ରିୟା ଦେଖାଦେଇଛି ।

# ଗିରଫ ହେଲେ ନିଶାମାଫିଆ

ଜଗତସିଂହପୁର, ୧୯/୮(ନିପ୍ର) ପାରାଦ୍ୱୀପ ଥାନା ଅନ୍ତର୍ଗତ ବିଶ୍ୱାଳି ଗ୍ରାମର ରେ ଚଢଉ କରି ଜଣେ ନିଶା ମାଫିଆଙ୍କୁ ଗିରଫ କରିଛି ପାରାଦୀପ ଅବକାରୀ ଥାନା ।ଯାଞ୍ଚ ପରେ ତାଙ୍କ ପାଖରୁ ୨୫ ଗ୍ରାମର ହେରୋଇନ୍ ଜବତ କରାଯାଇଛି । ସୂଚନାଯୋଗ୍ୟ ଯେ ବିଶ୍ୱାଳି ଗ୍ରାମର ସର୍ବ ?ଶ୍ୱର ଜେନା ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ହେରୋଇନ୍ ବେପାର କରୁଥିବା ସମ୍ପର୍କ ରେ ପାରାଦୀପ ଅବକାରୀ ଥାନାକୁ ଅଭିଯୋଗ ମିଳିଥିଲା । ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ସେ ଆଜି ହେରୋଇନ୍ ରଖିଥିବାର ସୂଚନା ପରେ ପାରାଦୀପ ଅବକାରୀ ଥାନାର ଉପ ନିରିକ୍ଷକ ଧର୍ମପଦ ଦାସଙ୍କ ନେତୃତ୍ୱରର ଏକ ଟିମ୍ ଗଠନ ହୋଇଥିଲା । ଗ୍ରାହକ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ପାରାଦୀପ ଅବକାରୀ ଥାନାର କର୍ମଚାରୀ ଏବଂ ଡିଲ୍ ବେଳେ ଅଭିଯୁକ୍ତଙ୍କୁ ମାଡିବସିଥିଲେ । ଗିରଫ ଅଭିଯୁକ୍ତ ଜଣକ ହେଲେ ବିଶ୍ୱାଳି



ଗ୍ରାମର ଧନେଶ୍ୱର ଜେନାଙ୍କ ପୁଅ ସର୍ବେଶ୍ୱର ଜେନା । ଜବତ ହେରୋଇନ୍ ର ଆନୁମାନିକ କଳାବଜାରୀ ମୂଲ୍ୟ ପ୍ରାୟ ୨,୫୦,୦୦୦ ଟଙ୍କା ହେବ । ଅଭିଯୁକ୍ତଙ୍କୁ ଅତିରିକ୍ତ ଜିଲ୍ଲା ଶୈରାଜଜ କୁଜଙ୍ଗଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ୧୪ଦିନିଆ ବିଚାର ବିଭାଗୀୟ ହାଜତ୍ କୁ ପଠାଇଛନ୍ତି । ଗିରଫ ଅଭିଯୁକ୍ତଙ୍କ ନାମରେ ମାମଲା ଥିବାର ସନ୍ଦେହ ରେ ଅବକରୀ ବିଭାଗ ତରଫରୁ ଖୋଳତାଡ ଆରମ୍ଭ କରିଥିବାର ପ୍ରକାଶ କରିଛନ୍ତି ଜଗତସିଂହପୁର ଅବକାରୀ ଅଧିକ୍ଷିକା ଶ୍ରୀମତି ଅନିତା ପ୍ରଧାନ । ସେ କହିଛନ୍ତି ଅବକାରୀ ବିଭାଗ ମୂଳ ପର୍ଯ୍ୟନ୍ତ ଯିବ । ଅଭିଯୁକ୍ତ ଜଣଙ୍କ କେଉଁଠୁ ହେରୋଇନ୍ ଆଣୁଥିଲେ ଏବଂ ଏହା ପଛରେ କାମ କରୁଥିବା ସିଣ୍ଡିକେଟକୁ ଧରିବାକୁ ପ୍ରୟାସ ଆରମ୍ଭ କରିଛି ଅବକାରୀ ବିଭାଗ ।

# କପାସୁଦା ଗ୍ରାମରେ ଘର ଭୁଷୁଡ଼ି ଆଈ-ନାତିଙ୍କ ମୃତ୍ୟୁ: ଶୋକସନ୍ତପ୍ତ ପରିବାରକୁ ଭେଟିଲା ଜଳେଶ୍ୱର ବ୍ଲକ କଂଗ୍ରେସ

ଜଳେଶ୍ୱର, ୧୯/୮(ନିପ୍ର)-ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନେତୁଆ ପଞ୍ଚାୟତର କପାସୁଦା ଗ୍ରାମରେ ଲଗାଣ ବର୍ଷା ଯୋଗୁଁ ଘଟିଥିବା ମର୍ମନ୍ତୁଦ ଘଟଣାରେ ଆଈ ଓ ନାତିଙ୍କ ଅକାଳ ବିୟୋଗ ଘଟିଥିବା ଖବର ପାଇ ଜଳେଶ୍ୱର ବ୍ଲକ କଂଗ୍ରେସ ପକ୍ଷରୁ ଶୋକସନ୍ତପ୍ତ ପରିବାରକୁ ଭେଟି ଗଭୀର ସମବେଦନା ଜଣାଯାଇଛି ।ପ୍ରବଳ ବର୍ଷାରେ ପଡ଼ ?ଶୀ ଗଙ୍ଗାଧର ଜେନାଙ୍କ ଦୁଇ ମହଲା ବିଶିଷ୍ଟ ମାଟି ଘର ଭୁଷୁଡ଼ି କାହ୍ନୁ ଚରଣ ଜେନାଙ୍କ ଘର ଉପରେ ପଡ଼ିବାରୁ ଏହି ଦୁଃଖଦ ଅଘଟଣ ଘଟିଥିଲା । ଏଥିରେ ଆଈ ଓ ନାତିଙ୍କ ଅକାଳ ମୃତ୍ୟୁ ସମଗ୍ର ଅଞ୍ଚଳକୁ ଗଭୀର ଭାବେ ମର୍ମାହତ କରିଛି ।ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ଏବଂ ବାଲେଶ୍ୱରର ଯୁବ ନେତା ନବଜ୍ୟୋତି ପଟ୍ଟନାୟକଙ୍କ ସହଯୋଗରେ ପୀଡ଼ିତ ପରିବାର ନିକଟରେ ଆବଶ୍ୟକୀୟ ସହାୟତା ପହଞ୍ଚାଯାଇଥିଲା । ଦୁଃଖଦ ସମୟରେ ପୀଡ଼ିତ ପରିବାର ସହିତ କଂଗ୍ରେସ ଦଳ ସମ୍ପୂର୍ଣ୍ଣ ଭାବେ ଛିଡ଼ା ହୋଇଛି ବୋଲି ଦଳ ପକ୍ଷରୁ କୁହାଯାଇଛି ।ଜଳେଶ୍ୱର ବ୍ଲକ କଂଗ୍ରେସର ପୂର୍ବତନ ବ୍ଲକ ସଭାପତି ରାଜୀବ କୁମାର ପରିଡ଼ାଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ଦଳ ଘଟଣାସ୍ଥଳ ପରିଦର୍ଶନ କରିବା ସହ ମୃତକଙ୍କ ପରିବାରକୁ ଭେଟି ଗଭୀର ସମବେଦନା ଜଣାଇଥିଲେ । ପରିବାରବର୍ଗଙ୍କ ଦୁଃଖରେ ନିଜକୁ ସାମିଲ କରିବା ସହ ଏହି ଅପୂରଣୀୟ କ୍ଷତି ସମୟରେ ପରିବାରକୁ ସମସ୍ତ ସମ୍ଭାବ୍ୟ ସହଯୋଗ ଯୋଗାଇଦେବାକୁ କଂଗ୍ରେସ ପକ୍ଷରୁ ଆଶ୍ୱାସନ ଦିଆଯାଇଥିଲା ।ଏଥିସହ ପୀଡ଼ିତ ପରିବାରକୁ ତୁରନ୍ତ ଆବଶ୍ୟକୀୟ ସରକାରୀ ସହାୟତା ଓ ନିୟମାନୁସାରେ କ୍ଷତିପୂରଣ ପ୍ରଦାନ କରିବା ସହ ପରିବାରର ଥଇଥାନ ପାଇଁ ପ୍ରଶାସନ ତ୍ୱରିତ ପଦକ୍ଷେପ ନେବାକୁ ଜଳେଶ୍ୱର ବ୍ଲକ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି ।ଏହି କାର୍ଯ୍ୟକ୍ରମରେ ରାଜୀବ କୁମାର ପରିଡ଼ା, ଖଗେନ୍ଦ୍ର ସାମଲ, ସପନ କୁମାର ଜେନା, ସରୋଜ ରାଉତ, ସପନ ରାଉତ, ଅଙ୍କିତ ପରିଡ଼ା, ରବୀନ୍ଦ୍ର ଜେନା, ସଞ୍ଜୀବ ପ୍ରଧାନ, ସୁନୀଲ ନାୟକ, ବୈକୁଣ୍ଠ ଚାନ୍ଦ, କ୍ଷୀତିଶ ବେହେରାଙ୍କ ସମେତ ଅନ୍ୟାନ୍ୟ ଜଳେଶ୍ୱର ବ୍ଲକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ମାଁ ମାହେଶ୍ୱରୀ ସେନାର ନୂଆଁଖାଇ ଉପଲକ୍ଷେ ଖାଦ୍ୟ ବଣ୍ଟନ ପ୍ରସ୍ତୁତି ବୈଠକ

ବଲାଙ୍ଗିର, ୧୯/୮ – ସାମାଜିକ ସଂଗଠନ ମାଁ ମାହେଶ୍ୱରୀ ସେନା ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ବୈଠକ ବଲାଙ୍ଗିର ସହର ଲାଲଟିକ୍ରା ସ୍ଥିତ ଡୁମାଲ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସଂଗଠନର ଆଗାମୀ ନୂଆଁଖାଇ ଉପଲକ୍ଷେ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ତଥା ସାମାଜିକ ସେବା,



ଜନସଚେତନତା ଏବଂ ଅଂଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ବୈଠକରେ ସଂଗଠନକୁ ଆହୁରି ସୁଦୃଢ଼ କରିବା ସହିତ ଯୁବକମାନଙ୍କୁ ସାମାଜିକ କାର୍ଯ୍ୟରେ ଅଧିକ ଯୋଡିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଥି ସହ ଗରିବ ଓ ଅସହାୟଙ୍କ ସହାୟତା, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ସଚେତନତା, ଶିକ୍ଷା ଓ ପରିବେଶ ସୁରକ୍ଷା ଭଳି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଆଗାମୀ ଦିନରେ ଆୟୋଜନ କରିବା ନେଇ ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ସଂଗଠନର ସଦସ୍ୟ ନନ୍ଦଲାଲ ମେର୍ଲୀ, ସୁରେଶ କମ୍ପ, ମନୋଜ ଖମାରୀ, ବଳିଆର ସିଂହ ବସ୍ତିଆ, ପାର୍ଥ କର୍ଣ୍ଣ, ତପନ ନାଏକ, ସୁରେଶ ପଧାନ, ମନୋଜ କରନ, ଅରୁଣ ପଲତା, ରମାକାନ୍ତ ମେଶ୍ରା ଯୋଗଦେଇ ନିଜ ନିଜ ମତାମତ ପ୍ରଦାନ କରିଥିଲେ । ଶେଷରେ ସମାଜର ହିତ ଓ ଲୋକଙ୍କ ସେବା ପାଇଁ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ ।

# ଅସ୍ତରଙ୍ଗ ଥାନା ହେଲା ଚୋରମାନଙ୍କ ସୁରକ୍ଷିତ ଜୋନ୍

ଅସ୍ତରଙ୍ଗ ୧୯/୮(ନିପ୍ର): ଚଳିତ ବର୍ଷ ଫେବୃଆରୀରୁ ନୂଆ ଅଧିକାରିଣୀ ଦାୟିତ୍ୱ ନେବା ପରେ ପ୍ରତି କେସେ ରେ ମୋଟା ଅଙ୍କରେ ଚାନ୍ଦା ଆଦାୟ ଓ ମିଥ୍ୟା କେସେ ଦେଇ ଅନ୍ୟକୁ ହଇରାଣ କରିବା ଚୋରା ମଦ ବେପାର କରୁ ଥିବା ଙ୍କ ଠାରୁ ମାସିକିଆ ଟଙ୍କା ନେବା ଓ ଚୋରା ମଦ ବିକୁ ଥିବା ଆସାମୀକୁ ଥାନା କୁ ଆଣି ଟଙ୍କା ନେଇ ଛାଡି ଦେବା ଅସ୍ତରଙ୍ଗ ଥାନା ଅଞ୍ଚଳରେ ଗତ ୭ମାସ ହେଲା ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଭାଙ୍ଗିପଡିଛି । ଚୋରି ବଢୁଛି, ଅଭିଯୋଗ ହେଉଛି, କିନ୍ତୁ ତଦନ୍ତର ନାଁ ରେ କେବଳ ଫାଇଲ୍ ଭରୁଛି । ଏହି ବିଫଳତାରେ ଅତିଷ୍ଠ ହୋଇ ମଙ୍ଗଳବାର ଅସ୍ତରଙ୍ଗ ବ୍ୟବସାୟୀ ମହାସଂଘ ସହ ଆଖପାଖ ଗ୍ରାମର ଶହ ଶହ ଲୋକ ଥାନା ସମ୍ମୁଖରେ ୫ ଘଣ୍ଟାରୁ ଅଧିକ ସମୟ ଧାରଣା ଦେଇଥିଲେ ।

ବ୍ୟବସାୟୀ ସଂଘ ପକ୍ଷରୁ ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢୀଙ୍କ ମାଧ୍ୟମରେ ପୁରୀ ଏସ୍ପି ଙ୍କୁ ଦାବୀ ପତ୍ର ଦିଆଯାଇଛି । ଏହାର ପ୍ରତିଲିପି ମୁଖ୍ୟମନ୍ତ୍ରୀ, ଗୃହ ବିଭାଗ, ଡିଜିପି ଓ ପୁରୀ ଏସପିଙ୍କୁ ମଧ୍ୟ ପଠାଯାଇଛି । ଦାବୀ ପତ୍ର ଉଲ୍ଲେଖ ଅଛି ଯେ ଗତ ୭ ମାସରେ ଭେଡାବନ୍ଧ, ବନ୍ତିଲୋ, ପୋଟଳଛକ, ବରଡି, କେନ୍ଦ୍ରାପଟି ଆଦି ଗାଁର ବିଭିନ୍ନ ସ୍ଥାନର ମନ୍ଦିର, ଅଙ୍ଗନବାଡି ଓ ବିଦ୍ୟାଳୟରୁ ଚୋରି ହୋଇସାରିଲାଣି । ରାତ୍ର ପାଟ୍ରୋଲିଂ ନାହିଁ, ଅଭିଯୋଗ ପରେ ଦୃଢ ତଦନ୍ତ ନାହିଁ, ଆଉ ଅପରାଧୀ ଧରାପଡୁନାହାନ୍ତି । ଏଥିପାଇଁ ସାଧାରଣ ଲୋକଙ୍କ ମଧ୍ୟରେ ଅସୁରକ୍ଷା ବଢିଛି । ୭ ଦିନ ଭିତରେ ଥାନା ଅଧିକାରିଣୀଙ୍କୁ ବଦଳି କରି ଅପରାଧୀଙ୍କୁ ଗିରଫ କରିବାକୁ ଦାବି ହୋଇଛି ।



ପୂର୍ବରୁ ଘଟିଥିବା ସବୁ ଚୋରି ମାମଲା କେବଳ କାଗଜରେ ରହିଯାଇଛି । ଅଗଷ୍ଟରେ ଅସ୍ତରଙ୍ଗ ଥାନାଠାରୁ ୩୦ ମିଟର ଦୂର ବ୍ଲକ ଛକ ନିକଟରେ ଥିବା ଦୁଇଟି ପାନ ଦୋକାନରୁ ଚୋରି ହେଲା । ସେହି ତଦନ୍ତ ଅଧାରେ ଥିବା ବେଳେ ୧୭ତାରିଖ ରାତି ୧ଘ ୩୦ ମିନିଟ ରୁ ୨ଘ ୩୦ ମିନିଟ ମଧ୍ୟରେ ଥାନାଠାରୁ ମାତ୍ର ୫୦ମିଟର ମିଟର ଦୂର ହାଇସ୍କୁଲ ଛକର ମହାନ୍ତି କମ୍ୟୁନିକେସନର ଲୁହା ସଟର କାଟି ପ୍ରାୟ ୫୦ ଲକ୍ଷ ଟଙ୍କାର ମୋବାଇଲ ଓ ୩ ଲକ୍ଷ ଟଙ୍କା ଲୁଟ୍ ହୋଇଗଲା ।ଯାହା ସମସ୍ତ ଭିଡିଓ ସିସିଟିଭି ରେ କଏଦ ହୋଇଛି ।ଦୋକାନ ମାଲିକ ରାଜେଶ ମହାନ୍ତି ମଙ୍ଗଳବାର ସକାଳେ ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ । ଘଟଣାସ୍ଥଳକୁ ଅଧିକାରିଣୀ ବିଦିତା ନାୟକ, ଜିଲ୍ଲା ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ଆସିଥିଲେ । କିନ୍ତୁ ପୂର୍ବ ମାମଲା ଭଳି ଏହା ମଧ୍ୟ ଫାଇଲରେ ବନ୍ଦ ହୋଇଯିବ ବୋଲି ଆଶଙ୍କା । ସମସ୍ତ ସିସିଟିଭି ଫୁଟେଜ୍ ଥାଇ ମଧ୍ୟ ପୋଲିସ ହାତ ଖାଲି ।ବର୍ତମାନ ଅସ୍ତରଙ୍ଗର ବ୍ୟବସାୟୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଥାନା ଅଧିକାରିଣୀ ଓ କର୍ମଚାରୀଙ୍କ କାର୍ଯ୍ୟଶୈଳୀକୁ ନେଇ ସମସ୍ତେ ପ୍ରଶ୍ନ ଉଠାଉଛନ୍ତି ।

ସାଧାରଣ ଲୋକଙ୍କ ଅଭିଯୋଗ ଅନୁସାରେ ସରକାରୀ ତହବିଲରୁ ଟଙ୍କା ଖର୍ଚ କରି ଅସ୍ତରଙ୍ଗ ଥାନାକୁ ପାଟ୍ରୋଲିଂ ପାଇଁ ଦୁଇଟି ଚାରି ଚକିଆ ଗାଡି ଓ ଦୁଇରୁ ଚାରିଟି ବାଇକ୍ ଦିଆଯାଇଛି । ଖାତାରେ ଲକ୍ଷ ଲକ୍ଷ ଟଙ୍କାର ତେଲ ବିଲ୍ ମଧ୍ୟ ଉଠୁଛି । କିନ୍ତୁ ପାଟ୍ରୋଲିଂ ନାଁ ରେ କିଛି ନାହିଁ । ସ୍ଥାନୀୟ ଲୋକେ କହିଛନ୍ତି କିଛି ପୋଲିସ କର୍ମଚାରୀ ପାଟ୍ରୋଲିଂ ବାଇକ୍ ନେଇ ନିଜ ଘରକୁ ଯାତାୟାତ କରୁଛନ୍ତି । ଅର୍ଥାତ ସରକାରୀ ସମ୍ପତିର ଅପବ୍ୟବହାର ହେଉଛି କିନ୍ତୁ ସୁରକ୍ଷା ଶୂନ୍ୟ ।

ଏ ନେଇ ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢୀ ସଫେଇ ଦେଇ କହିଛନ୍ତି ଯେ ପୋଲିସ ଓ ବ୍ୟବସାୟୀଙ୍କ ମଧ୍ୟରେ ଆଲୋଚନା ହୋଇଛି । ଆଗକୁ ଏଭଳି ଘଟଣା ନହେବା ପାଇଁ ପଦକ୍ଷେପ ନିଆଯିବ । ତଦନ୍ତ ଜୋରଦାର କରାଯାଉଛି ଏବଂ ଏସପି ମହୋଦୟ ଅପରାଧୀଙ୍କୁ ଗିରଫ କରି ପରିସ୍ଥିତି ସୁଧାରିବେ ବୋଲି ସେ କହିଛନ୍ତି । ବଦଳି ସମ୍ପର୍କ ରେ ପ୍ରଶ୍ନ କରିବାରୁ କହିଛନ୍ତି ପୋଲିସ ସମସ୍ତେ ଟ୍ରେନିଂ ନେଇ କରି ଆସୁଛନ୍ତି ।ତେବେ ଗତ ୭ ମାସ ଧରି ଏହି 'ଆଲୋଚନା' ଓ 'ତଦନ୍ତ ଜୋରଦାର' କଥା ଶୁଣି ଶୁଣି ଲୋକେ ଥକିଲେଣି । ଗାଡି ଆସିଲା କିନ୍ତୁ ପାଟ୍ରୋଲିଂ ଆସିଲାନି । ଫଳ ଶୂନ୍ୟ ।ବ୍ୟବସାୟୀ ସଂଘ ସଭାପତି ଦୁଷ୍ମନ୍ତ କୁମାର ପରିଡା କହିଛନ୍ତି, 'ଫେବୃଆରୀରୁ ଅସ୍ତରଙ୍ଗରେ ମଠ, ମନ୍ଦିର ଓ ଦୋକାନରୁ ଲଗାତାର ଚୋରି ହେଉଛି । ରାତ୍ର ପାଟ୍ରୋଲିଂ ନାହିଁ । ନିଶା ଓ ବାଲି ମାଫିଆ ସକ୍ରିୟ । ତୁରନ୍ତ ଅଧିକାରିଣୀ ଓ କିଛି କର୍ମଚାରୀଙ୍କୁ ବଦଳି କରାଯାଉ ।' ବ୍ୟବସାୟୀ ସତ୍ୟବ୍ରତ ଲେଙ୍କା କହିଛନ୍ତି, '୭ ମାସରେ ଅସ୍ତରଙ୍ଗର ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଭାଙ୍ଗିପଡିଛି । କେବଳ ମାମଲା ରୁଜୁ ହେଉଛି କିନ୍ତୁ ଅପରାଧୀ ଧରାପଡୁନାହାନ୍ତି । ଆମେ ସୁରକ୍ଷା ଚାହୁଁଛୁ । ୭ଦିନ ଭିତରେ ପଦକ୍ଷେପ ନନେଲେ ଆନ୍‌ଦୋଳନ ଆହୁରି ତୀବ୍ର ହେବ ।'

ସମୁଦାୟରେ ଗତ ୭ ମାସରେ ଅସ୍ତରଙ୍ଗ ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ରକ୍ଷା ଓ ଅପରାଧ ନିୟନ୍ତ୍ରଣରେ ପୋଲିସ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ସାଧାରଣରେ ଅଭିଯୋଗ ହେଉଛି ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut** ସଂପାଦକ: ଶରତ ରାଉତ